# ଭାରତୀ ଦେବୀ

## ଏକ ଆଲୋକ ବର୍ତ୍ତିକା

ଡକ୍ଟର ସୁବାଷ ନାୟକ



# ଭାରତୀ ଦେବୀ

## (ଏକ ନାରୀ କେନ୍ଦ୍ରୀକ ଉପନ୍ୟାସ ସାହିତ୍ୟ)



ପ୍ରଫେସର ଡକ୍ଟର ସୁବାଷ ନାୟକ

**bîeZú ù\aú**
ùfLK : **WKe iaîh ^îdK**

**_KîgK : a^`f _Kîg^ú,**
baù^ge, ùcî : 9437613438
Aùcf : banaphulabooks@gmail.com
_[c iîÄeY : C}k \ai 2022, cfý : U. 130 /-

**Bharati Deebi**
By : Dr Subash Nayak

Published By : Banaphula,
Bhubaneswar, Odisha
1st Edition : Utkal Diwas, 2022
Copyright : Banaphula
Price : 130 .00

**ISBN : 978-93-91727-19-2**


# ଉତ୍ସର୍ଗ




## ଲେଖିକା ଜୟନ୍ତୀ ନାୟକ
## ଓ ପରିବାରକୁ

ମୋର ମାନସ ମନ୍ଥନ - ସାରସ୍ୱତ ସମ୍ଭାର - "ଭାରତୀ ଦେବୀ" - ଏକ ନାରୀ କେନ୍ଦ୍ରୀକ ଉପନ୍ୟାସ ସାହିତ୍ୟଟିକୁ ମୋର ଏକମାତ୍ର ବଡନାନୀ ଜୟନ୍ତୀ ନାୟକ (ଯେକି ଭାରତୀ ଦେବୀଙ୍କ କନ୍ୟାରତ୍ନା) ଜୟନ୍ତୀ - ଓଡିଆ ସାହିତ୍ୟର ଜଣେ ଲେଖିକା । ମୋର ପ୍ରାରମ୍ଭିକ ଶିକ୍ଷାପାଇଁ ନାନୀ ମୋର ହାତଧରି ସ୍କୁଲକୁ ନେଇଥିବାର ବଜ୍ର ଶପଥ, ଆଜି ମୋର ପୁସ୍ତିକାଟିକୁ ତାଙ୍କୁ ଉତ୍ସର୍ଗ ନିମିତ୍ତ ମାତ୍ର । ସାହିତ୍ୟିକଟିଏ ତା'ର ସାହିତ୍ୟ କୃତିରେ ସାର୍ଥକତା ପାଇଥାଏ, ଯେତେବେଳେ ସେ ତା'ର କୃତିଟିକୁ ନିଜର ମନର ମଣିଷକୁ ଉତ୍ସର୍ଗ କରିଥାଏ ।

ଭବଦୀୟ



(ପ୍ରଫେସର ଡକ୍ଟର ସୁବାଷ ନାୟକ)

## ଔପନ୍ୟାସିକ ଙ୍କ କାନଭାସରେ ଭାରତୀ ଦେବୀ

ଭାଷା ଭିତ୍ତିକ ରାଜ୍ୟ ଓଡିଶା, ତା'ର ଭାଷା – ଓଡିଆ । ଦୀର୍ଘ ୨୫୦୦ ଉର୍ଦ୍ଧ୍ୱ ଭାଷାର ବ୍ୟବହାର ଆମ ମାତୃଭାଷା ଭାରତ ସରକାର ଓଡିଆକୁ ଭାରତୀୟ ଶାସ୍ତ୍ରୀୟ ଭାଷାର ମର୍ଯ୍ୟାଦା ପ୍ରଦାନ କରିଛନ୍ତି, ଏହା ସହିତ ଆମ ଓଡିଆ ସାହିତ୍ୟର ଏକ ସୁଦୀର୍ଘ ସାରସ୍ୱତ ଗଳ୍ପ, କବିତା, ଉପନ୍ୟାସ, ନାଟକ, ଅନୁବାଦ, ପ୍ରବନ୍ଧ, ସମାଲୋଚନା, ନିବନ୍ଧ, ଜୀବନୀ ସାହିତ୍ୟ, ସମୀକ୍ଷା ସାହିତ୍ୟ, ସନ୍ଦର୍ଭ ସାହିତ୍ୟ ଆଦି ବିଭାଗ ସାହିତ୍ୟକୁ ସମୃଦ୍ଧ କରିପାରିଅଛି ।

ସାହିତ୍ୟର ବିଭିନ୍ନ ବିଭାଗରେ କଲମ ଚାଳନା କରିଥିବା ବ୍ୟକ୍ତିଙ୍କୁ ସାହିତ୍ୟିକର ମର୍ଯ୍ୟାଦା ପ୍ରଦାନ କରାଯାଇଥାଏ । ଓଡିଆ ସାହିତ୍ୟ ଏକ ମହାସାଗର ହେଲେ, ମୁଁ ସେଥିରେ ମାତ୍ର ବିନ୍ଦୁଟିଏ, ମୋର ସୃଷ୍ଟିସମ୍ଭାର –

କବିତା – ପ୍ରିୟା (ଏକ କାବ୍ୟ ସାହିତ୍ୟ)

ଗଳ୍ପ – ପଥହରା ପଥିକ (ଏକ ଗଳ୍ପ ସାହିତ୍ୟ)

ଉପନ୍ୟାସ – ଭାରତୀ ଦେବୀ (ଏକ ନାରୀ କେନ୍ଦ୍ରୀକ ଉପନ୍ୟାସ)

ନାଟକ – ଅସ୍ତମିତ ସୂର୍ଯ୍ୟ ବାବାଜୀ (ଏକ ସାମାଜିକ ନାଟ୍ୟ ସାହିତ୍ୟ)

ଅନୁବାଦ – ନରେନ୍ଦ୍ର ମୋଦିଙ୍କ କାବ୍ୟମାନସ – "ଏକ ଯାତ୍ରା"
(ଏକ ଓଡିଆ ଅନୁବାଦ ସାହିତ୍ୟ)

ପ୍ରବନ୍ଧ – ଭାରତୀୟ ସାହିତ୍ୟ ର କାବ୍ୟପୁରୁଷ
ନରେନ୍ଦ୍ର ମୋଦି ଓ କାଳିନ୍ଦୀଚରଣ ପାଣିଗ୍ରାହୀ
(ଏକ ଆଲୋଚନାତ୍ମକ ପ୍ରବନ୍ଧ ସାହିତ୍ୟ)

ସମାଲୋଚନା – ସୃଜନପ୍ରଭା – ଓଡିଆ ସାହିତ୍ୟ ର ସୃଷ୍ଟି ଓ ସ୍ରଷ୍ଟା
(ଏକ ସୃଜନଶୀଳ ସମାଲୋଚନା ସାହିତ୍ୟ)

ନିବନ୍ଧ – ସାରସ୍ୱତ ସାଧିକା ନନ୍ଦିନୀ ଶତପଥି
(ଏକ ଗବେଷଣାତ୍ମକ ନିବନ୍ଧ ସାହିତ୍ୟ)

ଜୀବନୀ ସାହିତ୍ୟ – ରାମଚନ୍ଦ୍ର ନାୟକ – ଏକ ଅମ୍ଳାନ ପ୍ରତିଭା
(ଏକ ଜୀବନୀ ସାହିତ୍ୟ)

ସମୀକ୍ଷା – ବିଜୁ ଜନତା ଦଳ – ଓଡିଶା ଜନମାନସ ର ସେବକ
(ଏକ ରାଜନୈତିକ ସମୀକ୍ଷା ସାହିତ୍ୟ)

ସନ୍ଦର୍ଭ ସାହିତ୍ୟ – ନରେନ୍ଦ୍ର ମୋଦିଙ୍କ କାବ୍ୟମାନସ – "ଏକ ଯାତ୍ରା"
ଭାରତୀୟ ସାହିତ୍ୟରେ ପ୍ରତିଫଳନ
(ଏକ ଗବେଷଣାତ୍ମକ ସନ୍ଦର୍ଭ କାବ୍ୟ ସାହିତ୍ୟ)

ସାହିତ୍ୟ ସନ୍ଦର୍ଭ – ନରେନ୍ଦ୍ର ମୋଦିଙ୍କ କାବ୍ୟମାନସ – "ଏକ ଯାତ୍ରା"
ବିଶ୍ୱସାହିତ୍ୟରେ ପ୍ରତିଫଳନ
(ଏକ ଉଚ୍ଚତର ଗବେଷଣା ସନ୍ଦର୍ଭ କାବ୍ୟ ସାହିତ୍ୟ)

ମୋର ବାରଗୋଟି ପୁସ୍ତକ ମଧ୍ୟରେ – ଏକ ଉପନ୍ୟାସ ସାହିତ୍ୟର ପରିକଳ୍ପନା – ସେ ପୁଣି ଏକ ନାରୀ କେନ୍ଦ୍ରୀକ ନେଇ, ସେ ହେଉଛନ୍ତି – ମୋର ଗର୍ଭଧାରିଣୀ ଜନ୍ମଦାତ୍ରୀ – ମା' ଭାରତୀ ଦେବୀ । ଏହି ଉପନ୍ୟାସଟିର ନାରୀ କେନ୍ଦ୍ରୀକ ହୋଇଛନ୍ତି – ଭାରତୀ ଦେବୀ, ତାଙ୍କର ଜୀବନୀକୁ ନେଇ ଏହି ଉପନ୍ୟାସର ମୂଳପିଣ୍ଡି । ତାହାକୁ ବିଷାଦ ଭାବରେ ବର୍ଣ୍ଣନା କରାଯାଇଛି – କନ୍ୟାରତ୍ନ ଭାରତୀ

ଭଗିନୀ ଭାରତୀ

ଧର୍ମପତ୍ନୀ ଭାରତୀ

ଜନନୀ ଭାରତୀ

ଶାଶୁ ମା' ଭାରତୀ

ଆଈ ମା' ଭାରତୀ

ଜେଜେ ମା' ଭାରତୀ


ସ୍ମୃତିର ଆଇନାରେ ଭାରତୀ ଦେବୀ ଙ୍କ

କିଛି ଫଟୋଗୁଚ୍ଛ

ସାହିତ୍ୟିକଟିଏ ନିଜର ସାହିତ୍ୟ କୃତିକୁ ନିଜର ମନର ମଣିଷକୁ ଉତ୍ସର୍ଗ କରିଥାଏ, ସେଥିରୁ ମୁଁ ବା ବାଦ୍ ପଡନ୍ତି କିପରି, ଏଥିରେ ମୁଁ ମୋର ବଡନାନୀ ଜୟନ୍ତୀ ନାୟକ - ଯେକି ଭାରତୀ ଦେବୀଙ୍କର ଏକମାତ୍ର କନ୍ୟାରତ୍ନ । ଜୟନ୍ତୀ ହେଉଛନ୍ତି - ଓଡିଆ ସାହିତ୍ୟର ଜଣେ ଲେଖିକା ତାଙ୍କୁ ଉତ୍ସର୍ଗ କରିଅଛି ।

ଏ ସାରସ୍ୱତ କୃତି - ଭାରତୀ ଦେବୀ - (ଏକ ନାରୀ କେନ୍ଦ୍ରୀକ ଉପନ୍ୟାସ ସାହିତ୍ୟ)ଟି ପାଠକୀୟ ଆଦୃତି ଲାଭ ସହ ମୋର ଶ୍ରମ ସାର୍ଥକ ହେବାନେଇ ଗଭୀର ଆଶା ଓ ବିଶ୍ୱାସ । ଓଡିଆ ସାହିତ୍ୟର ଉପନ୍ୟାସ ଧାରାରେ, ଏହି ଉପନ୍ୟାସଟି ଏକ ସିନ୍ଧୁରେ ବିନ୍ଦୁଭଳି କାର୍ଯ୍ୟଧାରା ବଜାୟ ରଖୁ ଏହା ହିଁ କାମନା ।

ସାହିତ୍ୟସେବକ



(ପ୍ରଫେସର ଡକ୍ଟର ସୁବାଷ ନାୟକ)

ଓଡିଆ ସାହିତ୍ୟର ଉପନ୍ୟାସ ଶୈଳୀରେ ଅଧ୍ୟୟନ ଅନ୍ୟ କେତେକ ଶୈଳିକ ଅନୁଷଙ୍ଗ ଉପରେ ନିର୍ଭରକରେ । ଶୈଳୀ ସମ୍ପର୍କିତ ଧାରଣା ଆଜି ବେଶୀ ଆଙ୍ଗିକ ଭିତ୍ତିକ ନୁହେଁ, ସେତେବେଶୀ ବରଂ ଆତ୍ମିକ ଭିତ୍ତିକ । ସରଳତା ଭିତ୍ତିକ ଆବେଗିକ ଏକ ମୁଖୀନତା ବହୁକାଳ ପର୍ଯ୍ୟନ୍ତ ଓଡିଆ ଉପନ୍ୟାସରେ ଚିତ୍ର ଚରିତ୍ର ଭିତରେ ପରିଲିଖିତ ହେଉଥିଲା । ମାତ୍ର ଅନ୍ତଶ୍ଚେତନର ଚିତ୍ରଣ, ମଗ୍ନ ଚୈତନ୍ୟର ଉଦ୍‌ଘାଟନ, ଆତ୍ମା ସ୍ୱୀକାରୋକ୍ତି ଆଦି ବହୁ ବିଷୟ ସାମ୍ପ୍ରତିକ ଓଡିଆ ଉପନ୍ୟାସକୁ ଅଧିକ ବୈଦ୍ଧିକ ଓ ପ୍ରତୀକଧର୍ମୀ କରିଅଛି । ଏହାଦ୍ୱାରା ଉପନ୍ୟାସର ବକ୍ତବ୍ୟ ଆଧାରିତ ବର୍ଣ୍ଣନାଂଶ ଅଧିକ ପ୍ରତୀକାତ୍ମକ ହେଉଛି ଓ ଏକ ବିଶେଷ ଅର୍ଥ ଚିତ୍ର ଚରିତ୍ର ଉପରେ ପ୍ରତୀକିତ ହୋଇଅଛି ।

ଉପନ୍ୟାସର ଭାବପିଣ୍ଡ ବଦଳିଛି । ସଂପ୍ରତିକ ଓଡିଆ ଉପନ୍ୟାସ ଯେତେବେଶୀ ଗଳ୍ପ ପ୍ରଧାନ ନୁହେଁ, ସେତେବେଶୀ ଭାବପ୍ରଧାନ । ତେଣୁ, ସାଧାରଣ ପାଠକ ଏ ପ୍ରକାର ର ଉପନ୍ୟାସର ଭାବପ୍ରସ୍ଥ ଓ ତା'ର ପ୍ରତିପାଦନଗତ ବାର୍ତ୍ତାକୁ ଏତେ ସହଜରେ ବୁଝିପାରେ ନାହିଁ । ଗୋଟିଏ ନିର୍ଦ୍ଦିଷ୍ଟ ଚରିତ୍ର ଭିତରେ ପରସ୍ପର ବିରୋଧିଭାବ ସଂସ୍ଥାପିତ ହେଇଥିବା ହେତୁ ଉଭୟ ନାୟକ ଓ ଖଳନାୟକର ଏକତ୍ର ଚିତ୍ରଣ ହେଇଛି । ଭଲ, ମନ୍ଦ, ପାପ, ପୁଣ୍ୟ, ମଧ୍ୟରେ ଏକ କୃତ୍ରିମ ବ୍ୟବଧାନ ଆଧୁନିକ ଉପନ୍ୟାସରେ ରକ୍ଷା କରାଯାଉ ନାହିଁ, କାରଣ – ଏ ଉଭୟ ବିଷୟ ଗୋଟିଏ ଚରିତ୍ର ଭିତରେ ଥାଇପାରେ, ଏହା ହେଉଛି ଆଜିର ସବୁଠାରୁ ସତ୍ୟଭିତ୍ତିକ କଳା ଓ ଉପନ୍ୟାସର ବିଶ୍ୱାସଗତ ଆଦର୍ଶ । ନିଜ ଜୀବନକୁ ଅବିକଳ ରୂପ ଦେବାର ସତ୍ୟଶୀଳତା, ତେଣୁ ସାଂପ୍ରତିକ ଉପନ୍ୟାସରେ ଉଣା ଅଧିକେ ପରିଲିଖିତ ହୁଏ । କୌଣସି ବୈଚିତ୍ର୍ୟହୀନ ଜୀବନ ଚିତ୍ରକୁ ସରସ କାହାଣୀରେ ପରିଣତ କରିବାର ପ୍ରବଣତା ଆଧୁନିକ ଔପନ୍ୟାସିକର ବହୁତ କମ୍ ।

ଆଜିର ଉପନ୍ୟାସ ବହିଃର୍ଭାଗ ଅତ୍ୟନ୍ତ ବୈଚିତ୍ର୍ୟହୀନ, କାରଣ – ଚରିତ୍ର ଗୁଡିକର ଅନ୍ତଶ୍ଚେତନର ବିଶ୍ଳେଷଣରେ ଔପନ୍ୟାସିକ ସମସ୍ତ ଶିଳ୍ପ ଚେଷ୍ଟାକୁ ବିନିଯୋଗ କରୁଛି । ଏହି ଅନ୍ତଶ୍ଚେତନ ଚିତ୍ରଣରେ ସେ ନିଜକୁ ବରଂ ସମ୍ପୃକ୍ତି କରୁଛି, ଯେଉଁଥିପାଇଁ ପ୍ରତ୍ୟେକ ଉପନ୍ୟାସର ବାର୍ତ୍ତାରେ ଲେଖକର ଉଭୟ କଳାଦୃଷ୍ଟି ଓ ଜୀବନଦୃଷ୍ଟିର ସମନ୍ୱିତ ପ୍ରକାଶ

ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ଦେଖିବାକୁ ମିଳୁଅଛି ।

ଆଧୁନିକ ଓଡିଆ ଉପନ୍ୟାସରେ ଯଦିଓ ଗତାନୁଗତିକ ଉପନ୍ୟାସର ବହୁ ଲକ୍ଷଣ ବା ଉପସ୍ୱର୍ଗ ଦେଖିବାକୁ ମିଳେ ତଥାପି ସେଥିରେ ନୂତନ କେତେକ ବିଷୟ ଓ ତା'ର ସଂସ୍ଥାପନା ଗତ କଳା କୌଶଳକୁ ଆଦୌ ଅସ୍ୱୀକାର କରିହେବନି । ଔପନ୍ୟାସିକ ନିଜର ବ୍ୟକ୍ତିଗତ ଭାବ, ଭାବନା ଯାହା ଅନେକାଂଶରେ ଅନ୍ତଶ୍ଚେତନା ଓ ତତ୍‌ଜନିତ ପ୍ରତୀକାତ୍ମକ ଅଭିବ୍ୟକ୍ତି ମୂଳକ ତାକୁ ବ୍ୟକ୍ତ କଲାବେଳେ ପାଠକର ମଣିଷର ମନ ଓ ପ୍ରକୃତି ସମ୍ପର୍କିତ ଧାରଣା ସହିତ ଏକତ୍ୱ ରକ୍ଷାକରି ପାରୁନାହିଁ ।

ଜୀବନର ତାହା ଯେକୌଣସି ଭାଗର ଚିତ୍ର ହେଉପଛେ ତା'ର ଚିତ୍ରଣ ଯେଉଁ କଳାଭୋଗ ଓ କାବ୍ୟାତ୍ମକତାର ଅପେକ୍ଷା ରଖେ ତାହା ବିଭିନ୍ନ କାରଣରୁ କେତେକ ଆଧୁନିକ ଓଡିଆ ଉପନ୍ୟାସରେ ପରିଲିଖିତ ହେଉନାହିଁ । ଶୈଳୀରେ ତାଙ୍କ ଶିଳ୍ପୀ ଜୀବନର ସେହି ପୁରୁଷକାରଟି ବେଶ୍ ଉଦ୍‌ଭାଷିତ ହୋଇ ଉଠୁଛି, ସେହି ଉଦ୍‌ଭାସନ ଓଡିଆ ଉପନ୍ୟାସର ଖୁବ୍ କୁଚିତ୍ ବର୍ଣ୍ଣନାଂଶରେ ପରିଲିଖିତ ହୁଏ ।

ଔପନ୍ୟାସିକ ଙ୍କୁ ଜୀବନର କୌଣସି ଧ୍ୟାନ, ଧାରଣା, ଚିନ୍ତା ଚୈତନ୍ୟ ନୁହେଁ କେବଳ ମଣିଷର ପରିଚିତ ମୌଳ ଅନୁଭବକୁ ଉଦ୍ରିତ କରିବା ଆଧୁନିକ ଔପନ୍ୟାସିକର ଲକ୍ଷ୍ୟ, କେତେକ ଆଧୁନିକ ଓଡିଆ ଉପନ୍ୟାସରେ ବ୍ୟବହୃତ ମିଥ୍ ଓ ଆର୍କିଟାଇପ୍ ମଣିଷର ଏକ ମୌଳ ଭାବନାକୁ ଅଧିକ ପ୍ରତିଭାଦିପ୍ତ କରି ପ୍ରକାଶ କରିଛି । ନାରୀ ଓ ପୁରୁଷର ଗୋପନୀୟ ସମ୍ପର୍କ ସର୍ଜନଶୀଳ ପ୍ରଜନନ ର ଅଂଶବିଶେଷ, ଏହି ଅନୁଭବଟି ଜୈବିକ ଓ ଏକାନ୍ତ ଅଦିମ । ନାରୀପୁରୁଷ ଏହି ଗୋପନୀୟ ଅନ୍ଧାରୀ ଉତ୍ସ (Secret and Darkest Sources)କୁ ନାନା ସଙ୍କେତ ଓ ଆର୍କିଟାଇପ୍ ଭିତରେ ରୂପଦାନ କରିବାରେ ଏ ଶତାବ୍ଦୀର ବୃହତ୍ତର କଳା ସାଧନା ହେଉଛି – ଉପନ୍ୟାସ । ଜୀବନର ସମସ୍ତ ମୂଲ୍ୟବୋଧକୁ ଜୀବନନିଷ୍ଠ କରି ପୁଣି ସଂସ୍ଥାପନ କରିବାରେ ଉପନ୍ୟାସ ଆଜି ତା'ର ଶ୍ରେଷ୍ଠତା ପ୍ରତିପାଦନ କରିଅଛି ।

ଅଧିକାଂଶ ଆଧୁନିକ ଉପନ୍ୟାସର ଗଦ୍ୟଭାଗ ପ୍ରତ୍ୟକ୍ଷ ଭାବରେ ମଣିଷ ଜୀବନରୁ ହିଁ ଉତ୍ସାନ୍ତରିତ ହୋଇଯାଇଛି – ସଂପ୍ରତିକ ଉପନ୍ୟାସରେ ଔପନ୍ୟାସିକ ନିଜର ଅନୁଭବ ସବୁକୁ ଲେଖିଲାବେଳେ ଏପରି ବିରଳ ଓ ପରିବୋଧନୀୟ ମୂହୁର୍ତ୍ତ ସବୁକୁ ଲେଖୁଛି । ଜଣେ ସମ୍ବୋଦନଶୀଳ ପାଠକର ପ୍ରତିକ୍ରିୟା (Response) ଉପନ୍ୟାସର ଗଳ୍ପ କିମ୍ବା ସମସ୍ୟା ନଖୋଜି ଉପନ୍ୟାସର ବର୍ଣ୍ଣନାରେ ନିଜର ପରିଚିତ ଅନୁଭୂତିକୁ ହିଁ ଖୋଜେ ।

ଓଡିଆ ଉପନ୍ୟାସ ସାମଗ୍ରିକ ଭାବେ ତା'ର ସୁଦୀର୍ଘ ଉତ୍ତରଣ ଭିତରେ ଉଲ୍ଲିଖିତ ଲୋକ ଜୀବନର ଭାବ ଓ ଭାଷାକୁ ପରିଶେଷରେ ଗ୍ରହଣ କରିଛି, ଯାହା ଅନେକ କାଳ ପର୍ଯ୍ୟନ୍ତ ହୁଏତ ମୌଳିକ ଭାବେ ଅପରିବର୍ତ୍ତିତ ହୋଇରହିବ ।

ଔପନ୍ୟାସିକ ଆଜି ଯେତେ ବ୍ୟକ୍ତି କେନ୍ଦ୍ରୀକ ଅନୁଭବ ସବୁକୁ ଉପନ୍ୟାସରେ ଲେଖିଲେ ହେଁ ତାହାର ଅଧିଚେତନା (Sub-Conscious)ରେ ଗଣଭିତ୍ତିକ କଳାନୁଷଙ୍ଗର ପ୍ରଭାବ ରହିଛି । ଜଣେ ନିହାତି ବ୍ୟକ୍ତିବାଦୀ ଶିଳ୍ପୀର ସମାଜ ସମ୍ପର୍କରେ ଅଭିଜ୍ଞତାକୁ ତେଣୁ ଆଦୌ ଅସ୍ୱୀକାର କରିହେବ ନାହିଁ ।

ମଣିଷର ଦୃତ ପରିବର୍ତ୍ତିତ ଚିନ୍ତା ଓ ଚେତନାର ପ୍ରକୃତ ପ୍ରକାଶ ତୀର୍ଥ ହେଉଛି ସତେଯେପରି ଆଜିର ଉପନ୍ୟାସ । ଉପନ୍ୟାସର ଆତ୍ମିକ ଭାବପିଣ୍ଡ ଯେପରି ଭାବରେ ପରିବର୍ତ୍ତିତ ହେଉଛି – ଫର୍ମ ମଧ୍ୟ ସେହି ଭାବରେ ଗତିଶୀଳ ହେଉଛି । କାରଣ ଶୈଳୀ ହେଉଛି ମନ ଓ ଆତ୍ମାର ପ୍ରେରଣାତ୍ମକ ସଙ୍କେତ ।

ଉପନ୍ୟାସ ସବୁ କାଳରେ ସାହିତ୍ୟର ଯେକୌଣସି ବିଭାବ ପରି ଶିଳ୍ପୀମନ ଓ ତା'ର ଆତ୍ମାର ଏକ ଏକ ରୂପକ । ଆଜି କେବଳ ଉପନ୍ୟାସରେ ନୁହେଁ ସାହିତ୍ୟର କଳ୍ପନା ଏହି ଭାବରେ ଅଧିକ ଉଷ୍ମ ଓ ଗତିଶୀଳ । ଉପନ୍ୟାସର ପ୍ରକୃତ ଲକ୍ଷ୍ୟ ହେଉଛି – ମଣିଷର ରୁଗ୍ଣ ମନ (Morbid Mind) ଓ ନିଜ ସମ୍ପର୍କରେ ତା'ର ସମସ୍ତ ହୀନମାନ୍ୟତାକୁ ଦୂରକରି ତଥା ବ୍ୟାଧିତ ପୃଥିବୀକୁ ସଂଶୋଧନ କରି କଳ୍ପିତ ପୃଥିବୀକୁ ପାଠକ ଙ୍କ ସମ୍ମୁଖରେ ଉପସ୍ଥାପିତ କରିବା ।

ଔପନ୍ୟାସିକ ନିଜେ ଆଜି ତା' ଉପନ୍ୟାସ ପୃଷ୍ଠାରେ ତୃତୀୟ ପୁରୁଷ ନହେଉ ହେଉଛି - ପ୍ରଥମ ପୁରୁଷ । ତେଣୁ ଉପନ୍ୟାସର ମୁଖ୍ୟ ଚରିତ୍ର ସବୁ (Rictious Hero) ନହେଇ ହୋଇଛନ୍ତି ଅଧିକାଂଶରେ (Author Hero), ଉପନ୍ୟାସରେ ଯେଉଁମାନଙ୍କର ନିର୍ଦ୍ଦିଷ୍ଟ ବକ୍ତବ୍ୟ ରହିଛି । ଆଜି ଉପନ୍ୟାସ, ତେଣୁ ଔପନ୍ୟାସିକ ଙ୍କର ନିଜସ୍ୱ ଜୀବନୀଭୂତିର ଏକ ଏକ ସରସ ମେଟାପର (Every Novel is extended Metaphor of the Author's views of life on life itself).

ଆଜିର ଉପନ୍ୟାସ ଅଧିକ ଭାବପ୍ରଧାନ ହେବାର କାରଣ ପ୍ରକୃତରେ ଅନେକ ଗଳ୍ପ କହିବା ନୁହେଁ, କୌଣସି ବୈଚିତ୍ର୍ୟହୀନ ଜୀବନ ଚିତ୍ର ବା ଚରିତ୍ରକୁ ସରସ କାହାଣୀରେ ପରିଣତ କରିବା ନୁହେଁ ବରଂ ପାଠକର ପରିଚିତ ଅନୁଭୂତିକୁ ଆଦ୍ର କରିବା ହିଁ ଆଜି ଉପନ୍ୟାସ ରଚନାର ଲକ୍ଷ୍ୟ ।

ଶିଳ୍ପୀ ତା'ର ନିଜସ୍ୱ, ପର ସମ୍ପର୍କ ଭିତରେ ଏହି ପରିବର୍ତ୍ତନକୁ ରୂପାୟିତ କରେ । ମଣିଷ ସମ୍ପର୍କ ବିଶ୍ୱ ସମ୍ପର୍କର ଅନ୍ୟରୂପ । ଏହି ସମ୍ପର୍କ କୁ ଆଜିର ଔପନ୍ୟାସିକ ନାନାମତେ ମଣିଷ ଜୀବନ ପରିଚାର୍ଯ୍ୟ ଭିତରେ ପ୍ରତୀକିତ କରୁଛି ।

ଓଡ଼ିଆ ଉପନ୍ୟାସରେ ପରିବର୍ତ୍ତିତ ଶିଳ୍ପକଳାର ଅନ୍ୟ ଏକ ବିଷୟ ହେଲା - ଔପନ୍ୟାସିକ ଙ୍କ କଳାଦୃଷ୍ଟି ଓ ଜୀବନଦୃଷ୍ଟି ମଧ୍ୟରେ ଏକ ଅନ୍ତରୀଣ ନିବିଡତା । ଜୀବନକୁ ଗଳ୍ପ ଭାବରେ ରୂପାୟିତ କରିବା ଆଧୁନିକ ଔପନ୍ୟାସିକ ଙ୍କ ସକ୍ଷମରେ ନାହିଁ ।

ଓଡ଼ିଆ ଉପନ୍ୟାସର ଶିଳ୍ପକଳାରେ ଚରିତ୍ର ଚିତ୍ରଣ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ । ନାରୀ ଚରିତ୍ର ଚିତ୍ରଣ ହିଁ ସାମାଜିକ ପରିବର୍ତ୍ତନକୁ ଅଧିକ ପ୍ରତୀକିତ କରିଥାଏ । କାରଣ ସମାଜର ସବୁ ନୀତିନିୟମ ଓ ସତୀତ୍ୱର ଧାରଣା ମୁଖ୍ୟତଃ ନାରୀକୁ କେନ୍ଦ୍ରକରି ଗଢିଉଠିଛି ।

ଆଧୁନିକ ଉପନ୍ୟାସର ଶିଳ୍ପାଦର୍ଶ ଦ୍ରୁତ ଗତିରେ ପରିବର୍ତ୍ତନ ହେବା ସହିତ ଔପନ୍ୟାସିକ ଙ୍କର ଏହି ସମାଜ ସମ୍ପର୍କ ନିବିଡ ଭାବରେ ସଂଶ୍ଳିଷ୍ଟ । ସମାଜ ଇତିହାସ ଭିତ୍ତିରେ ବଦଳୁଛି, ସେ ପାଇଁ ଇତିହାସରେ ଗତିଅଛି, ଏକ ସଫଳ ଉପନ୍ୟାସ ଇତିହାସରେ ସେହି ଗତିଧାର ର ସ୍ମାରକୀ ।

ଓଡିଆ ସାହିତ୍ୟ ର ଉପନ୍ୟାସ ଧାରାରେ – ବହୁ ପ୍ରତିଷ୍ଠିତ ଔପନ୍ୟାସିକ କଲମ ଚାଳନା କରି – ଓଡିଆ ଉପନ୍ୟାସ ସାହିତ୍ୟ ନୁହେଁ – ଭାରତୀୟ ଉପନ୍ୟାସ କୁ ଋଦ୍ଧିମନ୍ତ କରିପାରିଛନ୍ତି । ସେମାନଙ୍କର ମଧ୍ୟରେ ଓଡିଆ ଉପନ୍ୟାସ ସାହିତ୍ୟ ର ଜନକ ଫକୀରମୋହନ ସେନାପତି ଅବା ଗୋପିନାଥ ମହାନ୍ତି, କାଳିନ୍ଦୀଚରଣ ପାଣିଗ୍ରାହୀ, ସୁରେନ୍ଦ୍ର ମହାନ୍ତି, ଶାନ୍ତନୁ କୁମାର ଆଚାର୍ଯ୍ୟ, ନିତ୍ୟାନନ୍ଦ ମହାପାତ୍ର, ଗଣେଶ୍ୱର ମିଶ୍ର, ପ୍ରତିଭା ରାୟ ପ୍ରମୁଖ ଶିଳ୍ପୀମାନେ ଅନ୍ୟତମ ।

ଔପନ୍ୟାସିକ ଫକୀରମୋହନ ସେନାପତିଙ୍କ "ଛମାଣ ଆଠଗୁଣ୍ଠ", କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ "ମାଟିର ମଣିଷ", ଗୋପିନାଥ ମହାନ୍ତିଙ୍କ "ମାଟିମଟାଳ", ସୁରେନ୍ଦ୍ର ମହାନ୍ତିଙ୍କ "ହଂସଗୀତ", ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ "ନରକିନ୍ନର", ପ୍ରତିଭା ରାୟଙ୍କ "ଯାଜ୍ଞସେନୀ" ଆଦି ଉପନ୍ୟାସ ଓଡିଆ ସାହିତ୍ୟ କାହିଁକି ଭାରତୀୟ ସାହିତ୍ୟର ଗୋଟିଏ ଗୋଟିଏ ଅମ୍ଳାନ ଦୀପଶିଖା ।

ଅଧିନ ଓଡିଆ ସାହିତ୍ୟର ଏକ ସାହିତ୍ୟିକ ଭାବରେ – ଶାସ୍ତ୍ରୀୟ ଓଡିଆ ଭାଷା ମହାସାଗର ରେ ମୁଁ ଏକ ଜଳକଣା ମାତ୍ର । ଏକ ଉପନ୍ୟାସ ସାହିତ୍ୟଟିଏ ରଚନା କରିବାର ଅଭିଳାଷ ନେଇଛି । ସେ ଏକ ନାରୀ କେନ୍ଦ୍ରୀକ ଉପନ୍ୟାସ ସାହିତ୍ୟଟିଏ । ଯେଉଁ ନାରୀଙ୍କୁ ନେଇ ମୁଁ ଏ ଉପନ୍ୟାସ ରଚନା କରିବାର ଦୁର୍ବାର ସ୍ୱପ୍ନ ସଞ୍ଚିତ କରିଅଛି, ସେ ଆଉ କେହି ନୁହଁନ୍ତି – ସେ ମୋ ଜନ୍ମଦାତ୍ରୀ – ମା' ଭାରତୀ ଦେବୀ ।

ନାରୀ ହିଁ ନାରାୟଣୀ, ସୃଷ୍ଟିକାରିଣୀ, ସମଗ୍ର ମହୀମଣ୍ଡଳ ତା'ର ସୃଷ୍ଟି । ସେ ଜାୟା, ଜନନୀ, ଭଗିନୀ ରୂପରେ ଆଖ୍ୟାୟିକା । ଦୁହିତା ଦୁଇ କୂଳକୁ ହିତା । ସେ ମୋତେ ଦଶମାସ ଦଶଦିନ ନିଜ ଗର୍ଭରେ ଧାରଣା କରି ଜନ୍ମ ଦେଇଥିବା ମୋ ମା' ।

ମୋ ମା' ଭାରତୀ ଦେବୀ ଭୁବନ ଗାଁର (ଅଧୁନା ଭୁବନ ସହର)ର ଅତ୍ୟାଧିକ ଜନବସତି ଥିବା – ଅରାସାହି ରେ ଏକ ଶୁଭ ଲଗ୍ନରେ – ଭାରତୀୟ ସ୍ୱାଧିନତାର ସାଧାରଣତନ୍ତ୍ର (ସମ୍ବିଧାନ ଦିବସ) – ଜାନୁୟାରୀ ୨୬,୧୯୫୦ ମସିହାରେ ମା' ଶୋଳାଦେଇ, ବାପା ଲକ୍ଷ୍ମୀଧର ଦାସ ଙ୍କର ଷଷ୍ଠ ଗର୍ଭର କନ୍ୟାରତ୍ନଟିଏ । ୨ ଭାଇ ଓ ୪

ଜଣ ଭଉଣୀଙ୍କର ମଧ୍ୟରୁ ସବୁଠୁ ସାନଝିଅ ହୋଇଥିବାରୁ ତଥା ତତ୍‌ସମୟର ସମାଜ ସଂସ୍କାରିତ (ନାରୀଶିକ୍ଷା ବିରୋଧି) ପାରିବାରିକ ଚିନ୍ତାଧାରା ରେ ସର୍ବଜନନ ଶିକ୍ଷା ପାଠପଢାରୁ ବଞ୍ଚିତ ଭାରତୀ ଦେବୀ ଗୃହକର୍ମ ତଥା ସଂସ୍କାରୀ ଭାବରେ ସିଦ୍ଧିହସ୍ତା ଥିଲେ ।

ଜନ୍ମ, ଶିକ୍ଷା, କର୍ମ ପରେ ନାରୀର ଯୌବନଦିପ୍ତରେ ପ୍ରତ୍ୟେକ ବାପା, ମା' - ତା'ର କନ୍ୟା ସନ୍ତାନକୁ ବିବାହ କରାଇ ନୂଆ ସଂସାର ଗଢିବାରେ ସ୍ୱପ୍ନାରତ ଥାଆନ୍ତି - ସେଥିରୁ ଭାରତୀ ଦେବୀ ବାଦ୍ ପଡନ୍ତେ ବା କିପରି । ୨୦ ବର୍ଷ ବୟସରେ ଉପନୀତା ଭାରତୀ ପାଣି ଗ୍ରହଣ କରନ୍ତି - ଭୁବନ ଗାଁ ପୋଥାଳ ସାହିସ୍ଥ - ଭୂତିଦେବୀ - ସ୍ୱର୍ଗତ ବାବାଜୀ ନାୟକ ଙ୍କ ସୁପୁତ୍ର ଶିଳ୍ପୀ ରାମଚନ୍ଦ୍ରଙ୍କୁ । ବାସ ତା'ପରେ ଭାରତୀଙ୍କ ଜୀବନ ଆକାଶରେ ଘୋର ପରିବର୍ତ୍ତନ ଆସିଲା ।

୪ ଗୋଟି ସନ୍ତାନ ଓ ସନ୍ତତିକୁ ନେଇ ଭାରତୀ ଦେବୀଙ୍କର ତେଲ ଲୁଣର ସଂସାର । ୧ ମାତ୍ର କନ୍ୟା ଜୟନ୍ତୀ - ଲେଖିକା, ବଡପୁଅ ସୁବାଷ - ଅଧ୍ୟାପକ, ମଧ୍ୟମପୁଅ ପ୍ରକାଶ - ଓକିଲ, ସାନପୁଅ ମାନସ - ଶିକ୍ଷକ ଭାବରେ ଉଚ୍ଚଶିକ୍ଷା ପାଇ ସମାଜରେ ପ୍ରତିଷ୍ଠିତ ତଥା ଜ୍ୱାଇଁ ଓ ପୁତ୍ରବଧୂ, ନାତିନାତୁଣୀ, ଜେଜେମା ଅବା ଆଈ ର ଭୂମିକାରେ ବୟସର ଅପରାହ୍ଣରେ ଉପନୀତ ।

ପିଲାମାନଙ୍କୁ ଶିକ୍ଷା ସହିତ ସଂସ୍କାର ଅବା ଉତ୍ତମ କୂଳରେ ବନ୍ଧୁ ସ୍ଥାପନ ଯେପରି ଭାରତୀ ଦେବୀଙ୍କର ସ୍ୱପ୍ନାତୀର୍ଥ ସାର୍ଥକରେ ପରିପୂର୍ଣ୍ଣ ।

କୁହାଯାଏ - ପ୍ରତ୍ୟେକ ସଫଳତା ପୁରୁଷ ପଛରେ ନାରୀର ଭୂମିକା ଅତୁଳନୀୟ । ସେଥିରୁ ଭାରତୀ ଦେବୀ ବାଦ୍ ପଡନ୍ତେ ବା କିପରି - ସ୍ୱାମୀ ରାମଚନ୍ଦ୍ର ବୃତ୍ତିରେ କାଠ କାରିଗର ଥିଲେ - ପରେପରେ ଜଣେ କାଠଶିଳ୍ପୀ ଭାବରେ ଜାତୀୟସ୍ତରରେ ପରିଚିତ ନାମ ଅବା ସମାଜସେବା ସହ ରାଜନୀତିରେ ଶିଖର ସୋପାନରେ ବରିଷ୍ଠତମ ରାଜନେତା ଭାବରେ ମାନବସେବାରେ ନିୟୋଜନ ଆଦି ତାଙ୍କୁ ଭାରତୀ ଦେବୀଙ୍କ ପ୍ରସନ୍ନତା ଛଡା ଅନ୍ୟକିଛି ନୁହେଁ କହିଲେ ଅତ୍ୟୁକ୍ତି ହେବନାହିଁ ।

ନାରୀର ଅନ୍ୟନାମ - ଅନ୍ନଦାତ୍ରୀ ମା' ଲକ୍ଷ୍ମୀ । ଜଣେ ଧର୍ମପରାୟଣା ମହିଳା

ଭାବରେ ଭାରତୀ ଦେବୀ ମା' ଲକ୍ଷ୍ମୀଙ୍କ ଉପାସିକା । ଭାରତର ମେରୁଦଣ୍ଡ - କୃଷି କାର୍ଯ୍ୟ, ଧନଧାନ୍ୟରେ ନିପୁଣ - ନାରୀର ସୌଭାଗ୍ୟ, ସେଥିରେ ଅକ୍ଳେକେ ଭାରତୀ ଦେବୀ ସିଦ୍ଧହସ୍ତା

ଜଣେ ସ୍ୱାମୀଭକ୍ତା ଧର୍ମପତ୍ନୀ, ସନ୍ତାନର ଆଦରଣୀୟ ମା', ସମ୍ମାନୀୟ ଶାଶୁ ମା', ଆଦରଣୀୟ ଜେଜେମା ବିଭିନ୍ନ ରୂପରେ ଅଭିନୀତା । ଏ ସମାଜ ଏକ ରଙ୍ଗମଞ୍ଚ ନାଟକ, ସେ ବା ଏଥିରୁ ବାଦ୍ ପଡନ୍ତେ କିପରି ।

ମୋର ଏହି ସାରସ୍ୱତ ସମ୍ଭାର -

(ଭାରତୀ ଦେବୀ - ଏକ ନାରୀ କେନ୍ଦ୍ରୀକ ଉପନ୍ୟାସ ସାହିତ୍ୟ) ମଧ୍ୟରେ - କନ୍ୟାରତ୍ନା ଭାରତୀ, ଭଗିନୀ ଭାରତୀ, ଧର୍ମପତ୍ନୀ ଭାରତୀ, ଜନନୀ ଭାରତୀ, ଶାଶୁ ମା' ଭାରତୀ, ଆଈ ମା' ଭାରତୀ, ଜେଜେ ମା' ଭାରତୀ ଆଦି ତାଙ୍କର ଜୀବନ ଓ ଦର୍ଶନକୁ ବିଷାଦ ଭାବରେ ରଚନା କରିବା - ଏ ଉପନ୍ୟାସଟିର ପ୍ରାଣପିଣ୍ଡ ହେବ ।

ଏ ଉପନ୍ୟାସଟିକୁ ସଂପୂର୍ଣ୍ଣ କରିବାପାଇଁ ମା' ବାଗ୍‌ଦେବୀ ସରସ୍ୱତୀ ମୋତେ ବାଣୀ କୃପା କରନ୍ତୁ ଏତିକି ପ୍ରାର୍ଥନା । ଜଣେ ଛୋଟ ସାହିତ୍ୟିକଟିଏ ଭାବରେ ଓଡିଆ ସାହିତ୍ୟର ଉପନ୍ୟାସ ସାହିତ୍ୟ ଧାରାରେ ଏକ ଜଳବିନ୍ଦୁ ଭାବରେ ପ୍ରବାହମାନ ହେବ ବୋଲି ମୋର ଆଶା ଓ ବିଶ୍ୱାସ ।

ସାହିତ୍ୟିକଟିଏ ଚାହେଁ - ତା'ର ସାହିତ୍ୟ କୃତିଟିକୁ ଜଣଙ୍କୁ ଉତ୍ସର୍ଗ କରିବାପାଇଁ - ମୁଁ ମୋର ମାନସମନ୍ଥନ ଉପନ୍ୟାସଟିକୁ ଭାରତୀ ଦେବୀଙ୍କ ଏକମାତ୍ର କନ୍ୟାରତ୍ନା - ମୋର ନାନୀ ଲେଖିକା ଜୟନ୍ତୀ ନାୟକ ଙ୍କୁ ଉତ୍ସର୍ଗ କରୁଅଛି । ଗର୍ଭଧାରିଣୀ ଜନନୀ ମାତୃଋଣ ସୁଝି ହୁଏନାହିଁ, ମାତ୍ର ଜଣେ ସୁପୁତ୍ର ଭାବରେ ଏ କାର୍ଯ୍ୟଟି କରିବା ମୋ ଆତ୍ମସନ୍ତୋଷ ପ୍ରାପ୍ତ ଅଟେ ।

ଆଶାକରେ - ଏ ନାରୀ କେନ୍ଦ୍ରୀକ ଉପନ୍ୟାସ ସାହିତ୍ୟିଟି ଓଡିଆ ସାହିତ୍ୟର ବିକାଶରେ ସାହାଯ୍ୟ କରିବାସହ ପାଠକୀୟ ଆଦୃତି ଲାଭ କରିପାରିଲେ ମୋ ସାରସ୍ୱତ ସାଧନାକୁ ସ୍ୱୀକୃତି ମିଳିବ ।

---

# <u>ସୂଚୀପତ୍ର</u>

## <u>ଭାରତୀ ଦେବୀ</u>


| | <u>ପୃଷ୍ଠା</u> |
|---|---|
| କନ୍ୟାରତ୍ନା ଭାରତୀ | ୧-୪ |
| ଭଗିନୀ ଭାରତୀ | ୫-୧୪ |
| ଧର୍ମପତ୍ନୀ ଭାରତୀ | ୧୫-୨୨ |
| ଜନନୀ ଭାରତୀ | ୨୩-୩୮ |
| ଶାଶୁ ମା' ଭାରତୀ | ୩୯-୪୪ |
| ଆଈ ମା' ଭାରତୀ | ୪୫-୪୮ |
| ଜେଜେ ମା' ଭାରତୀ | ୪୯-୫୨ |
| ସ୍ମୃତିର ଆଇନାରେ | |
| ଭାରତୀ ଦେବୀଙ୍କ କିଛି | ୫୩-୬୬ |
| ଫଟୋଗୁଚ୍ଛ | |

## କନ୍ୟାରତ୍ନ ଭାରତୀ

ଭୁବନ ଏସିଆ ମହାଦେଶର ସର୍ବବୃହତ୍ତ ଗାଁ । ଭାରତୀୟ ସ୍ୱାଧିନତା ସଂଗ୍ରାମ ଇତିହାସରେ ଭୁବନର ଅବଦାନକୁ ଅସ୍ୱୀକାର କରାଯାଇପାରିବ ନାହିଁ । ୧୧ ଅକ୍ଟୋବର, ୧୯୩୮ ଇଂରେଜ ଫଉଜଙ୍କୁ ଭୁବନର ପ୍ରଜାମଣ୍ଡଳର ହୁକୁମ ନାହିଁ କହି ନୀଳକଣ୍ଠପୁର ବ୍ରାହ୍ମଣୀ ନଦୀରେ ଡଙ୍ଗାରେ ପାରକରି ଦେଇନଥିଲା, ସେହି ଦୁଃସାହାସୀ ବାରବର୍ଷର ବାଳକ କିଶୋର ବାଜିରାଉତ, ଇଂରେଜ ମାନଙ୍କର ଗୁଳିରେ - ଭାରତର ସର୍ବକନିଷ୍ଠ ଶହୀଦ୍‌ର ମର୍ଯ୍ୟାଦା ପାଇଥିଲା । ସେହି ମା' ମାଟି ଭୁବନକୁ ଚିରକାଳକୁ ଅମର କରି ଦେଇଥିଲା ।

କଂସା, ପିତ୍ତଳ ବାସନ ପାଇଁ ସମଗ୍ର ଭାରତରେ ପ୍ରସିଦ୍ଧି ଲାଭ କରିଥିବା ତଥା କାଠଶିଳ୍ପରେ ଏକ ସ୍ୱତନ୍ତ୍ରତା ସ୍ଥାନ ବଜାୟ ରଖିଥିବା ଏହି ଭୁବନ, ସର୍ବୋପରି ଭୁବନର ଦଶହରା ବଳଦଯାତ୍ରା - ଭାରତୀୟ ସଂସ୍କୃତିର ଝଲକ । ଏହା ଭୁବନର ଏକ ଗଣପର୍ବର ମର୍ଯ୍ୟାଦା ରଖେ ।

ଭୁବନ ଗାଁରେ ଛତିଶ ପାଟକର ଲୋକମାନେ ବସବାସ କରିଥାନ୍ତି । ଏମାନଙ୍କର ମୁଖ୍ୟ ଜୀବିକା ବ୍ୟବସାୟ ସହ ଚାଷକାର୍ଯ୍ୟ । ସେଥିମଧ୍ୟରୁ ଅର୍ଦ୍ଧାଧିକ ଲୋକ କାପୁଡିଆ ସମାଜର । ୧୯୭୨ ମସିହାରୁ - ଓଡିଶା ସରକାର ଭୁବନ ଗାଁକୁ ସହରର ମର୍ଯ୍ୟାଦା ପ୍ରଦାନ କରିଛନ୍ତି । ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍.ଏ.ସି.) ଗାଁରୁ ଛୋଟ ଧରଣର ଏକ ମଧ୍ୟମ ସହର ଭୁବନ ।

ମହାତ୍ମାଗାନ୍ଧୀ ଙ୍କର ନେତୃତ୍ୱରେ ଭାରତବର୍ଷ ଇଂରେଜ ମାନଙ୍କଠାରୁ ସ୍ୱାଧିନତା ପ୍ରାପ୍ତହେଲା - ୧୫ ଅଗଷ୍ଟ, ୧୯୪୭ ମସିହାରେ । ମହାତ୍ମାଗାନ୍ଧୀ ରାଷ୍ଟ୍ରପିତା ସହ ଭାରତୀୟ ଗଣତନ୍ତ୍ରରେ - ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ - ଜବାହାରଲାଲ ନେହୁରୁ ହେଲେ । ଭାରତକୁ କିପରି ଭାବରେ ପରିଚାଳନା କରାଯାଇପାରିବ - ସେଥିପାଇଁ ଏକ ସମ୍ବିଧାନ କାର୍ଯ୍ୟକାରୀ ହେଲା ୨୬ ଜାନୁୟାରୀ, ୧୯୫୦ ମସିହାରେ । ଏହି ପବିତ୍ର ଦିନରେ ଭାରତର ମହାମହିମ ରାଷ୍ଟ୍ରପତି ନୂଆଦିଲ୍ଲୀରେ ଜାତୀୟ ପତାକା ଉଡାଇଥିଲେ ।

ଏହି ଶୁଭଦିନ ୨୬ ଜାନୁୟାରୀ, ୧୯୫୦ ମସିହାରେ ଏକ କନ୍ୟାରତ୍ନ ଜନ୍ମଗ୍ରହଣ କରିଥିଲା, ଭୁବନ ଗାଁର ଅରାସାହି ନିବାସୀ ବାପା ଲଛମନ ଦାସ (ଲକ୍ଷ୍ମୀଧର) ଔରସ ତଥା ମା' ଶୋଲାଦେଇ ଙ୍କ ଗର୍ଭରୁ ଷଷ୍ଠ ସନ୍ତତି - ନାମ ତା'ର ଶୁଭଲଗ୍ନରେ ଦିଆଗଲା - ଭାରତୀ । ସ୍ୱାଧିନ ଭାରତର ସାର୍ବଭୌମ୍ୟ ଦିବସରେ ଜନ୍ମିତ ଭାରତୀ । ମା'ଙ୍କର କୋଡପୋଛା ପିଲା । ଦୁଇପୁଅ - ଶତ୍ରୁଘ୍ନ, କୃଷ୍ଣଚନ୍ଦ୍ର ଓ ଚାରିଗୋଟି ଝିଅ - ସୀତା, ଗୋଡି, ବାସନ୍ତୀ, ଭାରତୀ ।

ବାପା ଲକ୍ଷ୍ମୀଧର ଓ ମା' ଶୋଲାଦେଇ ଙ୍କର ଶେଷ ସନ୍ତାନ ଭାରତୀ ହୋଇଥିବାରୁ ପରିବାରରେ ସମସ୍ତେ ତାଙ୍କୁ ଭଲ ପାଉଥିଲେ । କାଳକ୍ରମେ କନ୍ୟା - ଭାରତୀ ଧିରେଧିରେ ବଡହୋଇ ଚାଲିବା ସହ କଥା କହିବାକୁ ଲାଗିଲା । ଦୁଇଭାଇ ଓ ତିନିଜଣ ନାନୀଙ୍କ ଗ୍ରହଣରେ କନ୍ୟା ଭାରତୀର ଶୈଶବ ଖୁବ୍ ଆନନ୍ଦରେ କଟିଲା ।

ବାପା ଲକ୍ଷ୍ମୀଧର ଥିଲେ - ଜଣେ ସାଧାରଣ କୃଷକ । ନିଜର ଜମିବାଡି କିଛିଥିଲା ମଧ୍ୟ, ତାହାକୁ ସେ ନିଜେ ଚାଷ କରିଥାନ୍ତି । ଧାନଚାଷ ପରେ ରବି ଫସଲ ସମୟରେ - ବିରି, ମୁଗ ମଧ୍ୟ ଚାଷ କରିଥାଆନ୍ତି । ତେଲଲୁଣର ସଂସାର ମଧ୍ୟରେ ଆଠପ୍ରାଣୀ କୁଟୁମ୍ବକୁ ବାପା ଲକ୍ଷ୍ମୀଧର ଚଳାଇଥାନ୍ତି - ଭାବ ନଥିଲେ ମଧ୍ୟ ଅଭାବ ନଥିଲା, ଜଣେ ନିମ୍ନ ମଧ୍ୟବତୀ ପରିବାର ଭଳି ତାଙ୍କର ଜୀବନ ଅତିବାହିତ ହୋଇଥିଲା ।

ପରବର୍ତ୍ତୀ ମୂହୁର୍ତ୍ତରେ ଶୋଲାଦେଇ ଙ୍କର ଭାଇ ନଥିବାରୁ ତାଙ୍କ ବାପା ଓ ମା'ଙ୍କ ପାଖକୁ ଭୁବନର ପୋଥାଳ ସାହିକୁ ଛୋଟ ବେଳରୁ ପୁଅ ହୋଇ ଯାଇଥିଲେ - ଲକ୍ଷ୍ମୀଧରଙ୍କ ସାନପୁଅ କୃଷ୍ଣ, ନାମ ତାଙ୍କର କୃଷ୍ଣଚନ୍ଦ୍ର ଦାସରୁ ହୋଇଥିଲା - କୃଷ୍ଣଚନ୍ଦ୍ର ପୋଥାଳ । ଅଜାଘର ତଥା ତାଙ୍କ ସମ୍ପତ୍ତିର ଉତ୍ତରାଧିକାରୀ ହୋଇଥିଲେ - କୃଷ୍ଣଚନ୍ଦ୍ର ।

ଅବଶିଷ୍ଟ ଚାରିଜଣ ଝିଅ, ଗୋଟିଏ ପୁଅ ଶତ୍ରୁଘ୍ନ ତଥା ଧର୍ମପତ୍ନୀ ଶୋଲାଦେଇ ଙ୍କୁ ନେଇ ଲକ୍ଷ୍ମୀଧର ପରିବାର । ସମାଜରେ ଶିକ୍ଷାର ପ୍ରଚାର ପ୍ରସାର ନଥିଲା, ହାତଗଣତି କେତୋଟି ପରିବାର ରେ ପିଲାମାନେ ପାଠ ପଢୁଥିଲେ, ବିଶେଷତଃ ଶିକ୍ଷିତ ଓ ଥିଲା ଘରର ଝିଅମାନେ ସେହି ସମୟରେ ପାଠ ପଢୁଥିବାର ନଜିର ସମାଜରେ ରହିଅଛି । ଲକ୍ଷ୍ମୀଧର ନିଜର ପିଲାମାନଙ୍କୁ ଚାଟଶାଳୀ ଶିକ୍ଷାସହ ପ୍ରାକ୍ ପ୍ରାଥମିକ ଶିକ୍ଷା ପଢାଇଥିଲେ । ପୁଅଝିଅମାନେ

ସଂଖ୍ୟା ଗଣିବା ଓ ଅକ୍ଷର ପଢିବାରେ ତାଙ୍କର ଶିକ୍ଷାପ୍ରାପ୍ତି ହେଲା ବୋଲି ସେତେବେଳେ କେତେକ ପରିବାର ରେ ଗଣା ଯାଉଥିଲା, ସେଥିରୁ ମଧ୍ୟ ବାଦ ପଡିଥିଲେ - ଲକ୍ଷ୍ମୀଧର ଙ୍କର ପୁଅ ଓ ଝିଅମାନେ, ଅନ୍ୟ ଭାଇ ଓ ଭଉଣୀମାନେ - ପ୍ରାକ୍ ପ୍ରାଥମିକ ଶିକ୍ଷା ଗ୍ରହଣ କରିଥିଲେ ମଧ୍ୟ - ଭାରତୀ ଦେବୀ କୌଣସି ଶିକ୍ଷା ଗ୍ରହଣ କରିପାରିନଥିଲେ ।

ପିଲାଟି ଦିନରୁ ଭାରତୀ ଦେବୀଙ୍କୁ ଦଶବର୍ଷ ବୟସ ହେଇ ଥିବାବେଳେ ସେ, ସେ ସମୟରେ ପୋଷାକ (ଡ୍ରେସ୍) ନପିନ୍ଧି - ଖଣ୍ଡିଏ ଖଣ୍ଡିଏ ଛୋଟ ଶାଢୀ ପିନ୍ଧୁଥିଲେ । ମା' ଶୋଲାଦେଇ ଙ୍କୁ ଘରକାମରେ - ରୋଷେଇ ବସାରେ ସାହାଯ୍ୟ କରିବାସହ କାଞ୍ଜିଆ ତଥା ତାସ୍ ଖେଳରେ ସମୟ ବିତାଉଥିଲେ ।

ସମୟର କାଳଚକ୍ରରେ ସମସ୍ତେ ପରିଚାଳିତ । ଭାଇ ଶତ୍ରୁଘ୍ନ, ବୃତ୍ତିରେ ଜଣେ ଚାଷୀ, ବାପା ଲକ୍ଷ୍ମୀଧର ଙ୍କୁ ଚାଷ କାର୍ଯ୍ୟରେ ସାହାଯ୍ୟ କରିଥାନ୍ତି । ପରେପରେ ତାଙ୍କର ବିବାହ - ଭୁବନର କାଳିନ୍ଦୀ ପୃଷ୍ଟିଙ୍କ ଭଉଣୀଙ୍କ ସଙ୍ଗେ ହେଲା । ବଡନାନୀ ସୀତା, ଭୁବନ ନାୟକ ସାହିର ସପନି ଦାସଙ୍କ ପୁଅ ହୃଦାନନ୍ଦ ଦାସ (ଠୁରିଆ) ସହ ତଥା ମଧ୍ୟମନାନୀ ଗୋଡିର, ନାୟକ ସାହିସ୍ଥ ହାଡିବନ୍ଧୁ ନାୟକ ଙ୍କ ସହିତ ବିବାହ ହେଲା । ଘରେ ମାତ୍ର ଦୁଇଭଉଣୀ - ବାସନ୍ତୀ ଓ ଭାରତୀ ମା' ଶୋଲାଦେଇ ପାଖରେ ରହିଲେ ।

ପର୍ଯ୍ୟାୟକ୍ରମେ ବାସନ୍ତୀର ଭଦ୍ରକ ଜିଲ୍ଲାର ବାସୁଦେଇପୁର ରେ ମହେନ୍ଦ୍ର ପୃଷ୍ଟି ସହ ବିବାହ ହେଲା ଓ ଭାରତୀ ବାପା - ଲକ୍ଷ୍ମୀଧର, ମା' - ଶୋଲାଦେଇ ତଥା ଭାଇ ଓ ଭାଉଜ ଙ୍କ ପାଖରେ ନିଜର ସମୟ ଅତିବାହିତ କରିଲେ । ବାପା - ଲକ୍ଷ୍ମୀଧର ଜଣେ କୃଷକ ହୋଇଥିବାରୁ ଘରେ ଗାଈ ଓ ବାଛୁରୀ ରହିଥିଲା । ସେମାନଙ୍କୁ ଖାଇବାକୁ କୁଣ୍ଡା, ତୋରାଣୀ ମା'ଙ୍କ ସହିତ ଭାରତୀ ଘରକାମ କରୁଥିଲେ ।

କାଳକ୍ରମେ ଭାରତୀଙ୍କ ବିବାହ ଭୁବନ ପୋଥାଳ ସାହିସ୍ଥ - ବାବାଜୀ ନାୟକ ଙ୍କ ମଧ୍ୟମପୁତ୍ର କାଠଶିଳ୍ପୀ ରାମଚନ୍ଦ୍ର ଙ୍କ ସହିତ ହେଲା, ସେ ବାପାକୁଳ ରୁ ଶାଶୁକୁଳ କୁ ଆସି ଦୁଇକୁଳ କୁ ଜଣେ ଦୁହିତା ଭାବରେ ହିତସାଧନା କରିଥିଲେ । ଭାରତୀ ଦେବୀ ନିଜର ଚାରିଗୋଟି ସନ୍ତାନ ସନ୍ତତି, ଯଥା - ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି ଓ ନାତୁଣୀ ଙ୍କୁ

ନେଇ ଶ୍ରୀରାମ ପରିବାର ରେ ସୁଖର ସଂସାର କରୁଛନ୍ତି ।

ଭାରତୀ ଦେବୀ ଏକ ନାରୀ କେନ୍ଦ୍ରୀକ ଉପନ୍ୟାସର ନାୟିକା - ସ୍ୱୟଂ ଭାରତୀ ଦେବୀ ।

## ଭଗିନୀ ଭାରତୀ

ଭୁବନ ଗାଁର ଜଣେ ସାଧାରଣ କୃଷକ ଲକ୍ଷ୍ମୀଧର ଦାସ ଓ ଜଣେ ସାଧାରଣ ଗୃହୀଣି ଥିଲେ - ତାଙ୍କ ଧର୍ମପତ୍ନୀ ଶୋଲାଦେଇ । ଚାରିଜଣ ଝିଅ - ସୀତା, ଗୋଡ଼ି, ବାସନ୍ତୀ, ଭାରତୀ ଓ ଦୁଇଜଣ ପୁଅ - ଶତ୍ରୁଘ୍ନ ଓ କୃଷ୍ଣଚନ୍ଦ୍ର ଙ୍କୁ ନେଇ ତାଙ୍କ ତେଲ ଲୁଣର ସଂସାର । ସ୍ୱଳ୍ପ ଚାଷଜମିରେ ନିଜେ ଚାଷ କରିବା ସହିତ ଅନ୍ୟ ଲୋକଙ୍କର ଚାଷଜମିରେ ଭାଗୀଦାରି ଚାଷକରି ଯେଉଁ ଧାନଫସଲ ଅମଳ କରୁଥିଲେ, ତାହା ସହିତ ରବି ଋତୁରେ ନିଜ ଚାଷଜମିରେ - ବିରି, ମୁଗ ଚାଷକରି ନିଜ ପରିବାର ର ଭରଣପୋଷଣ କରିପାରୁଥିଲେ

ଜଣେ ସାଧାସିଧା, ଆମାୟିକ, ମିଳାପି, ନିଃସ୍ୱାର୍ଥପର, ଧର୍ମପରାୟଣ ବ୍ୟକ୍ତିଥିଲେ ଉଭୟ ପତି ପତ୍ନୀ ଲକ୍ଷ୍ମୀଧର ଓ ଶୋଲାଦେଇ, ତାହାର ପ୍ରଭାବ ତାଙ୍କର ଛଅଜଣ ପିଲାଙ୍କଠି ପଡିଥିଲା । ପିଲାମାନଙ୍କୁ ଉପଯୁକ୍ତ ଆନୁଷ୍ଠାନିକ ଶିକ୍ଷା (ସ୍କୁଲ ଶିକ୍ଷା) - ସେହି ସମୟରେ ସଂସ୍କାରଧର୍ମୀ ସମାଜରେ ଦେଇ ପାରିନଥିଲେ ମଧ୍ୟ ସଂସ୍କାର, ସଭ୍ୟତା, ବ୍ୟବହାର ପ୍ରଦାନ କରିଥିଲେ ।

ଭାରତୀ ଦେବୀ - ଏକ ନାରୀ କେନ୍ଦ୍ରୀକ ଉପନ୍ୟାସ ରେ - ଭାରତୀ ଦେବୀ ମୁଖ୍ୟ ଚରିତ୍ର । ପରିବାର ରେ ଜଣେ ଭଗିନୀ ଭାବରେ ଦୁଇଭାଇ ଓ ତିନିଜଣ ନାନୀଙ୍କ ସହିତ ତାଙ୍କର ଭାବଗତ ସମ୍ପର୍କ କୁ ଉପନ୍ୟାସରେ ଚିତ୍ରଣ କରାଯାଇଛି ।

### ବଡଭାଇ - ଶତ୍ରୁଘ୍ନ -

ବାପା ଲକ୍ଷ୍ମୀଧର ଓ ମା' ଶୋଲାଦେଇ ଙ୍କ ପ୍ରଥମ ଗର୍ଭକୁ ପୁତ୍ରସନ୍ତାନ ଶତ୍ରୁଘ୍ନ ଙ୍କ ଜନ୍ମ ୧୯୩୫ ମସିହାରେ ପରାଧିନ ଭାରତବର୍ଷରେ । ବାପା-ମା'ଙ୍କର ପ୍ରଥମ ସନ୍ତାନ ହୋଇଥିବାରୁ ଅଜା-ଆଈ ତାଙ୍କୁ ଖୁବ୍ ଭଲ ପାଉଥିଲେ । ଶୈଶବ ଶତ୍ରୁଘ୍ନ - ଚାଟଶାଳୀରେ ପ୍ରାକ୍ ପ୍ରାଥମିକ ଶିକ୍ଷା ଗ୍ରହଣକରି କିଶୋର ଅବସ୍ଥାରୁ - (୧୫ ବର୍ଷ ବୟସରେ) - ବାପା ଲକ୍ଷ୍ମୀଧରଙ୍କ ସାଙ୍ଗରେ ବିଲବାଡିକୁ ଯିବାଆସିବା କରୁକରୁ ଜଣେ କୃଷକ ଭାବରେ ନିଜର ଜୀବିକା ନିର୍ବାହ କରିଲେ । ସେହି ସମୟରେ ବାଲ୍ୟ ବିବାହ ପ୍ରଥା ସମାଜରେ ପ୍ରଚଳନ ହେଉଥିବାରୁ ୧୭ ବର୍ଷ ବୟସରେ ଶତ୍ରୁଘ୍ନ ବିବାହ କରିଥିଲେ,

ତାଙ୍କ ସାହି - ଅରାସାହି ନିବାସୀ ବାବାଜୀ ପୃଷ୍ଟି ଙ୍କ କନ୍ୟା ସୁନ୍ଦରୀ ଙ୍କୁ । ସେ ଥିଲେ ଭୁବନର ପରିଚିତ - କାଳନ୍ଦୀ ପୃଷ୍ଟି ଙ୍କ ଭଉଣୀ । ତାଙ୍କ ବାପାଙ୍କର ଜମି, ଘରଡିହ ବହୁତ ଥିଲା, ସେ ଭୁବନରେ ଜଣେ ତତ୍‌କାଳୀନ ଧନୀକ ବ୍ୟକ୍ତି ମଧ୍ୟରେ ପରିଗଣିତ ହେଉଥିଲେ ।

ସମୟକ୍ରମେ ଶତ୍ରୁଘ୍ନ ଙ୍କ ୪ ଗୋଟି ପୁଅଝିଅ ଜନ୍ମ ନେଇଥିଲେ । ପୁଅଦ୍ୱୟ - କୈଳାସ, ବିଳାସ ଓ କନ୍ୟାଦୁଇଟା - ଅହଲି ଓ ପଦୁଆଁ । ସେମାନଙ୍କୁ ଶିକ୍ଷା, କର୍ମ ପ୍ରଦାନକରି ଶତ୍ରୁଘ୍ନ ବିବାହ କରାଇଥିଲେ  ସମସ୍ତଙ୍କୁ ଏହି ଭୁବନ ଗାଁରେ । ପିଲାମାନେ ଛୋଟଛୋଟ ହୋଇଥିବା ବେଳେ ତାଙ୍କ ମା' ସୁନ୍ଦରୀ ମରିଯାଇଥିବାରୁ, ସେମାନେ ନିଜନିଜର ପିଉସୀ ମା'ଙ୍କ ସେବାଯତ୍ନରେ ବଢିଥିଲେ । ଦୁଇଝିଅ - ଅହଲି - ବେହେରା ସାହିରେ ବିବାହ କରିଥିଲେ, ତାଙ୍କ ସ୍ୱାମୀ ଥିଲେ ଜଣେ କୃଷକ । ପଦୁଆଁ - ବଡଦାଣ୍ଡ ଛକରେ ବିବାହ କରିଥିଲେ, ତାଙ୍କ ସ୍ୱାମୀ ଥିଲେ ଜଣେ କୃଷକ । ସେମାନେ ସେମାନଙ୍କର ପିଲାମାନଙ୍କୁ ନେଇ ସପରିବାର ରେ ରହିଥାନ୍ତି ।

ବଡପୁଅ - କୈଳାସ - ଏଠି ବାପାଙ୍କ ସାଙ୍ଗରେ କିଛିବର୍ଷ ଚାଷକାର୍ଯ୍ୟରେ ନିମଗ୍ନରହି - ନୂଆଦିଲ୍ଲୀର ଗୁଡ୍ ଗାଁରେ ଏକ ବେସରକାରୀ କମ୍ପାନୀରେ ଶ୍ରମିକ ଭାବରେ କାର୍ଯ୍ୟ କରନ୍ତି - ଭୁବନ ପୋଥାଳ ସାହିସ୍ଥ - ସୁନାମଧନ୍ୟ ସଂକୀର୍ତ୍ତନ ଗୁରୁ କୋଦଣ୍ଡ ଗୁରୁ ଙ୍କ ଝିଅଙ୍କୁ ବିବାହ କରିଥାନ୍ତି । ଦୁଇପୁଅ ଓ ଗୋଟିଏ ଝିଅକୁ ନେଇ ତାଙ୍କର ପରିବାର । ସାନପୁଅ - ବିଳାସ - ବାପାଙ୍କ ସାଙ୍ଗରେ ଚାଷକାର୍ଯ୍ୟ କରିଥାଏ, ପୋଥାଳ ସାହିରେ ବିବାହ କରନ୍ତି, ତାଙ୍କର କୌଣସି ସନ୍ତାନ ସନ୍ତତି ନାହାଁନ୍ତି ।

ବାପା ଲକ୍ଷ୍ମୀଧର ଓ ମା' ଶୋଲାଦେଇ ମରିଯିବା ପରେ ଭାଇ ଶତ୍ରୁଘ୍ନ ଉପରେ ପାରିବାରିକ ଦାୟିତ୍ୱ ପଡିଥିଲା । ଶତ୍ରୁଘ୍ନ - ସାନ ଭଉଣୀ - ଭାରତୀ କୁ - ଭାର ବୋଲି ଡାକନ୍ତି, ସେ ଯେତେବେଳେ ତାଙ୍କ ଭଉଣୀଙ୍କ ଘରକୁ ଯାଆନ୍ତି - ପ୍ରଥମେ ଭାର ସମ୍ବୋଧନ କରି ଡାକ ପକାଇଥାନ୍ତି ।

ଭାରତୀ ଦେବୀଙ୍କ - ସ୍ୱାମୀ କାଠଶିଳ୍ପୀ ରାମଚନ୍ଦ୍ର ଥିଲେ ଖୁବ୍ ସ୍ୱାଭିମାନୀ - ବିବାହର ପରେପରେ - ସେ କିଛିବର୍ଷ - ଶାଶୁ, ଶଶୁର ଙ୍କ ସହ ପାରିବାରିକ ସମ୍ପର୍କ ରଖିଥିଲେ ମଧ୍ୟ

କିଛିବର୍ଷ ଆଦୌ ସେଠାକୁ ତାଙ୍କର ପରିବାର ଗଲେନାହିଁ । ପରେପରେ ତାଙ୍କର ପାରିବାରିକ ସମ୍ପର୍କ ଉତ୍ତମ ହୋଇଥିଲା ।

ରାମଚନ୍ଦ୍ର - ଲକ୍ଷ୍ମୀଧର ଓ ଶୋଲାଦେଇ ଙ୍କ କନିଷ୍ଠା କନ୍ୟା ଭାରତୀ ଦେବୀଙ୍କୁ ବିନା ଯୌତୁକରେ ବୈଦିକ ରୀତିରେ ବିବାହ କରିଥିଲେ । ଶାଶୁ ଓ ଶଶୁର ଜ୍ୱାଇଁ ରାମଚନ୍ଦ୍ର ଙ୍କୁ ଖୁବ୍ ସମ୍ମାନ କରୁଥିଲେ ଜଣେ କର୍ମଠ - କାଠଶିଳ୍ପୀ ଭାବରେ ।

ବଡଶଳା - ଶତ୍ରୁଘ୍ନ ମଧ୍ୟ ଭଉଣୀ ଜ୍ୱାଇଁ ରାମଚନ୍ଦ୍ର ଙ୍କୁ ସମ୍ମାନ ଦେବାସହ - ଭାଣିଜୀ - ଜୟନ୍ତୀ ଓ ଭଣଜା - ସୁବାଷ, ପ୍ରକାଶ ଓ ମାନସ କୁ ବହୁତ ଭଲ ପାଉଥିଲେ । ବାପା - ଲକ୍ଷ୍ମୀଧର, ମା' - ଶୋଲାଦେଇ ସହ ଶତ୍ରୁଘ୍ନ ମଧ୍ୟ ବର୍ତ୍ତମାନ ସଂସାର ରୁ ବିଦାୟ ନେଇଛନ୍ତି ।

**<u>ସାନଭାଇ - କୃଷ୍ଣଚନ୍ଦ୍ର -</u>**

ବାପା - ଲକ୍ଷ୍ମୀଧର ଓ ମା' - ଶୋଲାଦେଇ ଙ୍କର ଦ୍ୱିତୀୟ ପୁତ୍ର ଥିଲେ - କୃଷ୍ଣଚନ୍ଦ୍ର । କୃଷ୍ଣ ଙ୍କୁ ଯେତେବେଳେ ମାତ୍ର ପାଞ୍ଚବର୍ଷ ବୟସ ବାପା-ମା' ତାଙ୍କୁ ଟେକି ଦେଇଥିଲେ - ଭୁବନ ପୋଥାଳ ସାହିସ୍ଥ - ତାଙ୍କର ଶାଶୁ ମାଳତୀ (ଡେଙ୍ଗେଇ) ଓ ଶଶୁର ବଇର ପୋଥାଳ ଙ୍କୁ ପାଳିତ ପୁଅ ଭାବରେ । ଏହାର କାରଣ ଶୋଲାଦେଇ ଙ୍କର ଭାଇ ନଥିଲେ, ବଂଶରକ୍ଷା ପାଇଁ ଅଜା-ଆଈ ତାଙ୍କ ନାତି କୃଷ୍ଣ କୁ ନେଇ ଲାଳନପାଳନ କରି ବଡ କରିଥିଲେ ।

କୃଷ୍ଣ ଅଜାଘରେ ବଢିଥିଲେ ଓ ତାଙ୍କର ଧନସମ୍ପତ୍ତି ଭୋଗ ଦଖଲ କରିଥିଲେ ମଧ୍ୟ ନିଜର ବାପା-ମା', ଭାଇ ଓ ଭଉଣୀ ଙ୍କ ସହିତ ଉତ୍ତମ ସମ୍ପର୍କ ରଖିଥିଲେ ଓ ସଦାସର୍ବଦା ନିଜର ଘର (ଅରାସାହି)କୁ ଆସୁଥିଲେ । ସେ ଜଣେ କୃଷକ ଭାବରେ ନିଜର ଜୀବିକା ନିର୍ବାହ କରୁଥିଲେ । କାଳକ୍ରମେ କୃଷ୍ଣଚନ୍ଦ୍ର - ଭୁବନ ପୋଥାଳ ସାହିସ୍ଥ ବଇର ବିହାରୀ ଙ୍କ କନ୍ୟା କୁନ୍ତଳା ଙ୍କୁ ବିବାହ କରିଥିଲେ । ତାଙ୍କର ଦୁଇପୁଅ - କିଶୋର, ବଡପୁଅ - ଅବିବାହିତ ଅଛନ୍ତି ଓ ସାନପୁଅ - ନିରଞ୍ଜନ - ସେହି ପୋଥାଳ ସାହିରେ ବିବାହକରି ସଂସାରିକ ରହିଛନ୍ତି । ଦୁଇଝିଅ - କୁନି ଓ ଟି ଭୁବନରେ ବିବାହକରି ନିଜନିଜର

ପିଲାମାନଙ୍କୁ ଧରି ପରିବାର ରେ ବ୍ୟସ୍ତ ଅଛନ୍ତି ।

ସାନଭାଇ - କୃଷ୍ଣଚନ୍ଦ୍ର - ଅଜାଙ୍କ ଘରକୁ ପୁଅ ହୋଇ ଯାଇଥିଲେ ମଧ୍ୟ - ଭାଇଭଉଣୀଙ୍କ ସହିତ ଉତ୍ତମ ସମ୍ପର୍କ ରଖିଛନ୍ତି । କୃଷ୍ଣ ତାଙ୍କ ସାନଭଉଣୀ - ଭାରତୀ ଦେବୀଙ୍କୁ ଖୁବ୍ ଭଲ ପାଉଥିଲେ । ଯେକୌଣସି ସ୍ଥାନକୁ ସେ ଯାଉଥିଲେ ସେହି ବାଟରେ ଗଲା ସମୟରେ - ଭଉଣୀ ଭାରତୀ ଙ୍କ ଘରକୁ ଯାଇ ତାକୁ ଦେଖାକରି ଯାଉଥିଲେ । ଭଉଣୀ ଭାରତୀ ଦେବୀ ଓ ଭାଇ କୃଷ୍ଣଚନ୍ଦ୍ର ଙ୍କ ମଧ୍ୟରେ ଅନ୍ୟଏକ ସମ୍ପର୍କ ସ୍ଥାପିତ ହୋଇଥିଲା । ଭାରତୀ ଦେବୀ (ପତି - ରାମଚନ୍ଦ୍ର ଙ୍କ) ଭଣଜା - ଭଉଣୀ ବେଙ୍ଗୁଲି ର ମଧ୍ୟମପୁତ୍ର - ତ୍ରିଲୋଚନ (ଠୁରିଆ) ଙ୍କୁ - କୃଷ୍ଣଚନ୍ଦ୍ର ଙ୍କ ବଡଝିଅ କୁନିର - ବିନା ଯୌତୁକରେ - ବୈଦିକ ମତେ ବିବାହ କାର୍ଯ୍ୟ ସଂପୂର୍ଣ୍ଣ ହୋଇଥିଲା । ଏଥିରେ ଭାରତୀ ଦେବୀଙ୍କ ଭୂମିକା ଥିଲା । ପରବର୍ତ୍ତୀ ସମୟରେ ଭଣଜା ବୋହୂ - କୁନି - ମାମୁଁ - ରାମଚନ୍ଦ୍ର ଓ ମାଇଁ - ଭାରତୀ ଙ୍କୁ ମଳାଶ୍ଵୁର ଓ ମାଇଁଶାଶ୍ଵୁର ମର୍ଯ୍ୟାଦ ନଦେଇ - ପୂର୍ବ ସମ୍ପର୍କ ବାପାଙ୍କ ଭଉଣୀ - ଭାରତୀ କୁ ପିଉସୀ ଓ ରାମଚନ୍ଦ୍ର ଙ୍କୁ ପିଉସାର ମର୍ଯ୍ୟାଦା ପ୍ରଦାନ କରୁଥିଲେ ।

ଭାରତୀ ଦେବୀଙ୍କ ସାନଭାଇ - କୃଷ୍ଣଚନ୍ଦ୍ର ଓ ଭାଉଜ କୁନ୍ତଳା - ଭଣଜା ଓ ଭାଣିଜୀ ମାନଙ୍କୁ ଖୁବ୍ ଭଲ ପାଉଥିଲେ । ଭାରତୀ ଙ୍କ ଏକମାତ୍ର ଝିଅ ଜୟନ୍ତୀ ଓ ବଡପୁଅ - ସୁବାଷର ବିବାହ ସମୟରେ ସେ ପ୍ରଥମ ମଉଳା (ମାସୁଘର) ଭାବରେ - ମଙ୍ଗଳୁତି କାର୍ଯ୍ୟ ସମ୍ପାପନ କରିଥିଲେ । ସେହି ସମୟରେ ରାମଚନ୍ଦ୍ର ଙ୍କ କ୍ରୋଧର ଶିକାରହେଇ ବଡଭାଇ ଶତ୍ରୁଘ୍ନ ଙ୍କ ପରିବାର ସହିତ ସମ୍ପର୍କ ନଥିଲା । କାଳକ୍ରମେ ଭଉଣୀ - ବାସନ୍ତୀ ର ପ୍ରୟାସରେ ସମ୍ପର୍କ ହେଲା । ଅନ୍ୟଦୁଇ ଭଣଜା ପ୍ରକାଶ ଓ ମାନସ ର ବିବାହ କାର୍ଯ୍ୟରେ ସାନମାମୁଁ କୃଷ୍ଣଙ୍କର ସପରିବାର ସକ୍ରିୟ ସହଯୋଗ ଥିଲା ।

ଘଟଣାକ୍ରମରେ କୃଷ୍ଣଚନ୍ଦ୍ର ମରିଯାଇଛନ୍ତି, ଧର୍ମପତ୍ନୀ କୁନ୍ତଳା ସେମାନଙ୍କ ପିଲାମାନଙ୍କ ସହିତ ପରିବାରରେ ଅଛନ୍ତି ।

**ବଡଭଉଣୀ - ସୀତାଦେବୀ -**

ବାପା ଲକ୍ଷ୍ମୀଧର ଓ ମା’ ଶୋଲାଦେଇ ଙ୍କର ଦୁଇପୁଅ - ଶତ୍ରୁଘ୍ନ ଓ କୃଷ୍ଣଚନ୍ଦ୍ର ସହିତ ଚାରିଜଣ ଝିଅ - ସୀତା, ଗୋଡି, ବାସନ୍ତୀ, ଭାରତୀ ମଧ୍ୟରେ ସୀତା ଥିଲେ ବଡ । ବାପା, ମା’ଙ୍କୁ ସୀତା ପିଲାଟିବେଳୁ ସାହାଯ୍ୟ କରୁଥିଲେ । ସୀତା ପାଠପଢା ଆଦୌ କରିନଥିଲେ, ସେ ସଦାସର୍ବଦା ଘରକାମରେ ମା’ ଶୋଲାଦେଇ ଙ୍କୁ ସାହାଯ୍ୟ କରୁଥିଲେ, ସେତେବେଳେ ବାଲ୍ୟ ବିବାହ ପ୍ରଥା ଚାଲୁଥିଲା ।

ସୀତାଦେବୀ ଙ୍କୁ ଯେତେବେଳେ ପନ୍ଦର ବର୍ଷ ବୟସ ହୋଇଥିଲା, ସେତେବେଳେ ତାଙ୍କର ବିବାହ ହୋଇଥିଲା - ନାୟକ ସାହିସ୍ଥିତ - ଭୁବନ କାପୁଡିଆ ସମାଜର ଜଣେ ବରିଷ୍ଠ ସଭ୍ୟ ସପନି ଦାସଙ୍କ ବଡପୁଅ ହୃଦାନନ୍ଦ (ଠୁରିଆ) ଙ୍କ ସହିତ । ସପନି ଦାସ ଥିଲେ ଜଣେ ବିଶିଷ୍ଟ କୃଷକ । ସେ ନିଜର ଚାଷଜମି ସହିତ ବହୁତ ଲୋକଙ୍କର ଚାଷଜମିକୁ ଭାଗଚାଷୀ ଭାବରେ ଚାଷ କରୁଥିଲେ । ସେଥିରେ ତାଙ୍କୁ ଦୁଇପୁଅ ସାହାଯ୍ୟ କରୁଥିଲେ ।

ବଡଭଉଣୀ - ସୀତାଦେବୀ ସମସ୍ତ ଭଉଣୀମାନଙ୍କୁ ଭଲ ପାଉଥିଲେ ବିଶେଷତଃ ସାନଭଉଣୀ - ଭାରତୀ ଦେବୀଙ୍କୁ ଅଧିକ ଭଲ ପାଉଥିଲେ, ଅବିବାହିତା - ଭାରତୀ ଅଧିକାଂଶ ସମୟରେ ନିଜ ବଡନାନୀ ସୀତାଦେବୀ ଙ୍କ ଘରକୁ ଯାଇ ତାଙ୍କ ପିଲାମାନଙ୍କର ଯତ୍ନ ନେଉଥିଲେ, ଠୁରିଆ ଓ ସୀତା ଙ୍କର ଦୁଇପୁଅ - ରବିନ୍ଦ୍ର ଓ ଶରତ ତଥା ପାଞ୍ଚଜଣ ଝିଅ - ସୁମା, କୁନି, ମିନି, ସିନି ଓ ରୀନା ଥିଲେ ।

ବଡପୁଅ ରବିନ୍ଦ୍ର - ଭୁବନ ହାଇସ୍କୁଲ ରୁ ନବମ ଶ୍ରେଣୀ ପଢୁଥିବା ସମୟରେ ଅଧାରୁ ପାଠଛାଡି ବାପାଙ୍କ ବୃତ୍ତି କୃଷିକାର୍ଯ୍ୟକୁ ଜୀବନର ବୃତ୍ତି ଭାବରେ ଗ୍ରହଣ କରିନେଇ କୃଷିକାର୍ଯ୍ୟ ସହିତ ଜଣେ ବାଲିସିମେଟଂ ର ନିର୍ମାଣ ଶ୍ରମିକ ଭାବରେ କାର୍ଯ୍ୟ କରୁଥିଲେ । ପରବର୍ତ୍ତୀ ସମୟରେ ଭୁବନ ସନିକଟ୍ ଷଢଙ୍ଗୀ ଗ୍ରାମରେ ବିବାହକରି ଗୋଟିଏ କନ୍ୟା, ଦୁଇଗୋଟି ପୁଅକୁ ନେଇ ତାଙ୍କର ପରିବାର । ସାନପୁଅ ଶରତ - ପ୍ରାଥମିକ ଶିକ୍ଷାପରେ ଭୁବନର ଜଣେ ଦରଜୀ (ଟେଲର) ଭାବରେ କାର୍ଯ୍ୟ କରୁଥିଲା, ପରେ ତା’ର ବିବାହ ଭୁବନର ଖଣ୍ଡିଆବନ୍ଧସ୍ଥ - ସଂକୀର୍ତ୍ତନ ଗୁରୁ ହୃଦାନନ୍ଦ ବେହେରା ଙ୍କ ଝିଅ ସହିତ ବିବାହ

ହୋଇ ଦୁଇଗୋଟି କନ୍ୟାକୁ ନେଇ ତା'ର ପରିବାର ।

କାଳକ୍ରମେ ଠୁରିଆ ଦାସ - ନିଜସ୍ୱ ବାପାଙ୍କ ଜମି, ଭୁବନ ଲତାବିଲ (ଓଟପଡିଆ) ନିକଟରେ ଘରକରି ସପରିବାରେ ସେଠାରେ ରହିଅଛନ୍ତି । ପାଞ୍ଚଜଣ ଝିଅ ମଧ୍ୟରେ - ବଡଝିଅ - ସୁମା - ଭୁବନର ବଡଦାଣ୍ଡର ବ୍ୟବସାୟୀ ପ୍ରଭାକର ଗୁରୁ ଙ୍କୁ ବିବାହକରି ଗୋଟିଏ ପୁଅ, ତିନିଜଣ ଝିଅକୁ ନେଇ ତା'ର ପରିବାର । ମଧ୍ୟମଝିଅ - କୁନି - ଜଣେ ପ୍ରାଥମିକ ଶିକ୍ଷାଧାରୀ - ଭୁବନ ଅରାସାହିର ଚକ୍ରଧର ବେହେରା ଙ୍କୁ ବିବାହ କରିଛନ୍ତି । ଚକ୍ରଧର - ଓଡିଶା ସରକାର ଙ୍କ ଷ୍ଟାଟିଷ୍ଟିକାଲ ଇନ୍‌ସପେକ୍ଟର ଭାବରେ ଅବସର ପରେ - ଅରାସାହିରେ ନିଜସ୍ୱ ଘରକରି ରହିଛନ୍ତି । ତିନିଝିଅ - ଉଚ୍ଚଶିକ୍ଷିତା, ବଡଝିଅ - ବିବାହିତା, ଏହିପରି ତାଙ୍କ ସଂସାର । ମଧ୍ୟମଝିଅ - ମିନି - ଯାଜପୁର ରେ ଶଙ୍ଖଚିଲା ରେ ବିବାହିତା, ସ୍ୱାମୀ - ସୁଦର୍ଶନ ଜଣେ ବ୍ୟବସାୟୀ, ଗୋଟିଏ ପୁଅ, ଗୋଟିଏ ଝିଅକୁ ନେଇ ତାଙ୍କ ସଂସାର, ସାନମଝିଅାଁ - ସିନି - ଯାଜପୁର ରେ ବିବାହିତ, ସ୍ୱାମୀ - ବ୍ୟବସାୟୀ, ଗୋଟିଏ ପୁଅ ଓ ଗୋଟିଏ ଝିଅକୁ ନେଇ ପରିବାର, ସାନଝିଅ - ରୀନା - ପ୍ରାଥମିକ ଶିକ୍ଷାପରେ - ଯାଜପୁର ରେ ବିବାହିତ, ତା'ର ସ୍ୱାମୀ ଜଣେ ଶିକ୍ଷା ସହାୟକ (ଗଣଶିକ୍ଷକ), ତିନିଜଣ ଝିଅକୁ ନେଇ ତା'ର ପରିବାର ।

**<u>ମଧ୍ୟମ ଭଉଣୀ - ଗୋଡିଦେବୀ -</u>**

ବାପା ଲକ୍ଷ୍ମୀଧର ଓ ମା' ଶୋଲାଦେଇ ଙ୍କର ଚତୁର୍ଥ ଗର୍ଭସ୍ଥ ସନ୍ତତି - ଗୋଡିଦେବୀ । ଦୁଇଭାଇ - ଶତ୍ରୁଘ୍ନ ଓ କୃଷ୍ଣଚନ୍ଦ୍ର ଙ୍କ ପରେ ବଡଭଉଣୀ - ସୀତାଦେବୀ ଙ୍କ ପରେ ଗୋଡିଦେବୀ ଜନ୍ମଲାଭ କରିଥିଲେ - ପରାଧିନ ଭାରତବର୍ଷରେ, ତାଙ୍କ ପରେ ଦୁଇଜଣ ସାନଭଉଣୀ - ବାସନ୍ତୀ ଓ ଭାରତୀ ଙ୍କ ଜନ୍ମ । ଚାରିଗୋଟି ଝିଅ ଓ ଦୁଇପୁଅ କୁ ନେଇ ଲକ୍ଷ୍ମୀଧର ଙ୍କ ସଂସାର । ପାଞ୍ଚବର୍ଷ ବୟସରୁ ସାନପୁଅ କୃଷ୍ଣଚନ୍ଦ୍ର ନିଜ ଅଜାଙ୍କ ଘର (ଭୁବନ, ପୋଥାଳ ସାହି) - ବଇର ପୋଥାଳ ଘରକୁ ପୁଅହୋଇ ଯାଇଥିଲେ, କାରଣ ତାଙ୍କର କୌଣସି ମାମୁଁ ନଥିଲେ ବୋଲି ।

ଗୋଡିଦେବୀ ଙ୍କ ସ୍ୱାସ୍ଥ୍ୟ ଦେଖିବାକୁ ଥିଲା - ପତଳା ଓ କଳାରଙ୍ଗ, ପାଠପଢା କହିଲେ କିଛନାହିଁ କହିଲେ ଚଳେ, ଖାଲି ପ୍ରାକ୍ ପ୍ରାଥମିକ ଶିକ୍ଷା ଭଳି ସଂଖ୍ୟା ଓ ଅକ୍ଷର ସହିତ ପରିଚିତ । ସହଯେତ ସେତେବେଳେ ବାଲ୍ୟ ବିବାହ ପ୍ରଚଳନ ହେଉଥିଲା, ଗୋଡିଦେବୀ ର ବିବାହ ପାଇଁ ବାପା ଓ ଭାଇମାନେ ବ୍ୟସ୍ତହୋଇ ଭୁବନ ଗାଁ ତଥା ଭୁବନ ବାହାରେ ଖୋଜାଖୋଜି କରିଥିଲେ । ମାତ୍ର ବିଧିର ବିଧାନ ଥିଲା ଅନ୍ୟ ପ୍ରକାରର -

ଦିନେ ଭାଇ ଶତ୍ରୁଘ୍ନ ଓ ସାନଭଉଣୀ ଭାରତୀ ବାପା ଲକ୍ଷ୍ମୀଧର ଙ୍କ ସହ ଭଦ୍ରକର ବାସୁଦେବପୁର କୁ ସେହି ସମୟରେ ଟ୍ରେନ୍ ଯୋଗେ ଯାଇଥିଲେ ଗୋଡିଦେବୀ ଙ୍କ ପାଇଁ ବରଘର ଦେଖିକରି ଆସିବାପାଇଁ, ମାତ୍ର ତା'ପର ଦିନ ଭୁବନ ନାୟକ ସାହିସ୍ଥ ବାଞ୍ଛା ନାୟକ ଙ୍କ ବଡପୁଅ ହାଡିବନ୍ଧୁ ଙ୍କ ପ୍ରସ୍ତାବ ଗୋଡିଦେବୀ ଙ୍କ ପାଇଁ ଯାଇଥିଲା ଲକ୍ଷ୍ମୀଧର ଙ୍କ ଘରକୁ (ସେତେବେଳେ ହାଡିବନ୍ଧୁ ବିବାହିତ ଥିଲେ, ତାଙ୍କ ଧର୍ମପତ୍ନୀ ଓ ଦୁଇଜଣ ପୁଅ ହଇଜା ରୋଗରେ ମରି ଯାଇଥିଲେ) ଶେଷରେ ଗୋଡିଦେବୀ ହାଡିବନ୍ଧୁ ଙ୍କୁ ବିବାହ କରିଲେ, ହାଡିବନ୍ଧୁ ବୃତ୍ତିରେ ଥିଲେ ଜଣେ କୃଷକ ।

ହାଡିବନ୍ଧୁ ଓ ଗୋଡିଦେବୀ ଙ୍କ ପାଞ୍ଚଜଣ ପିଲାଙ୍କୁ ନେଇ ସଂସାର । ତିନିଜଣ ପୁଅ - ଯୁଧିଷ୍ଠିର, ରମେଶ, ବିଶ୍ୱନାଥ, ଦୁଇଜଣ ଝିଅ - କେତକୀ ଓ ଦେବକୀ ।

ଦୁଇଝିଅ - ପ୍ରାଥମିକ ଶିକ୍ଷା ସମାପ୍ତ କରିଥିଲେ, ମାତ୍ର ଉଚ୍ଚଶିକ୍ଷା ଗ୍ରହଣ କରିପାରିନଥିଲେ  । ବଡଝିଅ କେତକୀ - ପାଠ ଶେଷକରି - ମା'ଙ୍କୁ ରୋଷେଇରେ ସାହାଯ୍ୟ କରୁଥିଲେ । ପରବର୍ତ୍ତୀ ସମୟରେ ବଡହାଟସ୍ଥ - ପିତବାସ ସାହୁଙ୍କୁ ବିବାହ କରିଲେ, ପିତବାସ ଥିଲେ - ଶିକ୍ଷାରେ ମାଟ୍ରିକ୍ୟୁଲେସନ୍, ଭଦ୍ର ଓ ସରଳ । ଭୁବନ ପୋଷ୍ଟ ଅଫିସ୍‌ରେ ପୋଷ୍ଟମ୍ୟାନ ଭାବରେ କାର୍ଯ୍ୟ କରୁଥିଲେ - ପରେ ବିଭାଗୀୟ ପରୀକ୍ଷାଦେଇ ପୋଷ୍ଟାଲ କ୍ଲର୍କ ହୋଇ - କାମାକ୍ଷାନଗର, ଢେଙ୍କାନାଳରେ କାର୍ଯ୍ୟକରି - ଅବସର ସମୟରେ - ବର୍ତ୍ତମାନ ଭୁବନ ସବ୍‌ପୋଷ୍ଟ ଅଫିସ୍‌ରେ ଇନ୍‌ଚାର୍ଯ୍ୟ ପୋଷ୍ଟମାଷ୍ଟର ଭାବରେ କାର୍ଯ୍ୟରତ । କେତକୀ ଜଣେ ଭଲ ଗୃହିଣୀ, ଦୁଇପୁଅ - ଜଣେ ଡିଗ୍ରୀ ଇଂଜିନିୟରଂ ଓ ଜଣେ ଡିପ୍ଲୋମା ଇଂଜିନିୟରିଂ ଡିଗ୍ରୀଧାରୀ କଟକରେ ବ୍ୟବସାୟ କରନ୍ତି । ଏକମାତ୍ର ଝିଅ -

ଉଚ୍ଚଶିକ୍ଷାରୁ ଡ୍ରପକରି - କଟକ ସହରରେ ଜଣେ ବ୍ୟବସାୟୀ ଙ୍କୁ ବିବାହିତ ।

ସାନଝିଅ - ଦେବକୀ ପାଠପଢା (ଉଚ୍ଚ ପ୍ରାଥମିକ) ଶେଷକରି ନିଜ ଘରପାଖ - ମୂରଲୀଧର ନାୟକ ଙ୍କୁ ପ୍ରେମ ବିବାହ କରନ୍ତି । ମୂରଲୀ ଜଣେ ଭଲ କଂସା, ପିତ୍ତଳ ଶିଳ୍ପୀ, ଅନେକ ମୂର୍ତ୍ତି ମଧ୍ୟ ସେ ନିର୍ମାଣ କରିଅଛନ୍ତି । ଦୁଇଜଣ ପୁଅକୁ ନେଇ ତାଙ୍କ ପରିବାର ।

ହାଡିବନ୍ଧୁ ଓ ଗୋଡିଦେବୀ ଙ୍କ - ତିନିଜଣ ପୁଅମାନଙ୍କ ମଧ୍ୟରୁ - ଯୁଧିଷ୍ଠିର ଥିଲେ ବଡପୁଅ, ସେ ହାଇସ୍କୁଲ ଶିକ୍ଷା ସମୟରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆର୍‌ଏସ୍‌ଏସ୍)ର ସଦସ୍ୟ । ଜଣେ ହିନ୍ଦୁତ୍ୱ ପ୍ରେମୀ ସଂଗଠକ । ସ୍ଥାନୀୟ ଭୁବନ ହାଇସ୍କୁଲରୁ ମାଟ୍ରିକ୍ୟୁଲେସନ୍ ପାସ୍ ପରେପରେ କର୍ମମୟ ଜୀବନକୁ ଆଧାର ସହିତ - ଯାଜପୁର ରୋଡ ର କନ୍ହେଇଁପୁର ଅଞ୍ଚଳରେ - ସମାଜସେବୀ ପ୍ରଫୁଲ୍ଲ ବୋଇତାଇ ଙ୍କ ନେତୃତ୍ୱରେ ଏକ ସରସ୍ୱତୀ ଶିଶୁ ମନ୍ଦିର ପ୍ରତିଷ୍ଠାକରି - ପ୍ରଧାନ ଆଚାର୍ଯ୍ୟ ଭାବରେ କାର୍ଯ୍ୟ କରିଲେ । ପରବର୍ତ୍ତୀ ସମୟରେ +୨ (କଳା) ସହ ଉତ୍କଳ ବିଶ୍ୱବିଦ୍ୟାଳୟ ରୁ ବିଏ (ଘରୋଇ) ଭାବରେ ପାସ୍‌କରି - ବର୍ତ୍ତମାନ ଶିକ୍ଷା ସ୍ନାତକ (ବି.ଏଡ.) କରିଛନ୍ତି । ଓଡିଶା ଶିକ୍ଷା ବିକାଶ ସମିତି ରେ ଜଣେ ଶିକ୍ଷା ପ୍ରଶାସକ ଭାବରେ ଯୁଧିଷ୍ଠିର ଙ୍କ ନାମ ରହିଅଛି । କଟକ, ଭୁବନେଶ୍ୱର, ଯାଜପୁର, କେନ୍ଦ୍ରାପଡା, ଜଟଣୀ ଆଦି ବିଭିନ୍ନ ଅଞ୍ଚଳର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର (ପ୍ରଥମ ଶ୍ରେଣୀ ରୁ ଦଶମ ଶ୍ରେଣୀ) - ପ୍ରଧାନଆଚାର୍ଯ୍ୟ ଭାବରେ କାର୍ଯ୍ୟରତ । ଯାଜପୁର ରୋଡ ର ଶଙ୍ଖଚିଲା ଗାଁରେ ତାଙ୍କ ବିବାହ, ଧର୍ମପତ୍ନୀ - ସୁଷମା - ଶିକ୍ଷାରେ ମାଟ୍ରିକ୍ୟୁଲେସନ୍ ଓ ଜଣେ ଗୃହିଣୀ, ଦୁଇଝିଅ ଓ ଗୋଟିଏ ପୁଅକୁ ନେଇ ତାଙ୍କ ପରିବାର ।

ମଧ୍ୟମପୁଅ - ରମେଶ, ପ୍ରାଥମିକ ଶିକ୍ଷାଧାରୀ, ବୃତ୍ତିରେ ଜଣେ ଟ୍ରକ୍ ଡ୍ରାଇଭର୍ । ଦକ୍ଷ ଡ୍ରାଇଭର୍ ଭାବରେ ଭୁବନରେ ତାଙ୍କର ନାମ । ଘରର ଅନେକ କାମ ସେ କରିଥାନ୍ତି । ଭୁବନର ପୋଥାଳ ସାହିରେ ମାଳତୀ ଗୁରୁ ଙ୍କୁ ସେ ବିବାହ କରନ୍ତି । ଦୁଇପୁଅ - ତ୍ରିଲୋଚନ - ବି.ଟେକ୍ (ଡିଗ୍ରୀ ଇଂଜିନିୟରିଂ) ସରକାରୀ ଡିଗ୍ରୀ କଲେଜରୁ ଓ ସାନପୁଅ - ନରେନ୍ଦ୍ର - +୩ ସ୍ନାତକ ବିଏ ଛାତ୍ର, ଏହା ତାଙ୍କର ପରିବାର ।

ସାନପୁଅ - ବିଶ୍ୱନାଥ, ମାଟ୍ରିକ୍ ପାସ୍‌ପରେ - ଜଣେ ବ୍ୟବସାୟୀ, ଓମ୍‌ଫେଡ୍ ବୁଥ୍ ବ୍ୟବସାୟୀ, ଭୁବନରେ ବିବାହିତ - ଦୁଇଜଣ ଝିଅକୁ ନେଇ ତାଙ୍କ ପରିବାର ।

ଭାରତୀ ଦେବୀ ଅବିବାହିତ ଥିବା ସମୟରେ ଅନେକ ସମୟରେ - ତାଙ୍କ ଭଉଣୀ ଗୋଡିଦେବୀ ଙ୍କ ଘରେଥାନ୍ତି । ଦୁଇ ପୁତୁରା - ଯୁଧିଷ୍ଠିର ଓ ରମେଶ କୁ ପିଲାଟି ଦିନରୁ ଧରି ରଖିଥାନ୍ତି । ବିବାହ ପରେ - ଭାରତୀ ଦେବୀଙ୍କୁ ମଧ୍ୟ ଭଉଣୀ ଗୋଡିଦେବୀ ଓ ଭିଣୋଇ ହାଡିବନ୍ଧୁ ସଦାସର୍ବଦା ସାହାଯ୍ୟ ସହଯୋଗ କରିଥାନ୍ତି । ହାଡିବନ୍ଧୁ ଜଣେ ଭଲ କୃଷକ ହୋଇଥିବାରୁ ବିଭିନ୍ନ ଫସଲ - ବିରି, ମୁଗ, କୋଳଥ, ପନିପରିବା ଆଦି ଶାଳୀ ଭାରତୀ ଦେବୀଙ୍କ ଘରେ ଦେଇଥାନ୍ତି ।

ହାଡିବନ୍ଧୁ ଓ ଗୋଡିଦେବୀ ବର୍ତ୍ତମାନ ବୟସର ଅପରାହ୍ଣରେ ପାରିବାରିକ ଜୀବନ ବିତାଉଛନ୍ତି ।

**ସାନମଧ୍ୟମ ଭଉଣୀ - ବାସନ୍ତୀ -**

ବାପା ଲକ୍ଷ୍ମୀଧର ଓ ମା' ଶୋଲାଦେଇ ଙ୍କର - ଚାରିକନ୍ୟା ମଧ୍ୟରେ ବାସନ୍ତୀ ଥିଲା ଜଣେ ହତଲକ୍ଷ୍ମୀ । ଶିକ୍ଷା - ଘରଶୂନ୍ୟ, ଅନେକ ପ୍ରସ୍ତାବ ଭୁବନରୁ ଆସିଥିଲା ବିବାହ ପାଇଁ, ମାତ୍ର ବିଧି ନିର୍ଦ୍ଦିଷ୍ଟ ଥିଲା ଅଲଗା । ଭଦ୍ରକର ବେଦପୁର (ଖଇଂରା) ଗ୍ରାମରେ ମହେନ୍ଦ୍ର ପୃଷ୍ଟିଙ୍କ ସାଙ୍ଗରେ ବିବାହ ହେଲା ବୈଦିକ ରୀତିରେ ମାତ୍ର କିଛିଦିନ ଘରସଂସାର ପରେପରେ - ସ୍ୱାମୀ ମହେନ୍ଦ୍ର ରୋଗାଗ୍ରସ୍ତ ହୋଇ ମରିଗଲେ । ତାଙ୍କର କୌଣସି ପିଲାପିଲି ନଥିଲେ, ବିଧବା ଜୀବନ ତାଙ୍କୁ ଅସହାୟ କରି ଦେଇଥିଲା । ପରିଶେଷରେ ନିଜ ସ୍ୱାମୀଙ୍କ ଭାଗ ସମ୍ପତ୍ତିକୁ ଦିଅରମାନଙ୍କୁ ବିକ୍ରି କରିଦେଇ - ନିଜ ପିତୃଳାୟ - ଭୁବନ ଅରାସାହିକୁ ସବୁଦିନ ପାଇଁ ଚାଲିଆସିଲେ । ସେତେବେଳକୁ ମା' - ଶୋଲାଦେଇ ଓ ବାପା - ଲକ୍ଷ୍ମୀଧର ତାଙ୍କ ପାଇଁ ଗୁହାଳଟିକୁ ବାସ୍ତନୀକୁ ଘର କରିବାପାଇଁ ତାଙ୍କ ନାମରେ - ରେଜିଷ୍ଟି କରିଦେଲେ । ତା'ପରେ ବାସନ୍ତୀ ସେଠାରେ ଟାଇଲ ଛପର ଘରକରି ଜୀବନ ବିତାଉଥାନ୍ତି - ନିଜସ୍ୱ ବରା, ପକଡି ଭଳି ଖାଦ୍ୟ ତିଆରିକରି ।

ଭାଇ ଲକ୍ଷ୍ମୀଧର, ପୁତୁରା କୈଳାସ, ବିଳାସ ସର୍ବୋପରି ସବା ସାନଭଉଣୀ -

ଭାରତୀ ଦେବୀଙ୍କର ପିଲାମାନ - ଝିଅ ଜୟନ୍ତୀ, ପୁଅ - ସୁବାଷ, ପ୍ରକାଶ, ମାନସ କୁ ସେ ସଦାସର୍ବଦା ଭଲ ପାଇଥାନ୍ତି । ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଭଉଣୀ ଭାରତୀ ଙ୍କ ପିଲାମାନେ ବୁଝୁଥାନ୍ତି । ଦୈନିକ ଦୁଇଥର ସେ ନିଜ ଭଉଣୀ ଭାରତୀ ଙ୍କ ଘରକୁ ଯିବାଆସିବା କରିଥାନ୍ତି । ତିନିଜଣ ପୁତୁରା ବୋହୂ - ତୁଳସୀ (ଟିକି), ସୁପଭ୍ରା (ନିନି), ଶିବାନୀ (ମିଷ୍ଟି) - ମାଉସୀ ଶାଶୁ ବାସନ୍ତୀ ଙ୍କୁ ବହୁତ ସମ୍ମାନ ଦେଇଥାନ୍ତି ।

ବାସନ୍ତୀ ସଦାସର୍ବଦା ନିଜର ସାନଭଉଣୀ ଭାରତୀ ଦେବୀଙ୍କୁ ଭଲ ପାଇଥାନ୍ତି ।

ଶୋଲାଦେଇ ଓ ଲକ୍ଷ୍ମୀଧର ଙ୍କ ସବା ସାନଝିଅ ହୋଇଥିବାରୁ ଭାରତୀ ଦେବୀଙ୍କୁ ସମସ୍ତେ ସ୍ନେହ ଓ ଆଦର କରୁଥିଲେ - ଦୁଇଭାଇ, ଦୁଇଭାଉଜ, ତିନିଜଣ ନାନୀ, ଭିଣୋଇ ସମସ୍ତ ପୁତୁରା, ଝିଆରୀମାନେ ଭାରତୀ ଙ୍କୁ ସମ୍ମାନ ଦେଉଥିଲେ ।

ଘଟଣାଚକ୍ରରେ ଲକ୍ଷ୍ମୀଧର ଦାସ (ଲଛମନ)ଙ୍କର ଭୁବନ କଲେଜ ରୋଡ (ଜାତୀୟ ରାଜପଥ - ୫୬) ଚାରିଲେନ୍ ନିର୍ମାଣପାଇଁ (ବାଇପାସ୍) ପାଇଁ - ଜମି ଜାତୀୟ ରାଜପଥ କର୍ତ୍ତୃପକ୍ଷ ନେଲେ । ଅନେକ ଟଙ୍କା ଲଛମନ ଓ ତାଙ୍କ ଭାଇ ପରିବାର ନେବାପାଇଁ ସରକାର ନୋଟିସ୍ କରିଲେ । ଏହି ସମୟରେ ସମସ୍ତ ଭାଇ ଓ ଭଉଣୀମାନେ ନିଜ ବାପାଙ୍କ ପୈତୃକ ସମ୍ପତ୍ତିକୁ ସମାନାର୍ଥେ ନେବାପାଇଁ ଆଲୋଚନାମୂଳକ ଭାବରେ ସମୂହ ଦରଖାସ୍ତ କରିଥିଲେ । ଏ କ୍ଷେତ୍ରରେ - ଭାରତୀ ଦେବୀଙ୍କ ବଡପୁଅ ଡକ୍ଟର ସୁବାଷ ନାୟକ ସମସ୍ତଙ୍କୁ ଆଇନତଃ ସାହାଯ୍ୟ କରିଥିଲେ କିପରି - ଅଜା ଲଛମନ ଓ ତାଙ୍କ ଭାଇଙ୍କ ସମ୍ପତ୍ତିକୁ ୨ ଭାଗକରି - ଅଜା ଲକ୍ଷ୍ମୀଧର ଙ୍କ ସମ୍ପତ୍ତି - ୨ ପୁଅ ଓ ଚାରିଝିଅ ପାଇବାପାଇଁ ଲିଗାଲ ହେୟାର କରି - ଜାତୀୟ ରାଜପଥ କର୍ତ୍ତୃପକ୍ଷ ଙ୍କୁ ଦରଖାସ୍ତ କରିଲେ ।

ଓଡିଶା ହାଇକୋର୍ଟଙ୍କ ନିର୍ଦ୍ଦେଶାନୁଯାୟୀ - NHLA/Case No. 66/ 2018 ବର୍ତ୍ତମାନ ଢେଙ୍କାନାଳ ଜିଲ୍ଲା କୋର୍ଟରେ ସକ୍ରିୟ ବିଚାରାଧିନ ।

ସମସ୍ତ ମାନ ଓ ଅଭିମାନର ଉର୍ଦ୍ଧ୍ୱରେ - ଲକ୍ଷ୍ମୀଧର ଓ ଶୋଲାଦେଇ ଙ୍କ ପୁଅ ଓ ଝିଅ - ଛଅଗୋଟି ପରିବାର ମଧ୍ୟରେ ଅଦ୍ୟାବଧି ଉତ୍ତମ ସମ୍ପର୍କ ସାମାଜିକ ବିଧି ବ୍ୟବସ୍ଥାର ଏକ ପ୍ରତିଛବି କହିଲେ ଭୁଲ୍ ହେବନାହିଁ ।

## ଧର୍ମପତ୍ନୀ ଭାରତୀ

କଥାରେ ଅଛି - "ବିବାହ ସ୍ୱର୍ଗରେ ସ୍ଥିରିକୃତ ହୋଇଥାଏ" ଯିଏ ଯାହା ହାଣ୍ଡିରେ ଚାଉଳ ପକାଇଛି - ଅର୍ଥାତ୍ କେଉଁ ବରକୁ କେଉଁ କନ୍ୟା ବିବାହ କରିବେ ତାହା ଦୈବୀ ନିର୍ଦ୍ଦିଷ୍ଟ, ବାପା-ମା'ଙ୍କ ସଂଯୋଗ କାଳେ - ବିହି ଯାହା କପାଳେ ଛାଡେ ତାହା ହିଁ ଭାଗ୍ୟ । ଏଠାରେ ବିଧାତା - ଶିଶୁଟିଏ ଜନ୍ମ ସମୟରେ - କେଉଁଠାରେ ଜନ୍ମନେବ, ଶିକ୍ଷା କ'ଣ ରହିବ, କର୍ମ କ'ଣ କରିବ, ବିବାହ କେଉଁଠି ହେବ ସର୍ବୋପରି ମୃତ୍ୟୁ କିପରି ଆସିବ - ଏହା ସ୍ଥିରିକୃତ କରିଥାନ୍ତି । ଅଧିକନ୍ତୁ ମାନବର କର୍ମାନୁଯାୟୀ ଫଳପ୍ରାପ୍ତି ହୋଇଥାଏ ।

ଜନ୍ମ, ଶିକ୍ଷା, କର୍ମ ପରେ ବିବାହ ଆସିଥାଏ, ଏଥିରୁ ଭାରତୀ ଦେବୀ ବାଦ୍ ପଡନ୍ତେ ବା କିପରି । ଭୁବନ ଅରାସାହି ନିବାସୀ - ଲକ୍ଷ୍ମୀଧର ଦାସ ଓ ଶୋଲାଦେଈ ଙ୍କ ଷଷ୍ଠ ଗର୍ଭକୁ କନ୍ୟା ଭାରତୀ ଜନ୍ମନେଇ, ଚାରିଭଉଣୀ ଓ ଦୁଇଭାଇ ଙ୍କ ଗ୍ରହଣରେ ଜୀବନ ବିତାଇ ନିଜର ଶିକ୍ଷା ପ୍ରତି ଦୃଷ୍ଟିଦେଇ ନଥିଲେ । ଅର୍ଥାତ୍ ସେ ଆଦୌ ଶିକ୍ଷା ଗ୍ରହଣ କରିନଥିଲେ କେବଳ - କଥୋପକଥନ ଶିକ୍ଷାସହ ସଂଖ୍ୟା ଶିକ୍ଷା ଗ୍ରହଣ କରିଥିଲେ । ପରବର୍ତ୍ତୀ ସମୟରେ ତତ୍କାଳୀନ ସମାଜର ଝିଅଟିଏ ଶାଶୁ ଘରକୁ ଯିବାପାଇଁ ପ୍ରସ୍ତୁତ ହୋଇଥାଏ ମା' ଓ ଭଉଣୀମାନଙ୍କ ଉପସ୍ଥିତିରେ ସେ ନିଜର ଜୀବିକା ସାଧାରଣ ଗୃହିଣୀ ଭାବରେ ଘରର ଯାବତୀୟ କାମ; ଯଥା - ରୋଷେଇ ବାସ, ଘରସଫା, ଗାଈ ବାଛୁରୀଙ୍କ ଯତ୍ନ ଆଦି ଭଲ ଭାବରେ ନେଇ ପାରୁଥିଲେ । ସେହି ସମୟରେ ଚକୁଳି ପିଠା ସହ ନାନାଜାତ ପିଠା ପ୍ରସ୍ତୁତ ପାଇଁ - ବିରି ଓ ଚାଉଳକୁ ଚୁନା କରିବାପାଇଁ କାଠ ନିର୍ମିତ ଢିଙ୍କି ସାହାଯ୍ୟରେ କାମ କରାଯାଉଥିଲା । ଘରର ରୋଷେଇ - କାଠ ଜାଳେଣୀ ସହ ଗୋବର ଘଷି ଜାଳେଣୀ, ଧାନ ଚୁଲାରେ ବସାଇ କଳରେ ପେଷାଇ ଚାଉଳ କରିବା କାର୍ଯ୍ୟ ପର୍ଯ୍ୟନ୍ତ ଭାରତୀ ଦେବୀ ନିପୁଣ ଥିଲେ । ଜନ୍ମ, ଶିକ୍ଷା, କର୍ମ ପରେ କିଶୋରୀ ଝିଅଟି ଯୌବନରେ ଉପନୀତ ହେଲେ - ବାପା, ମା' ଉପଯୁକ୍ତ ବରପାତ୍ର ସନ୍ଧାନକରି ତା'ର ବିବାହ କରି ଦେଇଥାନ୍ତି, ଏ କ୍ଷେତ୍ରରେ ଭାରତୀ ଦେବୀ ମଧ୍ୟ ଅନ୍ତର୍ଭୁକ୍ତ ।

ଭାରତୀ ଦେବୀଙ୍କୁ ଯେତେବେଳେ କୋଡିଏ ବର୍ଷ ବୟସ, ସେ ସେହି ସମୟରେ ତାଙ୍କର ବିବାହ ହୋଇଥିଲା - ଭୁବନ ପୋଥାଳ ସାହି ନିବାସୀ - କାଠଶିଳ୍ପୀ ରାମଚନ୍ଦ୍ର ନାୟକ ଙ୍କୁ । ରାମଚନ୍ଦ୍ର ଥିଲେ ବାପା ଛେଉଣ୍ଡ, ପାଞ୍ଚବର୍ଷ ବୟସ ସମୟରେ ବାପା ବାବାଜୀ ରୋଗାଗ୍ରସ୍ତ ପାଇଁ ସଂସାର ରୁ ବିଦାୟ ନେଇଥିଲେ, ମା' ଭୂତିଦେବୀ - ଚାରିଜଣ ପୁଅ - ଦୁଃଶାସନ, ଭୀମସେନ, ରାମଚନ୍ଦ୍ର, ଭାଗବତ ଓ ଏକମାତ୍ର କନ୍ୟା - ବେଙ୍ଗୁଲି କୁ ନେଇ ବହୁତ କଷ୍ଟରେ ପରିବାର ଚଳାଉଥିଲେ । ପରେପରେ ସମସ୍ତ ପୁଅମାନେ କିଶୋର ଅବସ୍ଥାରୁ ନିଜନିଜର କର୍ମରେ ଲାଗିଲେ । ରାମଚନ୍ଦ୍ର - ପ୍ରାକ୍ ପ୍ରାଥମିକ ଶିକ୍ଷା ସମାପ୍ତକରି (କେବଳ ଲେଖା ଓ ପଢା) କାଠକାମକୁ ନିଜ ଜୀବନର ବୃତ୍ତି ଭାବରେ ଗ୍ରହଣକରି ଭୁବନରେ ଜଣେ ଭଲ କାଠ କାରିଗର ଭାବରେ ନାମ ଅର୍ଜନ କରିଥିଲେ ।

ପିତୃହରା ରାମଚନ୍ଦ୍ର ଙ୍କ ବିବାହ କର୍ମ ତାଙ୍କ - ଦାଦା ନାରାୟଣ ନାୟକ ସମାପନ କରିଥିଲେ (ନାରାୟଣ ଙ୍କ ଦୁଇପୁଅ - ନରୋତମ, ଆନନ୍ଦ ଓ ଦୁଇଝିଅ - ସୁକ, ଗୋଲ୍ଲା ଥିଲେ) । ନାରାୟଣ ତାଙ୍କ ଜୀବନର ଶୁଭବିବାହ ପୁତୁରା ରାମଚନ୍ଦ୍ର ଙ୍କ କରାଇଥିଲେ - ବାଜା, ରୋଷଣୀ ସହ ବରଯାତ୍ରୀ ଏବଂ ବରର ପାଲିଙ୍କିରେ ବସିଯିବା ସହ ବିନା ଯୌତୁକରେ ବୈଦିକ ରୀତିରେ ବିବାହ କାର୍ଯ୍ୟ ।

ବିବାହ ପରେ ଭାରତୀ ଦେବୀ ଦାସ ପରିବାର ର ଝିଅରୁ ନାୟକ ପରିବାର ର ବୋହୂ ହୋଇଗଲେ । ବଳରାମ ନାୟକ ନିଜର ପୈତୃକ ଘର ନାୟକ ସାହିରୁ ଭାଇମାନଙ୍କ ପାଖରୁ ଉଠିଆସି ପତ୍ନୀ ଅଲି ଦୁଇପୁଅ - ବାବାଜୀ, ନାରାୟଣ ଓ ଏକମାତ୍ର କନ୍ୟା - ଲବଣୀ କୁ ଧରି ଭୁବନ ପୋଥାଳ ସାହିରେ ନିଜସ୍ୱ ଘର ନିର୍ମାଣ କରିଥିଲେ । ସେତେବେଳେ ଭୁବନର ସମସ୍ତଙ୍କର ଚାଳଘର ଥିଲା । ବଳରାମ ଙ୍କ ମଧ୍ୟ ଚାଳଘର ର ଏକ ଖଞ୍ଜାଟିଏ ଥିଲା, ପରେ ଦୁଇପୁଅ - ବାବାଜୀ ଓ ନାରାୟଣ ଟାଇଲି ଛପର ଘର ନିର୍ମାଣ କରିଥିଲେ ।

ଭାରତୀ ଦେବୀ ନିଜ ଶାଶୁ - ଭୂତିଦେବୀ, ଖୁଡିଶାଶୁ - ସାବିତ୍ରୀ, ଖୁଡାଶ୍ୱଶୁର - ନାରାୟଣ (ରାମଚନ୍ଦ୍ର ଙ୍କ ଦାଦା ଓ ଖୁଡୀ), ଦେଢଶ୍ୱଶୁର - ଦୁଃଶାସନ, ଯା - ଗୁଣ୍ଡୁରୀ (ସାନ ଦେଢଶ୍ୱଶୁର - ଭୀମସେନ - ଯେକି ପିଲାଟି ଦିନରୁ ସମ୍ପର୍କୀୟ ଙ୍କ ଘରକୁ ପୁଅ ହୋଇ

ଯାଇଥିଲେ) ଦେଢଶ୍ବୁର - ନରୋତ୍ତମ ଓ ଦିଅର - ଆନନ୍ଦ (ଖୁଡାଶ୍ବୁର - ନାରାୟଣ ଙ୍କ ଦୁଇପୁଅ ଅବିବାହିତ ଥିଲେ ଓ ତାଙ୍କର ଅବିବାହିତ ଦୁଇଝିଅ - ଗୋଲ୍ଲୁ, ସୁକ) ସର୍ବୋପରି ନିଜର ଏକମାତ୍ର ନଣନ୍ଦ - ବେଙ୍ଗୁଲି ଓ ଏକମାତ୍ର ସାନ ଦିଅର - ଭାଗବତ ଙ୍କ ସହିତ ସପରିବାର ରେ ହସଖୁସିରେ ଦିନ ସବୁ କଟିଯାଉଥିଲା ।

ଭାରତୀ ଦେବୀଙ୍କ ବିବାହ ପରେପରେ ପୂର୍ବରୁ ଭୁବନ ବଡହାଟ (ଚୁଳିଆପଦା)ଠାରେ - କାଠି ସାହୁଙ୍କ ଠାରୁ ପତି - ରାମଚନ୍ଦ୍ର, ଦେଢଶ୍ବୁର - ଦୁଃଶାସନ ଓ ଖୁଡାଶ୍ବୁର - ନାରାୟଣ କିଣିଥିବା ଘରଡିହ ଜାଗାରେ ଘର ଆରମ୍ଭ କରଯାଇଥିଲା । ସେଠାରେ ଶିଳ୍ପୀ ରାମଚନ୍ଦ୍ର ନିଜର ଶିଳ୍ପ ସଂସ୍ଥା ଶ୍ରୀରାମ ଫର୍ଣ୍ଣିଚର ଆରମ୍ଭ କରିଥିଲେ ଦୁଇଜଣ ଯୁବଶିଳ୍ପୀଙ୍କୁ ଧରି । ପରବର୍ତ୍ତୀ ପର୍ଯ୍ୟାୟରେ ରାମଚନ୍ଦ୍ର ଓ ଭାରତୀ ଦେବୀଙ୍କର ପ୍ରଥମ ସନ୍ତାନ - କନ୍ୟାରତ୍ନ - ଜୟନ୍ତୀ ଜନ୍ମନେଲେ - ରାମଚନ୍ଦ୍ର ଙ୍କ ସେହି ପୈତୃକ ଘର ପେଥାଳ ସାହିସ୍ଥିତ ବାସଭବନ ରେ ତା'ର ତିନିବର୍ଷରେ ଏକ ପୁତ୍ର ସନ୍ତାନ - ସୁବାଷ ଜନ୍ମନେଲା ସେହି ବାସଭବନ ରେ । ସୁବାଷ କୁ ଯେତେବେଳେ ମାତ୍ର ୨ ବର୍ଷ ହୋଇଥିଲା, ସେମାନେ - ରାମଚନ୍ଦ୍ର ଓ ଭାରତୀ ଦେବୀ - ତାଙ୍କ ପୁଅଝିଅ ସହିତ - ସାନଦିଅର ଭାଗବତ ଓ ଶାଶୁମା ଭୂତିଦେବୀ ଙ୍କୁ ଧରି ବଡହାଟସ୍ଥ - ନୂତନ ଘରେ ପ୍ରବେଶ କରିଥିଲେ ।

ଭାରତୀ ଦେବୀ ଦେଖିବାକୁ - ସରଳ, ସୁନ୍ଦର, ଆମାୟିକ ଓ ମିଷ୍ଟଭାଷୀ ଥିଲେ । ଶଶୁରାଳୟରେ ଏକତ୍ର ଥିବା ସମୟରେ - ଖୁଡାଶ୍ବୁର ନାରାୟଣ ଙ୍କ ଦୁଇପୁଅ - ନରୋତ୍ତମ ଓ ଆନନ୍ଦ ଓ ଦୁଇଝିଅ - ଗୋଲ୍ଲୁ, ସୁକ ଙ୍କର ବିବାହ ହୋଇଥିଲା ଓ ପରେପରେ ବଡହାଟସ୍ଥ ବାସଭବନରେ - ସାନଦିଅର ଭାଗବତ ର ବିବାହ କାର୍ଯ୍ୟ ହୋଇଥିଲା ଓ ପରବର୍ତ୍ତୀ ସମୟରେ ଭାଗବତ ତାଙ୍କ ସପରିବାର ସହିତ ନିଜସ୍ବ ଘର ଲତାବିଲରେ ଯାଇ ରହିଲେ ।

## ଧର୍ମପତ୍ନୀ ଭାରତୀ ଦେବୀଙ୍କ ନାୟକ ପରିବାର ରେ ଭୂମିକା -

ବଳରାମ ନାୟକ ଙ୍କର ଦୁଇପୁଅ - ବାବାଜୀ, ନାରାୟଣ ଓ ଏକମାତ୍ର କନ୍ୟା - ଲବଣୀ ଙ୍କ ପରିବାର ମଧ୍ୟରେ ସବୁଠାରୁ ସମସ୍ତଙ୍କର ପ୍ରିୟବ୍ୟକ୍ତି ଥିଲେ -

ଭାରତୀ ଦେବୀ - ଛଅଭାଇ - ଦୁଃଶାସନ, ଭୀମସେନ, ରାମଚନ୍ଦ୍ର, ଭାଗବତ ଓ ନରୋତ୍ତମ, ଆନନ୍ଦ ଓ ତିନିଜଣ ନଣନ୍ଦ - ବେଙ୍ଗୁଲି - ଗୋଲ୍ଲୁ, ସୁକ ଙ୍କ ପରିବାର ମଧ୍ୟରେ ଭାରତୀ ଦେବୀ ଥିଲେ ସବୁରିପ୍ରିୟ । ପୁତୁରା, ଝିଆରୀ, ଭଣଜା, ଭାଣିଜୀ ସମସ୍ତଙ୍କର ଆଦରଣୀୟା ଥିଲେ ଭାରତୀ ଦେବୀ । ଭାରତୀ ଦେବୀ ସମସ୍ତ ପରିବାର ସଦସ୍ୟଙ୍କ ମନର ମଣିଷ ଥିଲେ

**ଦୁଃଶାସନ ନାୟକ -**

ନାୟକ ପରିବାର ର ବଡପୁଅ । ବଳରାମ ନାୟକ ଙ୍କ ନାତି ତଥା ବାବାଜୀ ନାୟକ ଙ୍କ ପୁଅ । ମାତ୍ର ପନ୍ଦର ବର୍ଷ ବୟସରେ ବାପା ବାବାଜୀ ମରି ଯାଇଥିଲେ, ଦୁଃଖକଷ୍ଟରେ ଜୀବନସହ - ଗୁଣ୍ଡୁରୀଦେବୀ (ଧର୍ମପତ୍ନୀ) ତଥା ରମା ଓ ମାଳତୀ - ଦୁଇଝିଅ ଓ ପୂର୍ଣ୍ଣଚନ୍ଦ୍ର, ସୁନାକର - ଦୁଇପୁଅକୁ ନେଇ ପରିବାର, ସୁନାକର ଗ୍ରାଜୁଏଟ (ବିଏ) । ପୁଅ, ବୋହୂ, ଝିଅ, ଜ୍ୱାଇଁ ଓ ନାତି, ନାତୁଣୀ ଗ୍ରହଣରେ ପରିବାର । ବାର୍ଦ୍ଧକ୍ୟ ଜନିତ ରୋଗରେ ଦୁଃଶାସନ ମରିଗଲେଣି । ମାତ୍ର ଭାଇବୋହୂ - ଭାରତୀ ଦେବୀଙ୍କୁ ସିଏ ତଥା ତାଙ୍କ ପରିବାର ପ୍ରତ୍ୟେକ ସଦସ୍ୟ ଭଲ ପାଉଥିଲେ ଓ ସମ୍ମାନ ଦେଉଥିଲେ ।

**ଭୀମସେନ ନାୟକ -**

ନାୟକ ପରିବାର ର ଦ୍ୱିତୀୟ ପୁଅ । ମାତ୍ର ସମ୍ପର୍କୀୟ (ଘର ନିକଟରେ)ଙ୍କ ଘରକୁ ପିଲାଟି ଦିନରୁ ବାପାଙ୍କ ଦେହାନ୍ତ ପରେ ପୁଅହୋଇ ଯାଇଥିଲେ । ଜଣେ ରାଜମିସ୍ତ୍ରୀ ଭାବରେ ଭୀମସେନ ଙ୍କ ସୁନାମ ରହିଛି ଭୁବନ ଅଞ୍ଚଳରେ । ପୋଥାଳ ସାହିର ଝିଅ - ଭାନୁମତୀ ତାଙ୍କ ଧର୍ମପତ୍ନୀ, ତିନିଜଣ ପୁଅ - ଦୀନବନ୍ଧୁ, ଚୈତନ୍ୟ, ହୃଷିକେଶ (ଅବିବାହିତ ରୋଗାଗ୍ରସ୍ତ ମୃତ) ଓ ସାତଗୋଟି ଝିଅ - ପୁନି, ସଉଁରା, ଗୌରୀ, ଚଉଁରୀ, ଜାଡି, ଅନ୍ତ, ପିଜି । ୧୦ ଜଣ ସନ୍ତାନ ସମସ୍ତେ ପ୍ରାଥମିକ ଶିକ୍ଷାଧାରୀ । ସମସ୍ତେ ବିବାହିତ । ଭାରତୀ ଦେବୀଙ୍କ ବଡଯା - ଭାନୁମତୀ ଓ ଦେଢଶ୍ୱୁର - ଭୀମସେନ । ବର୍ତ୍ତମାନ ଏ ସଂସାରରୁ ବିଦାୟ ନେଲେଣି । ଯା ଓ ଦେଢଶ୍ୱୁର ତଥା ସମସ୍ତ ପିଲାମାନେ ଭାରତୀ ଦେବୀଙ୍କୁ ଖୁବ୍ ଭଲ ପାଉଥିଲେ ।

**ଭାଗବତ ନାୟକ -**

ଭାରତୀ ଦେବୀଙ୍କ ସାନଦିଅର - ଭାଗବତ । ଦିଅର ଭାଉଜ ଙ୍କ ସମ୍ପର୍କ ଅବା ସୀତା ଓ ଲକ୍ଷ୍ମଣର । ଭାଇ ରାମଚନ୍ଦ୍ର ଓ ଭାରତୀ ଦେବୀଙ୍କ ମିଳିତ ଉଦ୍ୟମରେ - ଭାଗବତ ଙ୍କ ବିବାହ ହୋଇଥାଏ, ଯାଜପୁର ର ଥାଲକୁଡି ଗାଁରେ । ବୀଣାପାଣୀ - ତାଙ୍କ ବାପା ଓ ମା ଙ୍କର ଏକମାତ୍ର ସନ୍ତାନ । ଭାଗବତ ଥିଲେ ଜଣେ ରାଜନେତା (ବରିଷ୍ଠ କଂଗ୍ରେସ ନେତା), ସମାଜସେବୀ ତଥା ବ୍ୟବସାୟୀ । ବିବାହର ପାଞ୍ଚବର୍ଷ - ସେ ଭାଇ ରାମଚନ୍ଦ୍ର ଙ୍କ ବଡହାଟ ବାସଭବନରେ ରହିଥିଲେ ପରେ ନିଜସ୍ୱ ଲତାବିଲ ଜାଗାରେ ଘରକରି ରହିଛନ୍ତି । ଏକମାତ୍ର ପୁତ୍ର - ଗୌରଗୋପାଳ (ବାବୁ), ତିନିଝିଅ - ଗୀତା, ରୀତା ଓ ଶଶି - ସମସ୍ତେ ବିବାହିତ । ଚାରିଜଣ ପିଲା ନିଜର ବଡମା ଭାରତୀ ଦେବୀଙ୍କୁ ସମ୍ମାନ ଦେଉଥିଲେ, ବଡମା ମଧ୍ୟ ସମସ୍ତ ପିଲାଙ୍କୁ ବହୁତ ଭଲ ପାଉଥିଲେ ।

**ବେଙ୍ଗୁଲି ଗୁରୁ -**

ନାୟକ ପରିବାର ର ବଡଝିଅ - ବେଙ୍ଗୁଲି ନାୟକ । ପରବର୍ତ୍ତୀ ସମୟରେ ଭୁବନ ପୋଥାଳ ସାହିସ୍ଥ - ଲକ୍ଷ୍ମଣ ଗୁରୁ ଙ୍କୁ ବିବାହକରି ବେଙ୍ଗୁଲି ଗୁରୁ ର ମର୍ଯ୍ୟାଦା ପାଇଥିଲେ । ବେଙ୍ଗୁଲି ଙ୍କ ପ୍ରାରମ୍ଭିକ ଦିନ ଦୁଃଖରେ କଟିଥିଲା ଓ ମଧ୍ୟମରୁ ଅନ୍ତିମ ପର୍ଯ୍ୟାୟ ଜୀବନ ସୁଖମୟ ଥିଲା । ତାଙ୍କ ସ୍ୱାମୀ ଲକ୍ଷ୍ମଣ ଥିଲେ ଜଣେ ଦରଦୀ କୃଷକ । କୃଷିକାର୍ଯ୍ୟ କରି ନିଜ ପରିବାର ଭରଣପୋଷଣ କରୁଥିଲେ । ଦୁଇଗୋଟି ଝିଅ - ସୁଲୋଚନା (ଶୋଲି), ଗୋଲାପ (ଗୋଲି) ତଥା ପାଞ୍ଚଗୋଟି ପୁଅ - ଗଜେନ୍ଦ୍ର (ନୂରିଆ), ତ୍ରିଲୋଚନ (ଠୁରିଆ), ସୁରେଶ (ପିଲା), ବାବୁଲି (ପଞ୍ଜୁ), ସନ୍ତୋଷ (ସନ୍ତ) ଙ୍କୁ ନେଇ ବେଙ୍ଗୁଲି ଙ୍କ ପରିବାର । ସମସ୍ତେ ଭୁବନରେ ବିବାହିତ । ନଣନ୍ଦ ବେଙ୍ଗୁଲି ଓ ଭାଉଜ ଭାରତୀ ଦେବୀଙ୍କ ମଧ୍ୟରେ କ୍ଷୀର ନୀର ର ସମ୍ପର୍କ । ଭଣଜା ଓ ଭାଣିଜୀ ମାନେ ମାଇଁ ଭାରତୀ ଦେବୀଙ୍କୁ କୋଟିନିଧି କରିଥିଲେ ଓ ମାଇଁ ମଧ୍ୟ ସମସ୍ତଙ୍କୁ ଖୁବ୍ ଭଲ ପାଉଥିଲେ । ବେଙ୍ଗୁଲି ବର୍ତ୍ତମାନ ସଂସାରରୁ ବିଦାୟ ନେଇଛନ୍ତି ।

**ନରୋତ୍ତମ ନାୟକ -**

ନାୟକ ପରିବାର ର ବଡମଝିଆଁ ପୁଅ - ନରୋତ୍ତମ । ବଳରାମ ନାୟକ ଙ୍କ ନାତି ତଥା ବାବାଜୀ ଙ୍କ ସାନଭାଇ - ନାରାୟଣ ଙ୍କ ବଡପୁଅ - ନରୋତ୍ତମ । ସେହି ସମୟରେ ହାଇସ୍କୁଲର ଛାତ୍ର ଭଦ୍ର ଓ ଆମାୟିକ, ବ୍ୟବସାୟୀ (ଷ୍ଟେସନାରୀ ଦୋକାନ) । ଧର୍ମପତ୍ନୀ - ରୁକ୍ମିଣୀ । ତିନିଝିଅ - ମମତା, ଝରଣା, କବିତା ଓ ତିନିପୁଅ - ଉମାକାନ୍ତ (ବାପି), ଦୀପକ, ଚନ୍ଦ୍ରକାନ୍ତ ଙ୍କୁ ନେଇ ତାଙ୍କ ପରିବାର । ଭାରତୀ ଦେବୀଙ୍କର ଖୁଡାଶ୍ଵଶୁର ପୁଅ ନରୋତ୍ତମ - ଦେଢଶ୍ଵଶୁର ହେବେ । ତାଙ୍କର ସମସ୍ତ ପିଲାମାନେ ଖୁଡୀ ଭାରତୀ ଙ୍କୁ ସମ୍ମାନ କରନ୍ତି । ସାନପୁଅ ଚନ୍ଦ୍ରକାନ୍ତ (ହାପି) କୁ ଛାଡି ଅନ୍ୟ ସମସ୍ତେ ବିବାହିତ । ବଡପୁଅ ଉମାକାନ୍ତ (ବାପି) ଜଣେ ଗ୍ରାଜୁଏଟ୍ (ବିଏ) - ଭୁବନେଶ୍ଵର ରେ ଇଲେକ୍ଟ୍ରିସିଆନ୍ କାମ କରନ୍ତି । ନରୋତ୍ତମ ସଂସାରରୁ ବିଦାୟ ନେଲେଣି । ଭାରତୀ ଦେବୀଙ୍କ ଯା ରୁକ୍ମିଣୀ ର ଘର ଭୁବନ ନିକଟସ୍ଥ ଷଡଙ୍ଗୀ ଗ୍ରାମରେ ।

**ଆନନ୍ଦ ନାୟକ -**

ଭାରତୀ ଦେବୀଙ୍କ ଖୁଡାଶ୍ଵଶୁର ନାରାୟଣ ଙ୍କ ସାନପୁଅ - ଆନନ୍ଦ (ଝୁଲିଆ) । ଜଣେ ଓଡିଶା ସରକାର ଙ୍କ ଫରେଷ୍ଟ ବିଭାଗର ଫରେଷ୍ଟର ଥିଲେ । କାଳକ୍ରମେ ଚାକିରୀ ଛାଡି ହାସ୍ୟ ଅଭିନେତା ଭାବରେ ସିରିଏଲ୍‌ରେ ରୋଲ୍ କରିଲେ । ଭୁବନ ହାଇସ୍କୁଲର ଛାତ୍ର ଥିଲେ ଆନନ୍ଦ । କାଳକ୍ରମେ ଯାଜପୁର ରେ ମାୟାରାଣୀ ଙ୍କୁ ବିବାହ କରିଲେ । ଆନନ୍ଦ ଓ ମାୟାରାଣୀ ଙ୍କର ୨ ଜଣ ପୁଅ - ଓମ୍‌ପ୍ରକାଶ (ବାବୁ), ମାତୃପ୍ରସାଦ (ବାଉଆ) - ଦୁଇପୁଅ ବ୍ୟବସାୟ ଓ କମ୍ପାନୀ ଚାକିରୀ କରନ୍ତି । ଚାରିଝିଅ - ପଲ୍ଲବୀ, ଜଲି, ତପିନ, ସ୍ଵର୍ଗବାସୀ - ତିନିଜଣ ବିବାହିତା । ସ୍ଵର୍ଗବାସୀ (ଲକ୍ଷ୍ମୀ) - +୩ (ବିଜ୍ଞାନ) ଗ୍ରାଜୁଏଟ୍ ଓ ଏକ ବେସରକାରୀ ସ୍କୁଲରେ ଶିକ୍ଷୟତ୍ରୀ ଭାବରେ କାର୍ଯ୍ୟରତ । ଦିଅର ଆନନ୍ଦ ତାଙ୍କ ଭାଉଜ ଭାରତୀ ଦେବୀଙ୍କୁ ସଦାସର୍ବଦା ଥଟ୍ଟା ଓ ପରିହାସ କରିଥାନ୍ତି ।

**ତିଳୋତ୍ତମା ରାଉତ (ଗୋଲ୍ଲା) -**

ଭାରତୀ ଦେବୀଙ୍କ ଖୁଡ଼ାଶ୍ବଶୁର ଓ ଖୁଡ଼ିଶାଶୁ - ନାରାୟଣ ଓ ସାବିତ୍ରୀ ଙ୍କ ଦୁଇଝିଅ ମଧ୍ୟରେ - ତିଳୋତ୍ତମା (ଗୋଲ୍ଲା) ଥିଲା ବଡଝିଅ । ଗୋଲ୍ଲା ପ୍ରାଥମିକ ଶିକ୍ଷା ସମାପ୍ତକରି ଘରକାମରେ ଖୁବ୍ ନିପୁଣା ଥିଲେ । ପର୍ଯ୍ୟାୟକ୍ରମେ ଭୁବନ ରାଉତ ସାହିର କାର୍ତ୍ତିକ ରାଉତ ଙ୍କୁ ବିବାହ କରିଲେ । କାର୍ତ୍ତିକ ଥିଲେ - ଓଡିଶା ସରକାର ଙ୍କ ପୂର୍ତ୍ତବିଭାଗର (ଜାତୀୟ ରାଜପଥ) - ଟ୍ରେସର ପଦବୀ । ଓଡିଶାର କିଛି ଅଞ୍ଚଳରେ କାମ କରିଥିଲେ ମଧ୍ୟ ଦୀର୍ଘଦିନ ଧରି ପାଲଲହଡା ଅଞ୍ଚଳରେ ରହିଥିଲେ ଓ ପରେ ଅବସର ନେଇ ପାଲଲହଡା ରେ ନିଜସ୍ୱ ଜାଗାରେ ଘରକରି ରହିଅଛନ୍ତି । ଗୋଲ୍ଲାଙ୍କ ତିନିଝିଅ - ମନୋରମା (ମିଟୁ), ମିନାକ୍ଷୀ (ଟିକିଲି), ସସ୍ମିତା (ବକଟି) - ଗ୍ରାଜୁଏଟ୍ (ବିଏ) ଡିଗ୍ରୀଧାରୀ ଓ ବିବାହିତା । ବଡଜ୍ୱାଇଁ ବ୍ୟବସାୟ, ସାନ ଦୁଇଜଣ ଜ୍ୱାଇଁ ବେସରକାରୀ କମ୍ପାନୀରେ କାର୍ଯ୍ୟରତ । ଦୁଇପୁଅ - ବଡପୁଅ - ରଜତ (ରତି) ଗ୍ରାଜୁଏଟ୍ ଓ ଏଲ୍ଆଇସି ଏଜେଣ୍ଟ ଭାବରେ କାର୍ଯ୍ୟରତ । ସେ ଭୁବନରେ ବିବାହିତ । ସାନପୁଅ - ରାଜେନ୍ଦ୍ର (ଟୁଟୁ) - ଗ୍ରାଜୁଏଟ୍ ସହ ପ୍ଲାଷ୍ଟିକ୍ ଇଂଜିନିୟର ଭାବେ ଏକ ବେସରକାରୀ କମ୍ପାନୀରେ କାର୍ଯ୍ୟରତ । ସେ ଯାଜପୁର ର ଶଙ୍ଖଚିଲା ଗାଁରେ ବିବାହିତ ।

ଭାରତୀ ଦେବୀଙ୍କୁ ନଣନ୍ଦ ଓ ନଣଦେଇ ଦୁଇଜଣ ଖୁବ୍ ଭଲପାଆନ୍ତି ଓ ପ୍ରଶଂସା କରନ୍ତି । ଭାରତୀ ଙ୍କ ମଧ୍ୟମପୁଅ ପ୍ରକାଶ ର ବିବାହ ଉତ୍ସବରେ - କାର୍ତ୍ତିକ ଓ ଗୋଲ୍ଲା - ବରପିତା ଭାବରେ ସମର୍ପଣ ଧରି ବିବାହ କାର୍ଯ୍ୟ ସମାପ୍ତ କରିଥିଲେ ।

**ସୁକାନ୍ତି ପୃଷ୍ଟି (ସୁକ) -**

ଭାରତୀ ଦେବୀଙ୍କ ଅନ୍ୟଏକ ନଣନ୍ଦ ସୁକାନ୍ତି ପୃଷ୍ଟି (ସୁକ) (ଖୁଡାଶ୍ବଶୁର ନାରାୟଣ ଙ୍କ ସାନଝିଅ), ପ୍ରାଥମିକ ଶିକ୍ଷା ପରେ ଘରକରଣାରେ ସିଦ୍ଧହସ୍ତ । ବିବାହ କରିଥିଲେ ଭୁବନ ଅରାସାହି ନିବାସୀ - ଭୁବନ ହାଇସ୍କୁଲର ଅନ୍ୟତମ ପ୍ରତିଷ୍ଠାତା ସଦସ୍ୟ ମାଗୁଣି ପୃଷ୍ଟିଙ୍କ ପୁଅ - କ୍ଷୀରୋଦ ପୃଷ୍ଟି । କ୍ଷୀରୋଦ ଥିଲେ ଜଣେ ବ୍ୟବସାୟୀ । ଶାରୀରିକ ଅସୁସ୍ଥତା ଯୋଗୁଁ କିଛିବର୍ଷ ପୂର୍ବେ - କ୍ଷୀରୋଦ ସଂସାରରୁ ଚାଲିଯାଇଛନ୍ତି । କ୍ଷୀରୋଦ ଙ୍କ

ଏକମାତ୍ର ପୁଅ - ସନ୍ତୋଷ ମାଟ୍ରିକ୍ ପାସ୍‌କରି ବ୍ୟବସାୟ କରନ୍ତି । ସୁକ ଙ୍କ ଚାରିଝିଅ - ଲିଲି, ଡଲି, ବୁଟି, ମାଣିକ - ତିନିଝିଅ ବିବାହିତା ।

ନଣନ୍ଦ ସୁକ ଓ ଭାଉଜ ଭାରତୀ ଙ୍କ ମଧ୍ୟରେ ଗଭୀର ଆତ୍ମୀୟତା ରହିଅଛି । ପରସ୍ପର ନିଜନିଜର  ଦୁଃଖ ଓ ସୁଖ ଅନୁଭୂତିକୁ ବଖାଣିଥାନ୍ତି ।

ଧର୍ମପତ୍ନୀ - ଭାରତୀ, ଶିଳ୍ପୀ ରାମଚନ୍ଦ୍ର ଙ୍କ ଜୀବନସାଥୀ ଭାବରେ ଆସିବା ଦିନରୁ ଖାଲି ନାୟକ ପରିବାର ରେ ସମସ୍ତଙ୍କ ପ୍ରିୟପାତ୍ରୀ ହୋଇପାରିନଥିଲେ । ଜଣେ ଉତ୍ତମ ଧର୍ମପତ୍ନୀ ଭାବରେ ସ୍ୱାମୀ ତଥା ନିଜ ପରିବାର ରେ ମଧ୍ୟ ନିଜର କର୍ତ୍ତବ୍ୟ ସଂପାଦନା କରୁଥିଲେ । ଭାରତୀ ଦେବୀ ଆସିବା ପରେ - ରାମଚନ୍ଦ୍ର ଙ୍କ ଜୀବନରେ ଅନେକ ପରିବର୍ତ୍ତନ ଘଟିଅଛି । କାଠ କାରିଗର - ରାମଚନ୍ଦ୍ର - ଜଣେ ସଫଳ କାଠଶିଳ୍ପୀ, ଜଣେ ରାଜନେତା ସର୍ବୋପରି ଜଣେ ସମାଜସେବୀ ଭାବରେ ସମାଜରେ ପ୍ରତିଷ୍ଠା ଅର୍ଜନ କରିଛନ୍ତି ।

କଥାରେ ଅଛି - ପ୍ରତ୍ୟେକ ସଫଳତା ପୁରୁଷ ପଛରେ ଜଣେ ନାରୀ ର ପ୍ରେରଣା ରହିଥାଏ, ସତେଅବା ରାମଚନ୍ଦ୍ର ଙ୍କ ସଫଳତା ପଛରେ ଭାରତୀ ଦେବୀଙ୍କ ପ୍ରେରଣା ଅଣଦେଖା କରାଯାଇନପାରେ ।

ଭାରତୀ ନିଜର ଶାଶୁମା - ଭୂତିଦେବୀ ଙ୍କୁ ସଦାସର୍ବଦା ନିଜର ପାଖରେ ରଖୁଥିଲେ । ତାଙ୍କର ଖାଇବା, ପିଇବା, ଶୋଇବା ସମସ୍ତ ଦାୟିତ୍ୱ ସେ ନିଜେ ନେଉଥିଲେ ତତ୍‌ସହିତ ନିଜ ପରିବାର ର ଚାରିଜଣ ପିଲା - ଝିଅ - ଜୟନ୍ତୀ, ପୁଅ - ସୁବାଷ, ପ୍ରକାଶ, ମାନସ କୁ ଛୋଟରୁ ବଡ କରିବାରେ ମା' ଭାରତୀ ଦେବୀଙ୍କ ଭୂମିକା ଅନସ୍ୱୀକାର୍ଯ୍ୟ ।

ଭାରତୀ ଦେବୀ - ଏକ ନାରୀ କେନ୍ଦ୍ରୀକ ଉପନ୍ୟାସ ରେ ଭାରତୀ - ନିଜର ଧର୍ମପତ୍ନୀ ଭାବରେ ଦାୟିତ୍ୱ ସମ୍ପନ୍ନ କରି ବୟସର ଅପରାହ୍ନରେ  ଶ୍ରୀରାମ ପରିବାର ରେ - ପୁଅ, ଝିଅ,ବୋହୂ, ଜ୍ୱାଇଁ, ନାତି ଓ ନାତୁଣୀ ଙ୍କ ଗ୍ରହଣରେ ସମୟ ବିତାଉଛନ୍ତି । ଜଗନ୍ନାଥ ତାଙ୍କୁ ଦୀର୍ଘାୟୁ କରନ୍ତୁ ।

---

## ଜନନୀ ଭାରତୀ

ମାତୃତ୍ୱ ଲାଭ କରିବାରେ ନାରୀ ଜୀବନର ପୂର୍ଣ୍ଣତା ଲାଭ କରିଥାଏ । ସୃଷ୍ଟି ହୋଇଅଛି - ମାତୃଗର୍ଭରୁ । ବିଶ୍ୱନିୟନ୍ତା ଙ୍କ ସଂସାରରେ ନାରୀ ଓ ପୁରୁଷ ଦୁଇପ୍ରାଣୀ । ଦୁହେଁ ସଂସାର କରି ଜୀବଜଗତର ସତ୍ତାକୁ ବିଶ୍ୱମଣ୍ଡଳରେ ପରିବ୍ୟାପ୍ତ କରିଅଛନ୍ତି । ନାରୀ ଓ ପୁରୁଷ - ଗୋଟିଏ ମୁଦ୍ରାର ଦୁଇପାର୍ଶ୍ୱ ଭଳି । ଦୁହେଁ ଦୁହିଁଙ୍କ ପରିପୂରକ ।

ଶିଶୁଟିଏ ବାପା ଓ ମା'ଙ୍କ ଠାରୁ ଭୂମିଷ୍ଟ ହୋଇ ଶିକ୍ଷା, କର୍ମ ପରେପରେ ଉପଯୁକ୍ତ ବରପାତ୍ର କିମ୍ୱା କନ୍ୟାପାତ୍ରୀ ସହିତ ବିବାହକର୍ମ କରିଥାଆନ୍ତି । ବିବାହ ପରେ - ଝିଅଟିଏ ନିଜର ଜନ୍ମଦାତା ବାପାଙ୍କ ସପରିବାରକୁ ପରକରି ସ୍ୱାମୀଙ୍କ ପରିବାରକୁ ନିଜର କରିଥାଏ, ଏହାତ ବିଧିର ବିଧାନ, ତାକୁ ବା କେ କରିବ ଆନ ।

ବିଶ୍ୱର ସୃଷ୍ଟିକାରିଣୀ ଜଣେ ନାରୀ । ସେ ନାରୀ ପୁଣି - କନ୍ୟାରତ୍ନା, ଭଗିନୀ, ଜନନୀ, ଅର୍ଦ୍ଧାଙ୍ଗୀନୀ ପ୍ରଭୃତି ବିଭିନ୍ନ ରୂପରେ ଏ ଜୀବଦଶାରେ ସମାଜରେ ମାନ ଓ ପ୍ରତିଷ୍ଠା ପାଇଥାଏ । ମାନବରୂପି ଶରୀର ତ୍ୟାଗ ହୋଇଥାଏ ସତ ମାତ୍ର ତାଙ୍କ କର୍ମ, ତାଙ୍କୁ ଚରିକାଳକୁ ମାନବ ସମାଜରେ ମନେ ପକାଇଥାଏ । ସେ ମହୀୟସୀ ମହିଳା ଆନି ବେସାନ୍ତ ହୁଅନ୍ତୁ, ସେବାକାରିଣୀ ମଦର ଟେରେସା ହୁଅନ୍ତୁ, ବିଶ୍ୱବିଜୟୀନୀ ନାରୀନେତ୍ରୀ ପ୍ରଧାନମନ୍ତ୍ରୀ ଇନ୍ଧିରା ଗାନ୍ଧୀ ହୁଅନ୍ତୁ ଅବା ଓଡିଶାର ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥି ହୁଅନ୍ତୁ ।

ଅବା ସେ ଭାରତର ରାଷ୍ଟ୍ରପତି ପ୍ରତିଭା ଦେବୀସିଂହ ପାଟିଲ ହୁଅନ୍ତୁ - ସମାଜର ପ୍ରତ୍ୟେକ କ୍ଷେତ୍ରରେ ଆଜି ନାରୀ ମାନଙ୍କର ଉପସ୍ଥିତ ବାଧ କରିଅଛି ପୁରୁଷ ପ୍ରାଧାନ୍ୟ ସମାଜରେ - ନାରୀ ସଶକ୍ତିକରଣ । ମହାକାଶଚାରୀ କଳ୍ପନା ଚାୱଲା ହୁଅନ୍ତୁ କି ପର୍ବତ ଆରୋହୀ କଳ୍ପନା ଦାସ ହୁଅନ୍ତୁ ବା ଓଡିଆ ସାହିତ୍ୟର ବିଶିଷ୍ଟ ଔପନ୍ୟାସିକା ଜ୍ଞାନପୀଠ ପୁରସ୍କାରପ୍ରାପ୍ତା ପ୍ରତିଭା ରାୟ ସମସ୍ତେ ସ୍ୱସ୍ୱ କ୍ଷେତ୍ରରେ ପ୍ରତିଷ୍ଠିତା ।

ଅଧିନ ସାହିତ୍ୟ ସେବକର ଉପନ୍ୟାସ - ଭାରତୀ ଦେବୀ - ଏକ ନାରୀ କେନ୍ଦ୍ରୀକ ଉପନ୍ୟାସ ସାହିତ୍ୟ ରେ - ଭାରତୀ ଦେବୀ ହିଁ ଚରିତ୍ରର ମୂଳପିଣ୍ଡ । ଭାରତୀ ଦେବୀ ସେପରି ଜଣେ ଅସାଧାରଣ ବ୍ୟକ୍ତିତ୍ୱର ଅଧିକାରିଣୀ ନୁହଁନ୍ତି । ସେ ଥିଲେ ଜଣେ ସାଧାରଣ

ବ୍ୟକ୍ତି, ଜଣେ ସାଧାରଣ ମହିଳା ସର୍ବୋପରି ଜଣେ ସନ୍ତାନବତ୍ସଳ ମାଟିରୁ ମଣିଷ କରିଥିବା ସେହି ଦଶମାସ ଦଶଦିନ ଗର୍ଭଧାରିଣୀ ମା' । ଆମ୍ଭ ସମସ୍ତଙ୍କର ପୂଜ୍ୟସ୍ୱଦା ମା', ଜଣେ ସାଧାରଣ ପରିବାର ର କନ୍ୟା ସହ ଜଣେ ସାଧାରଣ ପରିବାର ର ପୂତ୍ରବଧୂ, ମାତ୍ର ତାଙ୍କ ପ୍ରେରଣା ଓ କର୍ତ୍ତବ୍ୟନିଷ୍ଠା ସ୍ୱାମୀ - ରାମଚନ୍ଦ୍ର ଙ୍କୁ ଜଣେ - କାଠଶିଳ୍ପ, ରାଜନେତା, ସମାଜସେବୀ ଭାବରେ ସମାଜରେ ପ୍ରତିଷ୍ଠିତ କରାଇବାରେ ତାଙ୍କ ଭୂମିକା ଅନସ୍ୱୀକାର୍ଯ୍ୟ । ଜଣେ ଝିଅ - ଜୟନ୍ତୀ, ତିନିଜଣ ପୁଅ - ସୁବାଷ, ପ୍ରକାଶ, ମାନସ ଙ୍କୁ ଭାରତୀ ଦେବୀ ଜନ୍ମଦେଇ - ଉପଯୁକ୍ତ ଶିକ୍ଷାସହ କର୍ମପ୍ରଦାନ ସର୍ବୋପରି ବିବାହ ଆଦି କରାଇ ସମାଜରେ ସଂସ୍କାରଧର୍ମୀ କରାଇବାରେ ମା' ଭାରତୀ ଦେବୀ ଥିଲେ ଅସାଧାରଣ ପ୍ରତିଭାର ଅଧିକାରିଣୀ ।

ବିବାହ ସ୍ୱୟଂ ପ୍ରଜାପତି ସହିତ ତୁଳନୀୟ । ଭୁବନ ଅରାସାହି ନିବାସୀ - କୃଷକ ଲକ୍ଷ୍ମୀଧର ଦାସ ଓ ଶୋଲାଦେଇ ଦାସ ଙ୍କର ଷଷ୍ଠ ସନ୍ତାନ ମଧ୍ୟରେ ଭାରତୀ ଦେବୀ ଥିଲେ କନିଷ୍ଠା । ଭୁବନ ପୋଥାଳ ସାହି ନିବାସୀ - ବ୍ୟବସାୟୀ ବାବାଜୀ ନାୟକ ଓ ଭୂତିଦେବୀ ଙ୍କ ପାଞ୍ଚଜଣ ସନ୍ତାନ ମଧ୍ୟରେ ରାମଚନ୍ଦ୍ର ଥିଲେ ମଧ୍ୟମପୁତ୍ର । ବିନା ଯୌତୁକରେ - ବାଜା ଓ ରୋଷଣୀରେ ତା. ୦୫/୦୭/୧୯୭୦ ମସିହା ପବିତ୍ର ଶ୍ରୀଗୁଣ୍ଡିଚା ଦିନ ବୈଦିକ ରୀତିରେ ବିବାହ କାର୍ଯ୍ୟ ସଂପୂର୍ଣ୍ଣ ହୋଇଥିଲା । ସେତେବେଳକୁ ଭାରତୀ ଦେବୀଙ୍କୁ ୨୦ ବର୍ଷ ବୟସ (୨୬/୦୧/୧୯୫୦) ଓ ରାମଚନ୍ଦ୍ର ଙ୍କୁ ୨୫ ବର୍ଷ ବୟସ ହୋଇଥିଲା (୨୩/୦୭/ ୧୯୪୬) ।

ଦାସ ପରିବାର ର ଝିଅ - ନାୟକ ପରିବାର ର କୁଳବଧୂର ମର୍ଯ୍ୟାଦା ପାଇଥିଲେ - ଭାରତୀ ଦେବୀ । ଶିକ୍ଷା - ପ୍ରାୟତଃ କହିଲେ କିଛିନାହିଁ, କର୍ମ ଜଣେ ସୁଗୃହିଣୀ, ବିବାହ ପରେ ଶାଶୁ, ଖୁଡାଶ୍ୱଶୁର, ଖୁଡିଶାଶୁ, ଦେଢଶ୍ୱଶୁର, ଯା, ନଣନ୍ଦ, ଦିଅର ତଥା ପୁତୁରା, ଝିଆରୀ ମାନଙ୍କ ଗ୍ରହଣରେ ନାୟକ ପରିବାର ରେ ଭାରତୀ ଙ୍କ ବୈବାହିକ ଜୀବନର ଦିନସବୁ ଆରମ୍ଭ ହୋଇଥିଲା ।

**ଜୟନ୍ତୀ ନାୟକ -**

ପରବର୍ତ୍ତୀ ସମୟରେ ବିବାହର ପ୍ରାୟତଃ ୩ ବର୍ଷ ପରେପରେ - ରାମଚନ୍ଦ୍ର ଓ ଭାରତୀ ଙ୍କ ପ୍ରଥମ ଗର୍ଭସ୍ଥ କନ୍ୟା ସନ୍ତାନ ଜୟନ୍ତୀ ଜନ୍ମ ନେଇଥିଲେ - ୨୩ ଡିସେମ୍ବର, ୧୯୭୩ ମସିହାରେ । ପରିବାର ରେ ପ୍ରଥମେ କନ୍ୟା ସନ୍ତାନ ଜନ୍ମହେଲେ ବାପା ଓ ମା'ଙ୍କ ଆୟୁଷ ବୃଦ୍ଧିପାଏ ବୋଲି ଜଣାଯାଇଥାଏ, ସତେବା ଜୟନ୍ତୀ ରାମଚନ୍ଦ୍ର ଓ ଭାରତୀ ଦେବୀଙ୍କର କନ୍ୟାରତ୍ନ ନୁହେଁ ଜଣେ ଲକ୍ଷ୍ମୀପ୍ରତିମା ଆସିଥିଲେ, ସେ ଆସିବା ଦିନରୁ - ବାପାଙ୍କ ଶିଳ୍ପୀ ବ୍ୟବସାୟ ବୃଦ୍ଧି ହେବାସହ କାଳକ୍ରମେ ଚାଷଜମି, ଘରଡିହ ଜମି ଇତ୍ୟାଦି ବାପା ନିଜସ୍ୱ କିଣି ପାରିଥିଲେ । ଜୟନ୍ତୀ, ବାପା, ମା' ତଥା ପରିବାର ର ଅନ୍ୟାନ୍ୟ ସଦସ୍ୟଙ୍କ ସାହାରାରେ ଛୋଟରୁ ଆସ୍ତେଆସ୍ତେ ବଡ ହେବାକୁ ଲାଗିଲା, ପରେପରେ ନିକଟସ୍ଥ - ବଡହାଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ - ଜୟନ୍ତୀ ପ୍ରଥମ ଶ୍ରେଣୀରୁ ସପ୍ତମ ଶ୍ରେଣୀ ପାଠ ପଢିଲା । ସାଙ୍ଗସାଥି ଙ୍କ ଗ୍ରହଣରେ ପରେ ଭୁବନ ବାଳିକା ହାଇସ୍କୁଲରେ ଅଷ୍ଟମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢିଲା । ମାତ୍ର ମାଟ୍ରିକ୍ ପରୀକ୍ଷା ସମୟରେ ଟ୍ରାନ୍ସଫର କରି - ନୂଆଭୁବନ ହାଇସ୍କୁଲରେ ପରୀକ୍ଷାରେ - ଆଳତୁମା ହାଇସ୍କୁଲ ଓ ପରେପରେ - ସପ୍ଲିମେଣ୍ଟାରୀ ପରୀକ୍ଷାରେ - ବାରିହାପୁର ହାଇସ୍କୁଲରୁ ମାଟ୍ରିକ୍ୟୁଲେସନ୍ ପାସ୍ କରିଲା ।

ବାପା ଓ ମା'ଙ୍କ ସ୍ନେହ ଶ୍ରଦ୍ଧାରେ ଜୟନ୍ତୀ ବଢିଥାଏ, ପିଲାଟି ଦିନରୁ ସେ ଭାରି ଜିଦ୍‌ଖୋର ଥିଲା । ବାପା, ମା' ତା'ର ସମସ୍ତ କଥାକୁ ପୂରଣ କରୁଥିଲେ । ନୂଆନୂଆ ଡ୍ରେସ୍ ପିନ୍ଧିବା, ସିନେମା ହଲ୍‌ରେ ସିନେମା ଦେଖିବା, ଖେଳକୁଦ କରିବା ତା'ର ଅଭ୍ୟାସ ଥିଲା । ଭୁବନରେ ୧୯୮୯ରେ ସାଇ ସିନେମା ହଲ୍ ପ୍ରତିଷ୍ଠା ହେବା ବର୍ଷରେ - ଝିଅ ଜୟନ୍ତୀ ର ଟିଭି ଦେଖିବା ଜିଦ୍‌ରେ ବାପା -ଭୁବନେଶ୍ୱର ରୁ ୧୯୮୯ ମସିହାରେ କୋଣାର୍କ କମ୍ପାନୀର ରୋହିନ ଡିଲକ୍ସ କଳାଧଳା ଟିଭି ଆଣିଥିଲେ ।

ବାପାଙ୍କର ଦୃଢ ଇଚ୍ଛାଶକ୍ତି ଥିଲା - ତାଙ୍କର ଏକମାତ୍ର କନ୍ୟା ଜୟନ୍ତୀ ଉଚ୍ଚଶିକ୍ଷା ଗ୍ରହଣ କରୁ, ମାତ୍ର ମା'ର ଇଚ୍ଛାଥିଲା - କାପୁଡିଆ ସମାଜରେ ଝିଅ ଅଧିକ ପାଠ ପଢିଲେ

- ଉପଯୁକ୍ତ ବର ମିଳିବ ନାହିଁ । ସେହି ଦ୍ୱନ୍ଦରେ ଜୟନ୍ତୀର ଉଚ୍ଚଶିକ୍ଷା ଅଗ୍ରଗତି ହୋଇପାରିଲା ନାହିଁ । ପରବର୍ତ୍ତୀ ସମୟରେ ବହୁତ ପ୍ରସ୍ତାବ ଗାଁ (ଭୁବନ) ଓ ଭୁବନ ବାହାରେ ଆସିଥିଲେ ମଧ୍ୟ ଜୟନ୍ତୀର ବିବାହ କେଉଁଠାରେ ସ୍ଥିରୀକୃତ ହୋଇ ପାରିନଥିଲା । ପରିଶେଷରେ ୯ ଜୁଲାଇ, ୨୦୦୩ ମସିହାରେ କେନ୍ଦ୍ରାପଡା ଜିଲ୍ଲା, ଓଳକଣା ଗାଁ (ଓଡିଶାର ପ୍ରସିଦ୍ଧ ଦୋଳ ମେଲଣ) - ଓଡିଶା ସରକାର ଙ୍କ ଅବସରପ୍ରାପ୍ତ - ପଶୁ ସମ୍ପଦ ବିଭାଗର କର୍ମଚାରୀ ନନ୍ଦକିଶୋର ଲେଙ୍କା ଓ ଶୈଳବାଳା ଲେଙ୍କା ଙ୍କର ମଧ୍ୟମପୁତ୍ର - ମହେନ୍ଦ୍ର ଙ୍କ ସହିତ ବିନା ଯୌତୁକରେ ବୈଦିକ ରୀତିରେ ବିବାହ କାର୍ଯ୍ୟ ହୋଇଥିଲା । ନନ୍ଦକିଶୋର ଓ ଶୈଳବାଳା ଙ୍କ ତିନିଝିଅ - ଦମୟନ୍ତୀ, ଗୀତାଞ୍ଜଳୀ, ଜୟନ୍ତୀ - ସମସ୍ତେ ବିବାହିତ ଓ ଚାରିଜଣ ପୁଅ - ଲକ୍ଷ୍ମୀଧର, ସୁମନ୍ତ, ମହେନ୍ଦ୍ର, ବୀରେନ୍ଦ୍ର - ସମସ୍ତେ ବିବାହିତ ।

ଜୟନ୍ତୀ ଙ୍କ ବିବାହର ପୂର୍ବରୁ - ବଡଭାଇ ସୁବାଷ ଜୟନ୍ତୀ ଙ୍କୁ ଉଚ୍ଚଶିକ୍ଷା ପାଇଁ - ଉତ୍କଳ ବିଶ୍ୱବିଦ୍ୟାଳୟର ଦୂରଶିକ୍ଷା ନିର୍ଦ୍ଦେଶାଳୟ (ଡିଡିସିଇ) ରେ ତତ୍କାଳୀନ ୟୁଜିସି ନିୟମାନୁଯାୟୀ +୩ କଳା (ବି.ଏ.)ରେ ନାମ ଲେଖାଇଥିଲେ, ବାପା - ରାମଚନ୍ଦ୍ର ସେଥିପାଇଁ ସମସ୍ତ ଖର୍ଚ୍ଚ ବହନ କରିଥିଲେ ।

ଜୟନ୍ତୀ ବିବାହ ପରେ ମଧ୍ୟ - ଶାଶୁ ଓ ଶଶୁର ଚାହିଁଥିଲେ ଉଚ୍ଚଶିକ୍ଷା ଜାରି ରଖିବାପାଇଁ, ମାତ୍ର ସ୍ୱାମୀ ମହେନ୍ଦ୍ର ମାଟ୍ରିକ୍ୟୁଲେସନ୍ ପରେ +୨, କଳା ସ୍ଥାନୀୟ ହଳଦିଆ କଲେଜରେ ଅଧ୍ୟୟନ ଓ ଉତ୍ତୀର୍ଣ୍ଣ ହୋଇ ପାରିନଥିବାରୁ ଜୟନ୍ତୀ ଆଉ ଉଚ୍ଚଶିକ୍ଷା ପାଇଁ ଆଗ୍ରହ ପ୍ରକାଶ କରିନଥିଲେ ।

ବିବାହ ସମୟରେ ଭାରତୀ ଦେବୀ ଏକମାତ୍ର ଝିଅ ଜୟନ୍ତୀ କୁ - ସବୁ ଘରକରଣା କଂସାବାସନ, ସୁନା ସାମଗ୍ରୀ, କାଠର ଫର୍ଣ୍ଣିଚର ସାମଗ୍ରୀ ଦେବାସହ ଅଦ୍ୟାବଧି ଯାନି ଓ ଯାତ୍ରାରେ ସମସ୍ତ ଜିନିଷ ଦିଅନ୍ତି ।

ପରବର୍ତ୍ତୀ ସମୟରେ ଜୟନ୍ତୀର ପ୍ରଥମ ଗର୍ଭକୁ ଏକ ପୁତ୍ରସନ୍ତାନ ଜନ୍ମନିଏ - କଟକ ବଡ ଡାକ୍ତରଖାନାରେ ମାତ୍ର କେତେଘଣ୍ଟା ପରେ ପୁଅଟି ମରିଯାଏ । ମା' ଭାରତୀ ଦେବୀ ଦୀର୍ଘ ୬ ମାସଧରି ଝିଅର ସେବା ତାଙ୍କ ଘରେ ଆଣି କରିଥାନ୍ତି । ତା'ର ଦୁଇବର୍ଷ

ପରେ ମହେନ୍ଦ୍ର ଓ ଜୟନ୍ତୀ ଙ୍କ ଏକ କନ୍ୟାସନ୍ତାନ - ରାଜେଶ୍ୱରୀ (ଲିସା) - କଟକ ଡାକ୍ତରଖାନାରେ ଜନ୍ମନିଏ । ପରେ ଲିସା ଯେତେବେଳେ ୩ ବର୍ଷ ବୟସର ହୋଇଥିଲା - ତା'ର ଆଈ ତାକୁ ନିଜଘରକୁ ଆଣି ପାଳନଲାଳନ କରିଲେ - ଲିସା ବର୍ତ୍ତମାନ ଭୁବନ ବାଳିକା ହାଇସ୍କୁଲର ଦଶମ ଶ୍ରେଣୀର ଛାତ୍ରୀ । ତା'ର ୨ ବର୍ଷପରେ  ଜୟନ୍ତୀ ଙ୍କର ସାନଝିଅ - ବ୍ରଜେଶ୍ୱରୀ (ଇସା) - କଟକ ଡାକ୍ତରଖାନାରେ ଜନ୍ମନେଇ ବର୍ତ୍ତମାନ - ତାଙ୍କ ଗାଁ ଓଳକଣା ଉଚ୍ଚ ପ୍ରାଥମିକ ସ୍କୁଲର ଷଷ୍ଠ ଶ୍ରେଣୀର ଛାତ୍ରୀ । ଜୟନ୍ତୀ ଙ୍କ - ଶାଶୁ, ଶଶୁର ସଂସାର ତ୍ୟାଗ କଲେଣି, ସବୁଭାଇ ନିଜନିଜସ୍ୱ ପରିବାର ସହ ଜୟନ୍ତୀ ସ୍ୱାମୀ ଓ ଦୁଇଝିଅ ଲିସା, ଇସା କୁ ନେଇ ତା'ର ପରିବାର ।

ମା' ଭାରତୀ ସଦାସର୍ବଦା ଜୟନ୍ତୀର ଭଲମନ୍ଦ ବୁଝିଥାନ୍ତି ସ୍ୱାମୀ - ରାମଚନ୍ଦ୍ର ଓ ତିନିପୁଅ - ସୁବାଷ, ପ୍ରକାଶ ଓ ମାନସ ମାଧ୍ୟମରେ । ବଡଭାଇ ଅଧ୍ୟାପକ ଡକ୍ଟର ସୁବାଷ ନାୟକ ଙ୍କ ଆର୍ଥିକ ସାହାଯ୍ୟ ତଥା ପ୍ରଚେଷ୍ଟାରେ - ନାନୀ ଜୟନ୍ତୀ ଓ ଭିଣୋଇ ମହେନ୍ଦ୍ର ଉଚ୍ଚଶିକ୍ଷା ପାଇଁ ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୁ)ରେ - +୩, କଳା (ବିଏ) ପ୍ରବେଶିକା ପରୀକ୍ଷା ଦେଇ ତିନିବର୍ଷ ପରୀକ୍ଷା ଦେଇଥିଲେ, ମାତ୍ର ପାରିବାରିକ ଚାପଯୋଗୁଁ - ଅଣ୍ଡର ଗ୍ରାଜୁଏଟ୍ ଶିକ୍ଷାରେ ରହିଗଲେ ।

ଭାରତୀ ଦେବୀଙ୍କ ଜ୍ୱାଇଁ - ମହେନ୍ଦ୍ର - ବିବାହ ସମୟରେ ତାଙ୍କ ମାମୁଁଙ୍କ ପାଖରେ କଣ୍ଟ୍ରାକ୍ଟର କାମ କରୁଥିଲେ । ପରେପରେ ବଡଶଳା ସୁବାଷ - ଶିଳ୍ପମନ୍ତ୍ରୀ ବିଶ୍ୱଭୂଷଣ ହରିଶ୍ଚନ୍ଦନ ଙ୍କଠାରୁ ସୁପାରିଶ କରି - ପ୍ରଧାନମନ୍ତ୍ରୀ ରୋଜଗାର ଯୋଜନାରେ ଏକ ଗାଡିର ବ୍ୟବସ୍ଥା କରିଥିଲେ, ମାତ୍ର ବ୍ୟାଙ୍କର ଦାୟିତ୍ୱ ମହେନ୍ଦ୍ର ନିଜେ ନେଇଥିଲେ । ପରବର୍ତ୍ତୀ ସମୟରେ ବଡଶଳା ଙ୍କ ସହଯୋଗରେ ସାଂସଦ ମହେଶ ସାହୁଙ୍କ ଖବରକାଗଜ "ଆଗୋଇବା"ର କିଛିଦିନ ସାମ୍ବାଦିକ ମହେନ୍ଦ୍ର ଥିଲେ, ମାତ୍ର ତାକୁ ଛାଡି ବର୍ତ୍ତମାନ ଗ୍ୟାସ୍ ବିତରକ ର ଏଜେଣ୍ଟ ଭାବରେ କାର୍ଯ୍ୟରତ ।

ଭାରତୀ ଦେବୀ ନିଜର ପୁଅ, ବୋହୂ ମାନଙ୍କ ଅପେକ୍ଷା ସଦାସର୍ବଦା ନିଜର ଝିଅ ଜୟନ୍ତୀ ଓ ଜ୍ୱାଇଁ ମହେନ୍ଦ୍ର କୁ ଅଧିକ ଭଲ ପାଇଥାନ୍ତି । ଝିଅ, ଜ୍ୱାଇଁ ମଧ୍ୟ ତିନିଭାଇ -

ସୁବାଷ, ପ୍ରକାଶ ଓ ମାନସ ର ବିବାହ କାମରେ ପୂର୍ଣ୍ଣମାତ୍ରାରେ ସହଯୋଗ କରିଅଛନ୍ତି ।

ଭାଇ ସୁବାଷ ନାୟକ ର ପ୍ରେରଣାରେ ଭଉଣୀ ଜୟନ୍ତୀ - ସୃଜନଶୀଳ ପ୍ରତିଭାରେ ମନ ନିବେଶ କରିଥିଲେ - ଜଣେ ଲେଖିକା ଭାବରେ । ଭୁବନର ଐତିହାସିକ ବଳଦଯାତ୍ରା ଭାରତୀୟ ସଂସ୍କୃତିର ଝଲକ, ଓଡିଶାର କଳା, ସାହିତ୍ୟ, ସଂସ୍କୃତି ଓ ପର୍ଯ୍ୟଟନକୁ ଭୁବନର ଅବଦାନ, କିଶୋର ଶହୀଦ୍ ବାଜିରାଉତ - ଭାରତୀୟ ମୁକ୍ତି ସଂଗ୍ରାମର ଅମ୍ଳାନ ଦୀପଶିଖା, ଅନୁବାଦିକା ନନ୍ଦିନୀ ଶତପଥୀ ଆଦି ଅନେକ ଲେଖା ଓଡିଶାର ବିଭିନ୍ନ ପତ୍ର ଓ ପତ୍ରିକାରେ ପ୍ରକାଶିତ ହୋଇ ପାଠକୀୟ ଆଦୃତି ଲାଭ କରିଅଛି । ଜୟନ୍ତୀ ଙ୍କ ସୃଜନୀରେ ତିନିଗୋଟି ପୁସ୍ତକ ରଚିତ ହୋଇଛି - କବୟତ୍ରୀ ନନ୍ଦିନୀ ଶତପଥି, ଗାଳ୍ପିକା ନନ୍ଦିନୀ ଶତପଥି ଓ ଅନୁବାଦିକା ନନ୍ଦିନୀ ଶତପଥି - ଯାହାକି ଓଡିଆ ସାହିତ୍ୟର ପ୍ରଗତିରେ ସହାୟକ ହୋଇପାରିଅଛି । ଓଡିଶା ଲେଖିକା ସଂସଦର ଆଜୀବନ ସଭ୍ୟା - ଜୟନ୍ତୀ ।

ସାହିତ୍ୟସାଧନା ସହିତ ଜନସେବାରେ ଜୟନ୍ତୀ ଥିଲେ ସକ୍ରିୟ । ଢୋରାବିଶ୍ ବ୍ଲକ୍‌ର ଏଣ୍ଡର ଗ୍ରାମପଞ୍ଚାୟତର ନୀଳକଣ୍ଠପୁର ଗ୍ରାମରେ ନିର୍ବାଚିତ ଲୋକ ପ୍ରତିନିଧି ଭାବରେ ପାଞ୍ଚବର୍ଷ ସକ୍ରିୟ ଭୂମିକା ନେଇଥିଲେ ।

ମା' ଭାରତୀ ଦେବୀଙ୍କର ପ୍ରତ୍ୟକ୍ଷ ପ୍ରେରଣା ଏକମାତ୍ର ଝିଅ ଜୟନ୍ତୀ ଙ୍କୁ ଜୀବନର ଚଳାପଥରେ ସହାୟକ ହୋଇପାରିଅଛି ।

**ସୁବାଷ ନାୟକ -**

ବାପା ରାମଚନ୍ଦ୍ର ଙ୍କ ଔରସ ଓ ମା' ଭାରତୀ ଦେବୀଙ୍କ ଗର୍ଭରୁ ଦ୍ୱିତୀୟ ସନ୍ତାନ ସୁବାଷ । ବଡନାନୀ ଜୟନ୍ତୀ ଙ୍କ ପରେ ସୁବାଷ ପରିବାର ର ବଡପୁଅ । ୧୪ ଏପ୍ରିଲ୍, ୧୯୭୭ ମସିହା ପଣାସଂକ୍ରାନ୍ତୀ (ମହାବୀର ଜୟନ୍ତୀ) ଶନିବାର ଦିନ ୪.୧୦ ମିନିଟ୍ (ମଧ୍ୟାହ୍ନରେ) ଜନ୍ମଲାଭ କରିଥିଲା । ଜନ୍ମଲଗ୍ନ ଥିଲା ଶନି । ଦେବମାନଙ୍କର ରାଜା ଶନିଦେବ । ବାପା ରାମଚନ୍ଦ୍ର ଙ୍କ ପୈତୃକ ବାସଭବନ ଭୁବନ ସହରର ପୋଥାଳ ସାହିସ୍ଥ ଟାଇଲ ଛପର ଘରେ ଜନ୍ମ । ପରିବାରରେ ପୁତ୍ର ସନ୍ତାନ ସୁବାଷ ଜନ୍ମ ନେଇଥିବାରୁ ସମଗ୍ର ନାୟକ ପରିବାର ମଧ୍ୟରେ ଆନନ୍ଦ ଖେଳି ଯାଇଥିଲା । ମା' ଭାରତୀ ଙ୍କ ସେବା, ଯତ୍ନରେ

ଶିଶୁ ସୁବାଷ କାଳକ୍ରମେ ବଡହେଲା ଓ ୪, ୫ ଦୁଇବର୍ଷ ପ୍ରାକ୍ ପ୍ରାଥମିକ ଶିକ୍ଷା ପାଇଁ ନିକଟସ୍ଥ - ବାସୁଦେବ ବେହେରା (ବୁଲା) ଙ୍କ ଚାଟଶାଳୀରେ ଅନ୍ୟ ପିଲାମାନଙ୍କ ଗ୍ରହଣରେ ପାଠ ପଢିଲା ।

୬ ବର୍ଷ ବୟସରେ ଉପନୀତ ହେବାପରେ - ସୁବାଷ ବଡହାଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମ ଠାରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢିଲା । ବଡହାଟର ସମସ୍ତ ସାଙ୍ଗସାଥି ତଥା ଶିକ୍ଷକମାନଙ୍କ ଗ୍ରହଣରେ ସେ ପାଠ ପଢୁଥିଲା । ମା' ଭାରତୀ ଦେବୀଙ୍କ ପ୍ରେରଣାରେ - ବାପା ରାମଚନ୍ଦ୍ର ପ୍ରମୋଦ ବାରିକ ନାମକ ଜଣେ ଶିକ୍ଷକଙ୍କୁ ନିଜଘର (ଶ୍ରୀରାମ ନିବାସ, ବଡହାଟ - ସୁବାଷ କୁ ୨ ବର୍ଷ ସମୟରେ ଏହି ନୂତନ ଘରେ ରାମଚନ୍ଦ୍ର ଙ୍କ ପରିବାର ପ୍ରବେଶ କରିଥିଲେ) ଆଣି ପିଲାଙ୍କୁ ଟିୟୁସନ୍ କରାଉଥିଲେ । ପରେପରେ ଭାରତୀ ଦେବୀଙ୍କ ଦ୍ୱିତୀୟ ପୁତ୍ର ପ୍ରକାଶ (୧୯୮୦) ଓ ତୃତୀୟ ତଥା ଶେଷପୁଅ ମାନସ ର ଜନ୍ମ (୧୯୮୩) - ଶ୍ରୀରାମ ନିବାସ, ବଡହାଟ ଠାରେ ।

ସୁବାଷ ର ନାମଲେଖା - ଭୁବନ ହାଇସ୍କୁଲରେ ବାପା ଓ ମା' କରିଦେଲେ । ଅଷ୍ଟମ, ନବମ ଓ ଦଶମ ଶ୍ରେଣୀ ତିନିବର୍ଷ ଭୁବନ ହାଇସ୍କୁଲରେ ପାଠପଢା, ଭୁବନର ବିଭିନ୍ନ ସାହିର ପିଲାମାନଙ୍କ ମଧ୍ୟରେ ସାଙ୍ଗସାଥିର ଭାବ ସମ୍ପର୍କ ବଢିଲା । ଦୟାନିଧି ସାର୍ ଓ ରବିନ୍ଦ୍ର ସାର୍ଙ୍କ ପାଖରେ ସୁବାଷ ଘରୋଇ ଟିୟୁସନ୍ ହେଉଥିଲା ମା' ଭାରତୀ ଦେବୀଙ୍କ ପରାମର୍ଶକ୍ରମେ । ୧୯୯୩ ମସିହାରେ ସୁବାଷ - କାମାକ୍ଷାନଗର ସାରଙ୍ଗଧର ହାଇସ୍କୁଲରେ ପରୀକ୍ଷାଦେଇ - ମାଟ୍ରିକ୍‌ରେ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲା ।

ବାପା ଚାହୁଁଥିଲେ - ବଡପୁଅ କିମ୍ବା ଅନ୍ୟ ଦୁଇପୁଅ ମଧ୍ୟରୁ ଜଣେ କିଏ ଶିଳ୍ପୀକୁଳରେ ତାଙ୍କ ପାଖରେ କାମକରୁ । ମାତ୍ର ମା' ଭାରତୀ ଦେବୀଙ୍କ ଇଚ୍ଛାଥିଲା - ତାଙ୍କର ପିଲାମାନେ ଉଚ୍ଚଶିକ୍ଷା ଗ୍ରହଣକରି ସମାଜରେ ପ୍ରତିଷ୍ଠିତ ହୁଅନ୍ତୁ । ପରେ ସୁବାଷ ଉଚ୍ଚଶିକ୍ଷା ପାଇଁ ଭୁବନସ୍ଥ - ବାଜିରାଉତ ମେମୋରିଆଲ କଲେଜରେ +୨ କଳା ଶ୍ରେଣୀରେ ଦ୍ୱିତୀୟ ଶ୍ରେଣୀରେ ପାସ୍‌କରି ଭବିଷ୍ୟତରେ ଜଣେ ଶିକ୍ଷା ବୃତ୍ତିଧାରୀ ପାଇଁ - ଶିକ୍ଷା (ଅନର୍ସ) ରଖି +୩ (କଳା)ରେ ପ୍ରଥମ ଶ୍ରେଣୀରେ ପାସ୍ କରିଲା । ପରେ ଜୀବନର ଇଚ୍ଛାକୁ

ପରିପୂର୍ଣ୍ଣ କରିବାପାଇଁ - ବାପା, ମା'ଙ୍କୁ ପଚାରିଥିଲା - ତତ୍‌କ୍ଷଣାତ୍ ମା' କହିଥିଲେ - ତୁ ଶିକ୍ଷକଟିଏ ହୋ, ମାତ୍ର ବାପା ଚାହିଁଲେ ସୁବାଷ ଉଚ୍ଚଶିକ୍ଷା କରି - ଅଧ୍ୟାପକଟିଏ ହେଉ । ପରିଶେଷରେ ସୁବାଷ ଅଧ୍ୟାପକଟିଏ ହେବାପାଇଁ ଉଚ୍ଚଶିକ୍ଷା +୩ (କଳା)ରେ ଶିକ୍ଷା (ଅନର୍ସ) ସହ - ଓଡିଆ ସାହିତ୍ୟକୁ ବାଧ୍ୟତାମୂଳକ ବିଷୟ ରଖିଥିବାରୁ - ଓଡିଆ ସାହିତ୍ୟରେ ସ୍ନାତକୋତ୍ତର (ଏମ୍.ଏ.) କରିବାକୁ ସିଦ୍ଧାନ୍ତ ନେଲା ଓ ଉତ୍କଳ ବିଶ୍ୱବିଦ୍ୟାଳୟରେ ପ୍ରାଇଭେଟ୍ ଭାବରେ ଏମ୍.ଏ. (ଓଡିଆ ସାହିତ୍ୟ)ରେ କଟକ ଲ କଲେଜରେ ପରୀକ୍ଷା ଦେଲା । ସେଠାରେ ୧ ମାସଧରି - ମା' ଭାରତୀ ଦେବୀଙ୍କ ନାନୀ ଗୋଡିର ବଡୁପଅ - ଯୁଧିଷ୍ଠିର ନାୟକ - ନୂଆବଜାର କଟକ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ରେ ପ୍ରଧାନଆଚାର୍ଯ୍ୟ ଥିଲେ - ତାଙ୍କରି ପାଖରେ ଥିଲି ଏମ୍.ଏ. (ଓଡିଆ) ପରୀକ୍ଷା ଦେଇଥିଲେ ।

ସୁବାଷ ପରବର୍ତ୍ତୀ ସମୟରେ ଓଡିଆ ସାହିତ୍ୟର ବିଭିନ୍ନ ଲେଖାଲେଖି କରିଲେ, ଯାହାଙ୍କ ପତ୍ର ଓ ପତ୍ରିକାରେ ପ୍ରକାଶିତ ହୋଇ ପାଠକୀୟ ଆଦୃତି ଲାଭ କରିଲା । ଏହାସହିତ ବିଭିନ୍ନ ଜାତୀୟ ସେମିନାର ରେ ମଧ୍ୟ ଭାଗନେଇ ଓ ଅଧିକ ଉଚ୍ଚଶିକ୍ଷା ପାଇଁ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ପ୍ରଫେସର ଆଦିକନ୍ଦ ସାହୁଙ୍କ ତତ୍ତ୍ୱାବଧାନରେ - "ଓଡିଆ ସାହିତ୍ୟକୁ ନନ୍ଦିନୀ ଶତପଥି ଙ୍କ ଅବଦାନ" ପ୍ରସଙ୍ଗରେ ଗବେଷଣା କରି ପିଏଚ୍.ଡି. ଉପାଧି ପାଇଲେ । ଏହା ପରେପରେ ସୁବାଷ ର ଜୀବନରେ ଅନେକ ପରିବର୍ତ୍ତନ ଆସିଲା ଢେଙ୍କାନାଳର ବିଦ୍ୟାର୍ଥୀ ରେସିଡେଣ୍ଟାଲ କଲେଜରେ ସେ ଓଡିଆ ଅଧ୍ୟାପକ ଭାବରେ ସ୍ଥାୟୀ ଭାବରେ ଯୋଗଦେଲେ ଓ ସାହିତ୍ୟ ରଚନାରେ ନିମଗ୍ନ ରହିଲେ ।

ତା' ପରେପରେ ମା' ଭାରତୀ ଦେବୀ ଚାହିଁଲେ ବଡପୁଅ ସୁବାଷ ହାତକୁ ଦିହାତ ହେଉ । ପାଞ୍ଚଗୋଟି ପ୍ରସ୍ତାବ ସୁବାଷ ର କାଟ ଖାଇଲା ପରେ - ପରିଶେଷରେ ଐତିହାସିକ କଟକ ସହରର ଚାଉଳିଆଗଞ୍ଜ ନିବାସୀ ସୁରେନ୍ଦ୍ର ସାହୁଙ୍କ ମଧ୍ୟମାକନ୍ୟା - ତୁଳସୀ ସାହୁଙ୍କ ସହ ବିନା ଯୌତୁକରେ ବୈଦିକ ରୀତିରେ ବିବାହ କାର୍ଯ୍ୟ ସଂପୂର୍ଣ୍ଣ ହେଲା - ୧୨ ଜୁନ୍, ୨୦୧୫ ମସିହାରେ । ତୁଳସୀ ଥିଲେ ଗ୍ରାଜୁଏଟ୍ (ବିଏ) - ତତ୍‌ସହିତ ଏକ ବେସରକାରୀ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ଆକାଉଟାଣ୍ଟ । ମାତ୍ର ଶାଶୁ ଭାରତୀ ଦେବୀଙ୍କ ପ୍ରେରଣାରେ ବିବାହ

ପରେପରେ - ଉଚ୍ଚଶିକ୍ଷା ଲାଭକଲେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଘରୋଇ ଭାବରେ ଏମ୍.ଏ. (ଇଂରାଜୀ ସାହିତ୍ୟରେ) । ଧର୍ମପତ୍ନୀ ତୁଳସୀ (ଟିକି) ଆସିବା ପରେ - ପତି ସୁବାଷ ର କର୍ମମୟ ଜୀବନରେ ବ୍ୟାପକ ପରିବର୍ତ୍ତନ ହେବାରେ ଲାଗିଲା । ସୁବାଷ - ଅଧ୍ୟାପକ ସହ ସାହିତ୍ୟିକ ଓ ଗବେଷକ ଭାବରେ କାର୍ଯ୍ୟ ଆରମ୍ଭ କରିଦେଲେ ।

ଅଧ୍ୟାପକ ସୁବାଷ - ତିନିବର୍ଷ ବିଦ୍ୟାର୍ଥୀ କଲେଜରେ ଅଧ୍ୟାପକ ଭାବରେ କାର୍ଯ୍ୟ କରିବା ପରେ - ପ୍ରଥମ ସନ୍ତାନର ଖୁସିରେ ଆନନ୍ଦିତ ହୋଇଥିଲେ, ମାତ୍ର ବିଧିର ବିଧାନ ଥିଲା ଅନ୍ୟତମ - ତୁଳସୀ ସାତମାସର ଗର୍ଭବତୀ ଥିବା ସମୟରେ ଗର୍ଭସ୍ତ ଶିଶୁଟି ମରିଯାଇଥିଲା । ତୁଳସୀର ମାନସିକ ଅବସ୍ଥା ଦେଖି - ମା' ଭାରତୀ ଦେବୀଙ୍କ ପରାମର୍ଶକ୍ରମେ ସୁବାଷ ଘରେ ରହି ପତ୍ନୀ ତୁଳସୀ ଦେବୀଙ୍କ ଦେଖାଶୁଣା କରିଲେ ଓ ପରିଶେଷରେ ଅଧ୍ୟାପକ ଚାକିରୀ ରୁ କିଛିଦିନ ବିରତି ନେଲେ । କିଛିମାସ ଅନ୍ତରରେ ସୁବାଷ - ଓଡିଶାର ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନ କଟକ - ଟାଙ୍ଗୀସ୍ଥ - ଟେଟ୍ରାହେଡ୍ରନ କଲେଜର ଓଡିଆ ଅଧ୍ୟାପକ ଭାବରେ ଯୋଗଦେଲେ । ପରେପରେ ଅଧ୍ୟାପକ ତ୍ରିଦେବ ବେହେରା ଙ୍କ ନାମାନୁସାରେ ତାଙ୍କର ଟେଟ୍ରାହେଡ୍ରନ୍ ଗ୍ରୁପ୍ - ତ୍ରିଦେବ ଡିଗ୍ରୀ କଲେଜ କରିଲେ, ଯାହାକି ଉତ୍କଳ ବିଶ୍ୱବିଦ୍ୟାଳୟର ଅନୁମୋଦିତ ଓ ଓଡିଶା ସରକାର ଙ୍କ ଉଚ୍ଚଶିକ୍ଷା ବିଭାଗର ସ୍ୱୀକୃତିପ୍ରାପ୍ତ । ସୁବାଷ ସେଠାରେ ଓଡିଆ ଭାଷା ଓ ସାହିତ୍ୟର ଆସିଷ୍ଟାଣ୍ଟ ପ୍ରଫେସର ସହ କଲେଜର ଭାଇସ୍ ପ୍ରିନିସ୍‌ପାଲ୍ ଓ କାର୍ଯ୍ୟବାହୀ ପ୍ରିନିସ୍‌ପାଲ୍ ଭାବରେ ଅଧୁନା କାର୍ଯ୍ୟରତ । ୟୁଜିସି ନିୟମାନୁଯାୟୀ - ଆସୋସିଏଟେ୍ ପ୍ରଫେସର ପଦବୀର ସମତୁଲ୍ୟ ।

ଗବେଷକ - ସୁବାଷ, ଓଡିଆ ଭାଷା ଓ ସାହିତ୍ୟର ଅନେକ ସୃଜନୀ ସୃଷ୍ଟି ପ୍ରାୟତଃ ଓଡିଶାର ପତ୍ର ଓ ପତ୍ରିକାରେ ପ୍ରକାଶିତ ଓ ୧୩ ଗୋଟି ଗବେଷଣା ପତ୍ର - ଜାତୀୟ ଓ ଆନ୍ତର୍ଜାତୀୟ ପତ୍ରିକାରେ ପ୍ରକାଶିତ । ନନ୍ଦିନୀ ଶତପଥି ଙ୍କ ସାରସ୍ୱତ କୃତିରେ ଗବେଷଣା କରି ଡକ୍ଟରେଟ୍ (ପିଏଚ୍.ଡି.) ଉପାଧିପ୍ରାପ୍ତ ଓ ସମ୍ପ୍ରତି - ଉତ୍କଳ ବିଶ୍ୱବିଦ୍ୟାଳୟରେ - ପୋଷ୍ଟ ଡକ୍ଟରାଲ (ଡକ୍ଟର ଅଫ୍ ଲିଟେରଚର) ଡି.ଲିଟ୍. ପାଇଁ ମା' ଭାରତୀ ଦେବୀଙ୍କ ପ୍ରେରଣା ପୁଅ ମୋର ସଂସାରର ସର୍ବୋଚ୍ଚ ଡିଗ୍ରୀଧରୁ । ଡି.ଲିଟ୍. ଗବେଷଣାର - ବିଷୟବସ୍ତୁ

- "ଓଡିଆ ସାହିତ୍ୟର କବି କାଳିନ୍ଦୀଚରଣ ପାଣିଗ୍ରାହୀ ଓ ଗୁଜୁରାଟୀ ସାହିତ୍ୟର କବି ନରେନ୍ଦ୍ର ମୋଦି ଙ୍କ - କାବ୍ୟଜଗତ ଏକ ଅଧ୍ୟୟନ" । ତତ୍‌ସହିତ ସ୍ୱତତ୍ତ୍ୱବଧାରକ ଗାଇଡି (ଗବେଷଣା ଶିକ୍ଷାର୍ଥୀଙ୍କ) ପାଇଁ ବିଶ୍ୱବିଦ୍ୟାଳୟରେ ପ୍ରୟାସରତ ।

ସାହିତ୍ୟିକ ସୁବାଷ - ମା' ଭାରତୀ ଦେବୀଙ୍କର ଇଚ୍ଛାଥିଲା - ଆମ ମା'ର ଭାଷା - ମାତୃଭାଷା - ଓଡିଆ, ଏହାର ସାହିତ୍ୟ ଓଡିଆ ସାହିତ୍ୟ ପାଇଁ ପୁଅ ସୁବାଷ କିଛି କାର୍ଯ୍ୟକରୁ । ମା'ଙ୍କର ସ୍ୱପ୍ନକୁ ସତ କରିବାପାଇଁ ଓଡିଆ ଅଧ୍ୟାପକ ସୁବାଷ - ସାହିତ୍ୟ ରଚନା କରିବାରେ ମନୋନିବେଶ କରିଲେ । ୧ ୨ ଗୋଟି ସାହିତ୍ୟ ପୁସ୍ତକର ସୃଷ୍ଟିସାଧକ ସୁବାଷ -

କବିତା - ପ୍ରିୟା - (ଏକ କାବ୍ୟ ସାହିତ୍ୟ)

ଗଳ୍ପ - ପଥହରା ପଥିକ - (ଏକ ଗଳ୍ପ ସାହିତ୍ୟ)

ଉପନ୍ୟାସ - ଭାରତୀ ଦେବୀ - (ଏକ ନାରୀ କେନ୍ଦ୍ରୀକ ଉପନ୍ୟାସ ସାହିତ୍ୟ)

ପ୍ରବନ୍ଧ - ଭାରତୀୟ ସାହିତ୍ୟ ର କାବ୍ୟପୁରୁଷ
ନରେନ୍ଦ୍ର ମୋଦି ଓ କାଳିନ୍ଦୀଚରଣ ପାଣିଗ୍ରାହୀ
(ଏକ ଆଲୋଚନାତ୍ମକ ପ୍ରବନ୍ଧ ସାହିତ୍ୟ)

ସାହିତ୍ୟ ସମାଲୋଚନା - ସୃଜନପ୍ରଭା - ଓଡିଆ ସାହିତ୍ୟ ର ସୃଷ୍ଟି ଓ ସ୍ରଷ୍ଟା
(ଏକ ସୃଜନଶୀଳ ସମାଲୋଚନା ସାହିତ୍ୟ)

ଅନୁବାଦ - 'ଏକ ଯାତ୍ରା' - ନରେନ୍ଦ୍ର ମୋଦି ଙ୍କ କାବ୍ୟମାନସ
(ଓଡିଆ ଅନୁବାଦ ସାହିତ୍ୟ)

ନିବନ୍ଧ - ସାରସ୍ୱତ ସାଧିକା ନନ୍ଦିନୀ ଶତପଥି
(ଏକ ଗବେଷଣାତ୍ମକ ନିବନ୍ଧ ସାହିତ୍ୟ)

ସମୀକ୍ଷା ସାହିତ୍ୟ - ବିଜୁ ଜନତା ଦଳ - ଓଡିଶା ଜନମାନସ ର ସେବକ
(ଏକ ରାଜନୈତିକ ସମୀକ୍ଷା ସାହିତ୍ୟ)

ନାଟକ - ଅସ୍ତମିତ ସୂର୍ଯ୍ୟ ବାବାଜୀ - (ଏକ ସାମାଜିକ ନାଟ୍ୟ ସାହିତ୍ୟ)

ଜୀବନୀ ସାହିତ୍ୟ - ରାମଚନ୍ଦ୍ର ନାୟକ - ଏକ ଅମ୍ଳାନ ପ୍ରତିଭା
(ଏକ ଜୀବନୀ ସାହିତ୍ୟ)

ସନ୍ଦର୍ଭ କାବ୍ୟ ସାହିତ୍ୟ - ନରେନ୍ଦ୍ର ମୋଦି ଙ୍କ 'ଏକ ଯାତ୍ରା'
ଭାରତୀୟ ସାହିତ୍ୟ ର ପ୍ରତିଫଳନ
(ଏକ ଗବେଷଣାତ୍ମକ ସନ୍ଦର୍ଭ କାବ୍ୟ ସାହିତ୍ୟ)

ସନ୍ଦର୍ଭ କାବ୍ୟ ସାହିତ୍ୟ - ନରେନ୍ଦ୍ର ମୋଦି ଙ୍କ 'ଏକ ଯାତ୍ରା'
ବିଶ୍ୱସାହିତ୍ୟରେ ପ୍ରତିଫଳନ
(ଏକ ଉଚ୍ଚତର ଗବେଷଣାତ୍ମକ ସନ୍ଦର୍ଭ କାବ୍ୟ ସାହିତ୍ୟ)

ମା'ଙ୍କର ପ୍ରେରଣା ବିନା - ସାହିତ୍ୟିକଟିଏ ହୋଇ ପାରିନଥାନ୍ତେ - ବଡପୁଅ ସୁବାଷ ।

ଆନ୍ତର୍ଜାତୀୟ ସଂଗଠନ - (୩୯ତମ) - ବିଶ୍ୱକବି ସମ୍ମିଳନୀ - ୨୦୧୯ କିଟ୍ ବିଶ୍ୱବିଦ୍ୟାଳୟରେ - କବି ସୁବାଷ ର ଯୋଗଦାନ ।

ଜାତୀୟସ୍ତରୀୟ ସଂଗଠନ - ନିଖିଳ ଭାରତ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ଶିକ୍ଷକ ସଂଗଠନର - ଜାତୀୟ ଶିକ୍ଷାନୀତି ଉପରେ ଜାତୀୟ ସେମିନାର ରେ ଅଂଶଗ୍ରହଣ ଓ ସନ୍ଦର୍ଭ ପାଠର ସୁଯୋଗ ଆଣି ଦେଇଥିବା - ସୁବାଷ ଙ୍କୁ ।

ଅନେକ ପତ୍ର, ପତ୍ରିକାର ଆଜୀବନ ମେମ୍ବର ସହ ଜାତୀୟ ସେମିନାର ରେ ଯୋଗଦାନ ।

ନିଖିଳ ଓଡିଆ ଅଧ୍ୟାପକ ସମ୍ମିଳନ - ଓଡିଶାର ଆଜୀବନ ସଭ୍ୟ ସହ ଓଡିଶାର ଶତାୟୁ ସାରସ୍ୱତ ଅନୁଷ୍ଠାନ - ଉତ୍କଳ ସାହିତ୍ୟ ସମାଜର ଆଜୀବନ ସଭ୍ୟ ଏବଂ ଓଡିଆ ଗବେଷଣା ପରିଷଦର ଆଜୀବନ ସଭ୍ୟ ଭାବରେ ସୁବାଷ କାର୍ଯ୍ୟରତ ।

ମା' ଭାରତୀ ଦେବୀଙ୍କ ପ୍ରେରଣା - ପୁଅ ସୁବାଷ କୁ ଜଣେ ଅଧ୍ୟାପକ, ସାହିତ୍ୟିକ, ଗବେଷକ ଭାବରେ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ପ୍ରତିଷ୍ଠିତ କରିପାରିଛି । ଏକ କନ୍ୟାରତ୍ନ - ତେଜସ୍ୱିନୀ (ଲକି), ଧର୍ମପତ୍ନୀ - ତୁଳସୀ ଙ୍କୁ ନେଇ ସୁବାଷ ର ସଂସାର ।

**ପ୍ରକାଶ ନାୟକ -**

ଭାରତୀ ଦେବୀ ଓ ରାମଚନ୍ଦ୍ର ଙ୍କର ମଧ୍ୟମପୁତ୍ର ସନ୍ତାନ ପ୍ରକାଶ ଜନ୍ମ - ୩୦ ଡିସେମ୍ବର, ୧୯୮୦ - ମା'ଙ୍କର ସ୍ନେହ ଶ୍ରଦ୍ଧାରେ ଛୋଟରୁ ବଡ ହୋଇଥିବା ଶିଶୁଟି - ଶିକ୍ଷାଗ୍ରହଣ କରିଥାଏ - ସ୍ଥାନୀୟ ବଡହାଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପାଠପଢି - ପ୍ରଥମରୁ ସପ୍ତମ ଶ୍ରେଣୀ ଉତ୍ତୀର୍ଣ୍ଣ ପରେପରେ ସେଠାରେ ସ୍ଥାପିତ ହୋଇଥିବା ବଡହାଟ ହାଇସ୍କୁଲରୁ ଦଶମ ଶ୍ରେଣୀ - ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ । ମା'ଙ୍କ ସ୍ୱପ୍ନଥିଲା - ପୁଅ ପ୍ରକାଶ ଟେକ୍‌ନୋଲୋଜି ବିଭାଗରେ ପାରଦର୍ଶିତା ଲାଭକରୁ, ମା'ଙ୍କ ସ୍ୱପ୍ନକୁ ସାକାର କରିବାପାଇଁ ବଡଭାଇ ସୁବାଷ ପ୍ରକାଶ କୁ ଉଚ୍ଚଶିକ୍ଷା ଦେବାରେ ଅଗ୍ରସର ହୋଇଥିଲେ । ସ୍ଥାନୀୟ ବାଜିରାଉତ ମେମୋରିଆଲ କଲେଜରେ +୨ ବିଜ୍ଞାନ ପାଠ ପଢିଲେ । ବାପା ରାମଚନ୍ଦ୍ର ସେତେବେଳେ ଥିଲେ - କଲେଜର ଗଭର୍ନିଙ୍ଗ ବଡି ମେମ୍ବର (ଢେଙ୍କାନାଳ ଏମ୍.ପି. ତଥାଗତ ଶତପଥି ଙ୍କ ନୋମିନୀ) । ପ୍ରକାଶ - କଲେଜରେ ଜଣେ ସକ୍ରିୟ ଛାତ୍ରନେତା ଭାବରେ କାର୍ଯ୍ୟ କରିଲେ, ମାତ୍ର +୨ ବିଜ୍ଞାନରେ ରେଜଲ୍ଟ ଖରାପ ହୋଇଗଲା ୨ଥର - ଖରାପ ହେବାପରେ ବଡଭାଇ ସୁବାଷ - ସାନଭାଇ ପ୍ରକାଶ କୁ ତତ୍‌କାଳୀନ ୟୁଜିସିର ନିୟମାନୁଯାୟୀ - ଉତ୍କଳ ବିଶ୍ୱବିଦ୍ୟାଳୟର ଦୂରଶିକ୍ଷା ନିର୍ଦ୍ଦେଶାଳୟ (ଡିଡିସିଇ)ରୁ ପ୍ରବେଶିକା ପରୀକ୍ଷା ସହ ଅନୁଗୁଳର ବଅଁରପାଳ କଲେଜରୁ +୩ (କଳା) (ବିଏ) ପାସ୍ କରିଲା ।

ମା' ଭାରତୀ ଦେବୀ - ବାପା ରାମଚନ୍ଦ୍ର ଙ୍କୁ କହି - କିଛି ଆର୍ଥିକ ସାହାଯ୍ୟ ଦେଇ - ପ୍ରକାଶ ଏକ ଭିଡିଓ କ୍ୟାମେରା ଆଣି ବ୍ୟବସାୟ ଆରମ୍ଭ କରିଲା । ପରବର୍ତ୍ତୀ ସମୟରେ ପ୍ରକାଶ - ଶ୍ରୀରାମ ଭିଜନ ଏକ ପ୍ରତିଷ୍ଠାନ କରିଲା । ସେଥିରେ ଭିଡିଓ ସୁଟିଙ୍ଗ୍, ଏଡିଟିଙ୍ଗ୍ ସହ ଡ୍ରୁନ୍ କ୍ୟାମେରା ଓ ପିଲା ଦୁଇଟା ରଖି କାମକରି ଚାଲିଲା ।

ମାତ୍ର ମା' କହିଲେ - ପୁଅ ପ୍ରକାଶ ର - ଏକ ସ୍ଥାୟୀ ଜୀବିକା ନିର୍ବାହ କର । ମା' ଭାରତୀ ଦେବୀଙ୍କ ପ୍ରେରଣା ତଥା ବଡଭାଇ ସୁବାଷ ର ସକ୍ରିୟ ସହଯୋଗରେ - ପ୍ରକାଶ ଉତ୍କଳ ବିଶ୍ୱବିଦ୍ୟାଳୟର - ଢେଙ୍କାନାଳ ଲ କଲେଜର ତିନିବର୍ଷ ଲ ପାଠପଢି ଏଲ୍‌ଏଲ୍‌ବି ପାସ୍ କରିଲା । ପରେ ସୁବାଷ ପ୍ରକାଶ କୁ ନେଇ - ଓଡିଶା ରାଜ୍ୟ ଆଇନ୍ ପରିଷଦ,

କଟକରେ ଜଣେ ଆଇନଜୀବୀ ଭାବରେ ନାମ ରେଜିଷ୍ଟ୍ରେସନ୍ କରି ୨୦୧୦ରୁ ଅଦ୍ୟାବଧି ଭୁବନର ଜୁଡିସିଆଲ ମାଜିଷ୍ଟ୍ରେଟ୍ କୋର୍ଟରେ ଓକିଲାତି କରୁଅଛି ।

ମା' ଭାରତୀ ଦେବୀ ତଥା ବାପା ରାମଚନ୍ଦ୍ର ଙ୍କ ପ୍ରଚେଷ୍ଟାରେ ବଡଭାଇ - ସୁବାଷ ର ଉଦ୍ୟମକ୍ରମେ ପ୍ରକାଶ ର ବିବାହ ହୁଏ - ୧୩ ଡିସେମ୍ବର, ୨୦୧୫ - ବାଲେଶ୍ୱର ଟାଉନ୍‌ରେ - ମୋତିଗଞ୍ଜ ବାସିନ୍ଦା - ହରିନାରାୟଣ ଟାଲ୍‌ଡୀ ଙ୍କ ଝିଅ ସୁପ୍ରଭା (ନିନି) ସହିତ । ନିନି ଜଣେ ବିଏ, ବି.ଏଡ. ଡିଗ୍ରୀଧାରୀ ତଥା ଓଡିଶା ସରକାର ଙ୍କ ଶିକ୍ଷା ବିଭାଗର - ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟତ୍ରୀ, ଭୁବନ ବ୍ଲକ୍‌ରେ କର୍ମକ୍ଷେତ୍ର । ଏକମାତ୍ର ପୁଅ - ଅଂଶୁମାନ (ରାଜା) କୁ ନେଇ ପ୍ରକାଶ ର ପରିବାର । ନାତିଟୋକା ରାଜା ଜେଜେମା - ଭାରତୀ ଦେବୀଙ୍କର ନୟନ ପିତୁଳା ।

<u>ମାନସ ନାୟକ -</u>

ଭାରତୀ ଦେବୀ ଓ ରାମଚନ୍ଦ୍ର ଙ୍କର ମାନସ ଥିଲା ଶେଷ ତଥା ଚତୁର୍ଥ ସନ୍ତାନ । ବଡଭଉଣୀ - ଜୟନ୍ତୀ ଓ ଦୁଇଭାଇ - ସୁବାଷ ଓ ପ୍ରକାଶ ପରେ ମାନସ ର ଜନ୍ମ - ୦୮/୦୬/୧୯୮୩ ଭୁବନ ସହରର ବଡହାଟସ୍ଥ - ଶ୍ରୀରାମ ନିବାସ ଘରେ । ମାନସ କୋଡପୋଛା ସନ୍ତାନ ହୋଇଥିବାରୁ ମା' ଭାରତୀ ଦେବୀଙ୍କର ଅଧିକ ଭଲପାଇବା ମାନସ ଠାରେ ରହିଥିଲା । କାଳକ୍ରମେ ଶିଶୁ ମାନସ - ନିକଟସ୍ଥ ବଡହାଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ପ୍ରଥମ ରୁ ସପ୍ତମ ଶ୍ରେଣୀ ପାଠ ପଢିଲା । ବଡଭଉଣୀ ଜୟନ୍ତୀ ତାକୁ ଧରି ସ୍କୁଲକୁ ପ୍ରତିଦିନ ନେଇଥାନ୍ତି । ମାନସ ଭୁବନ ହାଇସ୍କୁଲର ଛାତ୍ର ଭାବରେ ଅଷ୍ଟମ, ନବମ ଓ ଦଶମ ପଢି ମାଟ୍ରିକ୍ ପାସ୍ କରିଲା । ପରେପରେ ଉଚ୍ଚଶିକ୍ଷା ପାଇଁ ମା', ବାପା ଓ ବଡଭାଇ ସୁବାଷ ଚିନ୍ତାକରି ଶେଷରେ ଭୁବନସ୍ଥ - ବାଜିରାଉତ ମେମୋରିଆଲ କଲେଜରେ +୨ କଳା ପଢିଲା ଓ +୨ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେଲା । ଉଚ୍ଚଶିକ୍ଷା ପାଇଁ ବଡଭାଇ ସୁବାଷ ର ପ୍ରେରଣାରେ - ସେହି କଲେଜରେ +୩ କଳା - ଶିକ୍ଷା ଅନର୍ସ ନେଇ ପାଠପଢି ପ୍ରଥମ ଶ୍ରେଣୀରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ହେଲା । କଲେଜର ରୌପ୍ୟ ଜୟନ୍ତୀ ବର୍ଷରେ (୨୦୦୨) ମାନସ କଲେଜ ଛାତ୍ର ସଂସଦ ନିର୍ବାଚନରେ ସଭାପତି ପ୍ରାର୍ଥୀହୋଇ ମାତ୍ର

ତିନିଖଣ୍ଡ ଭୋଟରେ ପରାସ୍ତ ହୋଇଥିଲା । ମାତ୍ର ମେଧାବୀ ଛାତ୍ର (ଲିଟରାରୀ ଚମ୍ପିଆନ) ହୋଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କ ଠାରୁ ରୌପ୍ୟ ଜୟନ୍ତୀ ବାର୍ଷିକ ଉତ୍ସବରେ ଶ୍ରେଷ୍ଠଛାତ୍ରର ମାନପତ୍ର ପାଇଥିଲା ।

ତା'ପରେ ମାନସ ଜୀବନରେ ଏକ ବଡ ପରିବର୍ତ୍ତନ ଆସିଥିଲା । ବଡଭାଇ ର ପ୍ରେରଣାରେ ସେ ଶିକ୍ଷକତା ବୃତ୍ତିକୁ ଆଦରି ନେଲା । ନିକଟସ୍ଥ ଘରୋଇ ସ୍କୁଲର ଶିକ୍ଷକ ସହିତ କୋଚିଂ ସେଣ୍ଟରରେ ଶିକ୍ଷାଦାନ କରିଲା । ଭାଇ ସୁବାଷ ମାନସ କୁ ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୁ)ରୁ ବି.ଏଡ. ନାମଲେଖା କରାଇଲେ । ମାନସ ସେଥିରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷା ସହାୟକ ନିଯୁକ୍ତି ପାଇଁ ବର୍ତ୍ତମାନ ପୂର୍ଣ୍ଣ ସରକାରୀ ଶିକ୍ଷକ ଭାବରେ ଭୁବନ ବ୍ଲକ୍‌ରେ କାର୍ଯ୍ୟରତ ।

ମାନସ ର ଉଚ୍ଚଶିକ୍ଷାକୁ ଦୃଷ୍ଟିଆଖିରେ ରଖି ବଡଭାଇ ସୁବାଷ ମାନସ କୁ ଇଂରାଜୀ ସାହିତ୍ୟରେ ଏମ୍.ଏ. ନାମ ଲେଖାଇଥିଲେ - ଘରୋଇ ଭାବରେ ଉତ୍କଳ ବିଶ୍ୱବିଦ୍ୟାଳୟରେ । ମାନସ ସଫଳତାର ସହ ଏମ୍.ଏ. ପାସ୍ କରିଲା । ମା' ଭାରତୀ ଦେବୀ ମାନସ କୁ ପ୍ରେରଣା ଦେଲେ - ବଡଭାଇ ସୁବାଷ ଭଳି ଗବେଷଣା କରି ଡକ୍ଟରେଟ୍ (ପିଏଚ୍.ଡି) ଡିଗ୍ରୀ ପାଇବାପାଇଁ, ବାପା ରାମଚନ୍ଦ୍ର ମଧ୍ୟ ମାନସ କୁ ପ୍ରେରଣା ଦେଇଥିଲେ - ଓଡିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କ ଲେଖକୀୟ କୃତି ଉପରେ ପିଏଚ୍.ଡି. କରିବାପାଇଁ । ପରିଶେଷରେ ବଡଭାଇ ସୁବାଷ ର ସହଯୋଗରେ - ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟ, ବାରିପଦା ରେ - ରିମୁଳି କଲେଜ, କେନ୍ଦୁଝର ର ଅବସରପ୍ରାପ୍ତ ପ୍ରିନିସ୍‌ପାଲ୍ ଡକ୍ଟର କାର୍ତ୍ତିକ ଚନ୍ଦ୍ର ମିଶ୍ର ଙ୍କ ଗାଇଡିରେ ମାନସ ପିଏଚ୍.ଡି. ରେଜିଷ୍ଟ୍ରେସନ କରିଲା । "Indian History and Culture in the Literary work's of Naveen Patnaik - A Study" ଉପରେ ମାନସ ଗବେଷଣା କରି ଜାନୁୟାରୀ ୨୦୨୦ରେ ଡକ୍ଟରେଟ୍ (ପିଏଚ୍.ଡି.) ଉପାଧି ପାଇଲା । ନବୀନ ପଟ୍ଟନାୟକ ଙ୍କ ତିନିଗୋଟି ପୁସ୍ତକ ଏଥିରେ ବର୍ଣ୍ଣିତ

ଭାଇ ସୁବାଷ ର ପ୍ରେରଣାରେ ମାନସ ଇଂରାଜୀ ସାହିତ୍ୟରେ କେତୋଟି ଗବେଷଣା ପତ୍ର ଜାତୀୟ ଓ ଆନ୍ତର୍ଜାତୀୟ ପତ୍ରିକାରେ ପ୍ରକାଶିତ ହୋଇଅଛି । ପରବର୍ତ୍ତୀ ସମୟରେ

ମାନସ ଜଣେ ଲେଖକ ଭାବରେ - Gita Mehta - An International Writer ପୁସ୍ତକ ରଚନା କରିଲେ । ଗୀତା ମେହେଟ୍ଟା ଙ୍କର ପାଞ୍ଚଗୋଟି ପୁସ୍ତକ କୁ ନେଇ - ଏହି ପୁସ୍ତକଟି ରଚନା କରିଲେ । ଏହି ପୁସ୍ତକଟି - କାଦମ୍ବିନୀ ମିଡିଆର ଜାତୀୟ ଲେଖକ ସମ୍ମିଳନୀରେ - ଆସାମର ମହାମହିମ ରାଜ୍ୟପାଳ ଜାନକୀ ବଲ୍ଲବ ପଟ୍ଟନାୟକ ଉନ୍ମୋଚନ କରିଥିଲେ ।

ମା' ଭାରତୀ ଦେବୀଙ୍କ ପ୍ରେରଣା ସାନପୁଅ ମାନସ କୁ ଶିକ୍ଷକ, ଲେଖକ, ଗବେଷକ ଭାବରେ ସମାଜରେ ପ୍ରତିଷ୍ଠିତ କରାଇଥିଲା । ମା' ଚାହିଁଲେ - ପୁଅ ତା'ର ବିବାହ କରି ଘରସଂସାର କରୁ । ବଡଭାଇ ସୁବାଷ ଓ ପ୍ରକାଶ ର ବିବାହ ପରେ ମାନସ ର ବିବାହ ପ୍ରସ୍ତାବ ଆରମ୍ଭ ହୋଇଥିଲା । ଶେଷରେ ଢେଙ୍କାନାଳ ଜିଲ୍ଲାର ରାସୋଳ ଗାଁରେ - ପୁରୁଷୋତ୍ତମ ସାହୁଙ୍କ କନିଷ୍ଠା କନ୍ୟା - ଶିବାନୀ ସହିତ ବିନା ଯୌତୁକରେ ବୈଦିକ ରୀତିରେ ବିବାହ କାର୍ଯ୍ୟହେଲା - ୧୮ ମାର୍ଚ୍ଚ, ୨୦୧୮ ରିଖରେ ଦାଦା ଭାଗବତ ବିବାହ କର୍ମ ସମାପନ କରିଥିଲେ । ଶିବାନୀ ଙ୍କ ଚାରିଭଉଣୀ ଥିଲେ, ସେ ସର୍ବକନିଷ୍ଠା ଥିଲେ । ତାଙ୍କର ଶିକ୍ଷାଗତ ଯୋଗ୍ୟତା +୩ ବିଜ୍ଞାନ (ବି.ଏସ୍‌ସି) ଓ ସିଟି । ଜଣେ ଘରୋଇ ଶିକ୍ଷୟିତ୍ରୀ ଭାବରେ କାର୍ଯ୍ୟରତା । ଶିବାନୀ ଓ ମାନସ ର ଏକମାତ୍ର ପୁତ୍ରସନ୍ତାନ - ଜ୍ୟୋତିଆଦିତ୍ୟ (ଆଦି) । ମାନସ ତା'ର ଧର୍ମପତ୍ନୀ ଓ ପୁତ୍ରକୁ ନେଇ ପରିବାର । ଯୌଥ ପରିବାର ଶ୍ରୀରାମ ନିବାସରେ ସମସ୍ତେ ଏକତ୍ରିତ ଚଳିଥାନ୍ତି ।

ପୁରୁଷ ଓ ନାରୀ ଗୋଟିଏ ସାଇକେଲ ର ଦୁଇଟି ଚକା । ଜଣେ ଅନ୍ୟଜଣର ସାହାରା ଓ ସାହାଯ୍ୟରେ ଆଗକୁ ବଢିଥାଏ । ସେହିପରି - ଶ୍ରୀରାମ ପରିବାର ର ମୁଖ୍ୟ ରାମଚନ୍ଦ୍ର ଓ ତାଙ୍କର ସହଧର୍ମିଣୀ ଭାରତୀ ଦେବୀ ଗୋଟିଏ ସାଇକେଲ ର ଦୁଇଗୋଟି ଚକା ସଦୃଶ । ଜଣଙ୍କ ସହଯୋଗରେ ଅନ୍ୟଜଣେ ସଂପୂର୍ଣ୍ଣ ପରିପୂରକ । ବାପା - ରାମଚନ୍ଦ୍ର ଙ୍କର ଆର୍ଥିକ ସାହାଯ୍ୟ ତଥା ମା' ଭାରତୀ ଦେବୀ ୪ ଗୋଟି ସନ୍ତାନକୁ ଛୋଟରୁ ବଡକରି ଜନ୍ମ, ଶିକ୍ଷା, କର୍ମ, ବିବାହରେ ନିଜର କର୍ତ୍ତବ୍ୟ ପରାୟଣତାକୁ କଦାପି ଭୁଲିପାରି ନାହାଁନ୍ତି

ବାସ୍ତବିକ୍ ଭାରତୀ ଦେବୀ ଜଣେ ସାଧାରଣ ନାରୀ ନଥିଲେ ଥିଲେ ସେ ଅସାଧାରଣ । ସାନପୁଅ ମାନସ ତାଙ୍କୁ ଅକ୍ଷର ଶିଖାଇ ମାତୃଭାଷା ଓଡିଆରେ ଭାରତୀ ନାୟକ ଦସ୍ତଖତ କରିଥିଲେ ଭାରତୀ ଦେବୀ । ଅପାଠୁଆ ଭାରତୀ ଦେବୀ ନିଜର ପିଲାମାନଙ୍କୁ ପାଠଦେଇ ସମାଜରେ ପରିଚିତ କରାଇ ପାରିବାରେ ତାଙ୍କର ଭୂମିକା - ନାରୀ ନୁହେଁ ନାରାୟଣୀ ର ଭୂମିକା କହିଲେ ଅତ୍ୟୁକ୍ତି ହେବନାହିଁ । ଜନନୀ ଭାରତୀ ନିଜର ଜନନୀର ମର୍ଯ୍ୟାଦାକୁ ବଢାଇ ପାରିଛନ୍ତି । ରାମଚନ୍ଦ୍ର ଓ ଭାରତୀ ଦେବୀଙ୍କ ପରିବାର ର ବିକାଶରେ ଭୂମିକା ଥିଲା ଅତୁଳନୀୟ ।

## ଶାଶୁ ମା' ଭାରତୀ

ଜଣେ ନାରୀର ଜୀବନ ପୂର୍ଣ୍ଣାଙ୍ଗପ୍ରାପ୍ତ ହୁଏ କେତେବେଳେ, ଯେତେବେଳେ ସେ ଜନନୀ ଲାଭକରେ ଅବା ପୁଣି ଭାଗ୍ୟବତୀ ହୋଇ ନିଜ ସନ୍ତାନର ଉତ୍ତରାଧିକାରୀ ନିଜ ଜୀବଦଶାରେ ଦେଖିଥାଏ । ସ୍ୱାମୀ ଓ ସ୍ତ୍ରୀ ସଂସାର ରୂପକ ରଥରେ - ନିଜର ସନ୍ତାନ ଓ ସନ୍ତତିକୁ (ପୁଅ / ଝିଅ) ଙ୍କୁ ଜନ୍ମଦେଇ (ଦଶମାସର ଗର୍ଭଧାରିଣୀ ଜନନୀ), ଉପଯୁକ୍ତ ଶିକ୍ଷା, ଉପଯୁକ୍ତ କର୍ମ ତଥା ଉପଯୁକ୍ତ ବର କିମ୍ବା କନ୍ୟା ପ୍ରାପ୍ତିରେ (ଜ୍ୱାଇଁ / ପୁତ୍ରବଧୂ) ନିଜର ସଂପୂର୍ଣ୍ଣ ଭାଗୀଦାରିତା କୁ ନିଭାଇଥାଏ ସିଏ ହିଁ ବନିଥାଏ - ଶାଶୁ ମା' ।

ଭାରତୀ ଦେବୀ - ସେହିପରି ଏପରି ଜଣେ ନାରୀ, ଯିଏ କନ୍ୟାରତ୍ନା, ଭଗିନୀ, ଧର୍ମପତ୍ନୀ, ଜନନୀ ର ମର୍ଯ୍ୟାଦାତମ ସୋପାନ ଅତିକ୍ରମ କରି ଜଣେ ଶାଶୁ ମା' ଭାରତୀ ଭାବରେ ନିଜର ଦାୟିତ୍ୱ ସଂପାଦନ କରିଛନ୍ତି । ସେ ଦାୟିତ୍ୱରେ ସେ କଦାପି ଅବହେଳା କରନାହାଁନ୍ତି । ସେ ତାଙ୍କର ଏକମାତ୍ର କନ୍ୟା ଜୟନ୍ତୀ ଙ୍କ ସ୍ୱାମୀ ମହେନ୍ଦ୍ର ଙ୍କୁ ଏକ ଜ୍ୱାଇଁ ଭାବରେ ନୁହେଁ ଏକ ପୁଅ ଭାବରେ ଶାଶୁ ମା' ଭାରତୀ ଦେବୀ ଦେଖିଥାନ୍ତି । ଏତଦ୍‌ବାଦ ତିନିପୁଅ - ବଡପୁଅ ସୁବାଷ ର ଧର୍ମପତ୍ନୀ - ତୁଳସୀ, ମଧ୍ୟମପୁଅ ପ୍ରକାଶ ର ଧର୍ମପତ୍ନୀ - ସୁପ୍ରଭା ଓ ସାନପୁଅ ମାନସ ର ଧର୍ମପତ୍ନୀ - ଶିବାନୀ ଙ୍କୁ ପୁତ୍ରବଧୂ ଭାବରେ ନଦେଖି ନିଜର କନ୍ୟା ଜୟନ୍ତୀ ଭଳି ସେମାନଙ୍କୁ ନିଜର କନ୍ୟାଭଳି ଦେଖି - ତାଙ୍କୁ ସମସ୍ତ ପ୍ରକାର କାମରେ ସାହାଯ୍ୟ ସହଯୋଗ କରିଥାନ୍ତି । ସେମାନେ ମଧ୍ୟ ଶାଶୁ ମା' ଭାରତୀ ଦେବୀଙ୍କୁ ନିଜର ମା' ଭଳି ପାଇଥିବା ସଦାସର୍ବଦା କହିଥାନ୍ତି ଓ ତାଙ୍କ ସେବା କରିଥାନ୍ତି ।

### ମହେନ୍ଦ୍ର କୁମାର ଲେଙ୍କା -

ଭାରତୀ ଦେବୀ ଓ ରାମଚନ୍ଦ୍ର ଙ୍କ ଏକମାତ୍ର କନ୍ୟାରତ୍ନା ଜୟନ୍ତୀ । ଜନ୍ମ, ଶିକ୍ଷା, କର୍ମ ପରେ - ବାପା, ମା' ତା'ର ବିବାହ କରାଇଥିଲେ - କେନ୍ଦ୍ରାପଡା ଜିଲ୍ଲା, ଓଳକଣା (ଓଡିଶାର ପ୍ରସିଦ୍ଧ ଦୋଳ ମେଲଣ ସ୍ଥାନ) - ଓଡିଶା ସରକାର ଙ୍କ ପଶୁ ସମ୍ପଦ ବିଭାଗର ଅବସରପ୍ରାପ୍ତ କର୍ମଚାରୀ ନନ୍ଦକିଶୋର ଲେଙ୍କା ଓ ଶୈଳବାଳା ଲେଙ୍କା ଙ୍କର ମଧ୍ୟମପୁତ୍ର - ମହେନ୍ଦ୍ର ଙ୍କୁ । ମହେନ୍ଦ୍ର ପ୍ରଥମେ ବିବାହ ସମୟରେ ତାଙ୍କ ମାମୁଁଙ୍କ ପାଖରେ

ରହି କଣ୍ଟ୍ରାକ୍ଟରୀ କରୁଥିଲେ । କାଳକ୍ରମେ ଶାଶୁମା ଭାରତୀ ଦେବୀଙ୍କ ପରାମର୍ଶରେ ନିଜସ୍ୱ ବ୍ୟବସାୟ - ବଡଶଳା ସୁବାଷ ର ସହଯୋଗରେ - ପ୍ରଧାନମନ୍ତ୍ରୀ ରୋଜଗାର ଯୋଜନାରେ ଋଣନେଇ ଗାଡି ବ୍ୟବସାୟ ସହିତ ଗ୍ୟାସ୍ ବ୍ୟବସାୟ କରୁଛନ୍ତି । ସେ ଶିକ୍ଷାରେ - ମାଟ୍ରିକ୍ ପାସ୍‌କରି +୨ (କଳା) ପରୀକ୍ଷାରେ ଖରାପ କରିଥିଲେ । ମାତ୍ର ପରବର୍ତ୍ତୀ ସମୟରେ ବଡଶଳାର ସାହାଯ୍ୟରେ ମହେନ୍ଦ୍ର ଓ ଜୟନ୍ତୀ - ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୁ)ରୁ ଅଣ୍ଡର ଗ୍ରାଜୁଏଟ୍ ।

୯ ଜୁଲାଇ, ୨୦୦୩ ରିଖରେ ବିବାହ ସମୟରେ ଶାଶୁମା ଭାରତୀ ଦେବୀ ଜ୍ୱାଇଁ ମହେନ୍ଦ୍ର ଙ୍କୁ ବିନା ଯୌତୁକରେ ବିବାହ କରିଥିଲେ ମଧ୍ୟ - ସମସ୍ତ ସୁନା ଅଳଙ୍କାର, ଫର୍ଣ୍ଣିଚର, ବାସନକୁସନ ସହ ଗାଡି, ଘରର ସମସ୍ତ ଯାବତୀୟ ବ୍ୟବହାର୍ଯ୍ୟ ଜିନିଷ ପ୍ରଦାନ କରିଥିଲେ, ଜ୍ୱାଇଁ ମହେନ୍ଦ୍ର ମଧ୍ୟ ଶାଶୁମା ଭାରତୀ ଦେବୀଙ୍କୁ ସମ୍ମାନ କରୁଥିଲେ ।

ବିବାହର ବର୍ଷକପରେ - ଜୟନ୍ତୀ ଙ୍କ ପ୍ରଥମ ପୁତ୍ରସନ୍ତାନ କଟକ ବଡ ଡାକ୍ତରଖାନାରେ ଜନ୍ମ ହୋଇଥିଲା - ଅପ୍ରେସନ୍ ଦ୍ୱାରା, ମାତ୍ର କିଛି ସମୟ ପରେ ପୁଅଟି ମରିଗଲା । ଭାରତୀ ଦେବୀ ଝିଅ ଜୟନ୍ତୀ କୁ ପାଖରେ ଦଶଦିନ ରହି ତାକୁ ତାଙ୍କ ଘର ଭୁବନକୁ ଆଣି ଛଅମାସ ରଖିଥିଲେ ଝିଅ ଦେହ ଭଲ ହେବାପାଇଁ । ପରବର୍ତ୍ତୀ ସମୟରେ ଜୟନ୍ତୀ ର ଦୁଇଗୋଟି କନ୍ୟା - ରାଜେଶ୍ୱରୀ ଓ ବ୍ରଜେଶ୍ୱରୀ ମଧ୍ୟ କଟକ ବଡ ଡାକ୍ତରଖାନାରେ ସେହିଭଳି ଜନ୍ମ ନେଇଥିଲେ । ଶାଶୁମା ଭାରତୀ ଦେବୀ ଜ୍ୱାଇଁ ମହେନ୍ଦ୍ର ଙ୍କ ଦୁଇଝିଅର ସେବାଯତ୍ନ ଜଣେ ଆଇ ମା' ଭାବରେ ନେଇଥିଲେ ।

ଶାଶୁମା ଭାରତୀ ଦେବୀ ମଧ୍ୟ ଜ୍ୱାଇଁ ମହେନ୍ଦ୍ର ର ଜ୍ୱାଇଁ କୁଣିଆ କରାଇଥିଲେ । ଶଶୁର ରାମଚନ୍ଦ୍ର ଙ୍କୁ କହି ସେହି ସମୟରେ କିଛି ଆର୍ଥିକ ବ୍ୟବସ୍ଥା ମଧ୍ୟ କରାଇଥିଲେ । ବାରମାସରେ ତେର ପର୍ବ ଭଳି - ସବୁ ପର୍ବପର୍ବାଣୀରେ - ଶାଶୁମା ଭାରତୀ ଦେବୀ ଜ୍ୱାଇଁ ମହେନ୍ଦ୍ର ଙ୍କ ଘରକୁ ଆଗ ସମସ୍ତ ଜିନିଷ ପଠାଉଥିଲେ । ସମସ୍ତ ପର୍ବପର୍ବାଣୀରେ (ରଜ ଓ ଦଶହରା) ରେ ଶାଶୁମା ଭାରତୀ ନିଜର ନାତୁଣୀ ଦୁଇଜଣଙ୍କୁ ନୂତନ ଡ୍ରେସ୍ ପ୍ରଦାନ କରନ୍ତି

ଜ୍ୱାଇଁ ମହେନ୍ଦ୍ର ମଧ୍ୟ ଶାଶୁମା ଭାରତୀ ଦେବୀର ତିନିଗୋଟି ପୁଅ ତଥା ନିଜ ସାନଶଳା - ସୁବାଷ, ପ୍ରକାଶ, ମାନସ ର ବିବାହ କର୍ମରେ ସଂପୂର୍ଣ୍ଣ ସହଯୋଗ ସହ ଶଳା ଭାଉଜ ମାନଙ୍କୁ ସୁନା ବିବାହରେ ବନ୍ଧାଇଛନ୍ତି । ଏପରିକି ତିନିଶଳା ମାନଙ୍କର ତିନୋଟି ପୁଅ ଓ ଝିଅ ଜନ୍ମ ସମୟରେ ମଧ୍ୟ ପିଉସା ମହେନ୍ଦ୍ର ଉପସ୍ଥିତ ରହି ସାହାଯ୍ୟ ସହଯୋଗ କରିଥାନ୍ତି ।

**ତୁଳସୀ ସାହୁ -**

ଭାରତୀ ଦେବୀଙ୍କର ବଡବୋହୂ ତୁଳସୀ (ଟିକି) - (ବଡପୁଅ ସୁବାଷ ର ଧର୍ମପତ୍ନୀ) - ବାପା ରାମଚନ୍ଦ୍ର ଙ୍କ ପ୍ରତ୍ୟେକ ପ୍ରେରଣାରେ ବଡପୁଅ ସୁବାଷ ଙ୍କୁ ଶିକ୍ଷା, କର୍ମ ଓ ବିବାହ କରାଇବାରେ ବାପା ରାମଚନ୍ଦ୍ର ଓ ମା' ଭାରତୀ ଦେବୀଙ୍କୁ ଅନେକ ଶ୍ରମ କରିବାକୁ ପଡିଅଛି । ବଡପୁଅ ସୁବାଷ ସମାଜରେ ଉଚ୍ଚଶିକ୍ଷା ଲାଭକରି ଜଣେ ଅଧ୍ୟାପକ ଭାବରେ ପରିଚିତ । ଜଣେ ଉପଯୁକ୍ତ କନ୍ୟାପାତ୍ରୀ ଟିଏ ପାଇବାପାଇଁ ଯୋଜନାରେ - ଐତିହାସିକ କଟକ ସହର ର ଜନଗହଳି ପୁରୁଣା ଅଞ୍ଚଳ ଚାଉଳିଆଗଞ୍ଜ । ସେଠିକାର ପାଟରା ସମ୍ପ୍ରଦାୟର - ଟେଲର ମାଷ୍ଟର ସୁରେନ୍ଦ୍ର ସାହୁ ଓ ସୁଭଦ୍ରା ସାହୁଙ୍କ ପାଞ୍ଚଗୋଟି ସନ୍ତାନ (୪ ଜଣ କନ୍ୟା ଓ ଏକମାତ୍ର ପୁତ୍ର) ମଧ୍ୟରୁ ତୁଳସୀ ଥିଲା ବଡମଝିଆଁ ଝିଅ । ଜଣେ କର୍ମଠ, ସତ୍ୟନିଷ୍ଠ ଝିଅ ଭାବରେ ସ୍ଥାନୀୟ ଅଞ୍ଚଳରେ ତୁଳସୀ (ଟିକି) ପରିଚିତା ।

୧୨ ଜୁନ୍, ୨୦୧୫ ମସିହାରେ - ବିନା ଯୌତୁକରେ ବୈଦିକ ରୀତିରେ - ସୁବାଷ ଓ ତୁଳସୀର ବିବାହ କର୍ମ ସମାପନ ହୋଇଥିଲା । ଦୁଇପିତା - ରାମଚନ୍ଦ୍ର ଓ ସୁରେନ୍ଦ୍ର ବିବାହରେ କର୍ତ୍ତା ସାଜିଥିଲେ । ଦୁହିତା ଦୁଇ କୁଳକୁ ହିତା - ଏ ସାଧୁବାଣୀକୁ ତୁଳସୀ ନିଜ ଜୀବନରେ କର୍ମରେ ସର୍ବଦା ଲଗାଇଛନ୍ତି । ବାପା ଘରେ - ବାପା, ମା', ବଡନାନୀ, ଦୁଇ ସାନଭଉଣୀ, ଗୋଟିଏ ସାନଭାଇ କୁ ଯଥାଚିତ୍ତ ସାହାଯ୍ୟ ସର୍ବୋପରି ବିବାହ ପରେ - ଶଶୁରାଳୟ - ରାମଚନ୍ଦ୍ର ଙ୍କ ପରିବାର ରେ - ଶାଶୁ, ଶଶୁର, ଦିଅର, ଯା, ନଣନ୍ଦ, ନଣଦେଇ, ପୁତୁରା, ଝିଆରୀ, ଭାଣିଜୀ ମାନଙ୍କର ପାଖରେ ଯଥାଚିତ୍ତ କାର୍ଯ୍ୟକରିବା ସହିତ - ବଡଶାଶୁ, ବଡଶଶୁର, ଖୁଡାଶୁର, ଖୁଡିଶାଶୁ ସମସ୍ତ ନଣନ୍ଦ ଓ

ନଣଦେଇ ମାନଙ୍କ ପାଖରେ ତୁଳସୀ ବୀତ ପ୍ରିୟପାତ୍ରୀ ।

ଶାଶୁମା ଭାରତୀ ଦେବୀଙ୍କ ପ୍ରେରଣାରେ ବଡବୋହୂ ତୁଳସୀ - ପୁଅ ଅଧ୍ୟାପକ ସୁବାଷ ର ସମର୍ଥନରେ ଉଚ୍ଚଶିକ୍ଷା ପାଇଁ ପ୍ରସ୍ତୁତହୋଇ ଉତ୍କଳ ବିଶ୍ୱବିଦ୍ୟାଳୟରେ ଦୂରଶିକ୍ଷା ନିର୍ଦ୍ଦେଶାଳୟ (ଡିଡିସିଇ) ମାଧ୍ୟମରେ ଇଂରାଜୀ ସାହିତ୍ୟରେ ସ୍ନାତକୋତ୍ତର (ଏମ୍.ଏ.) ପରୀକ୍ଷାଦେଇ ସଫଳତା ପାଇଲେ । ଜୀବନରେ ଶିକ୍ଷାକୁ କର୍ମକ୍ଷେତ୍ରର ଆଧାର ରୂପେ ବାଛି ନେଇଥିଲେ ।

ବିବାହର ଏକବର୍ଷ ପରେ ତୁଳସୀ ଙ୍କର ଏକ ସନ୍ତାନ ସାତମାସରେ ନଷ୍ଟ ହୋଇଗଲା, ବହୁତ କଷ୍ଟ ସ୍ୱୀକାର କରୁଥିବା ତୁଳସୀ କୁ ଶାଶୁମା ଭାରତୀ ଦେବୀ ଦମ୍ଭୀକତାରେ କଷ୍ଟକୁ ଭୁଲି ଆଗକୁ ଯିବାକୁ ପ୍ରେରଣା ଦେଇଥିଲେ । ତା'ର ଏକବର୍ଷ ପରେ ସୁବାଷ ଓ ତୁଳସୀ ଙ୍କର ଏକ କନ୍ୟାସନ୍ତାନ - ତେଜସ୍ୱିନୀ (ଲକି) ଜନ୍ମନେଲା - କଟକ ବଡ ଡାକ୍ତରଖାନାରେ - ମାର୍ଗଶିର ମାସ ଶେଷ ଗୁରୁବାର ଦିନ ଭୋର ୪ଟା ୧୪ ମିନିଟ୍‌ରେ । ଶାଶୁମା ଭାରତୀ ଦେବୀ କହିଲେ ମୋ ଘରକୁ ଲକ୍ଷ୍ମୀ ମା' ଆସିଲେ ।

ତୁଳସୀ ବିବାହର ଛଅମାସ ପରେ ଦିଅର ପ୍ରକାଶ (ଆଡଭୋକେଟ୍) ଙ୍କ ବାହାଘର ଓ ପରେ (୨ ବର୍ଷ) ରେ ସାନଦିଅର ଶିକ୍ଷକ ମାନସ ର ବିବାହ । ତୁଳସୀ ଦୁଇଯା - ସୁପ୍ରଭା (ନିନି) ଓ ସାନଯା - ଶିବାନୀ (ମାନି) କୁ ନିଜର ସାନଭଉଣୀ ଭଳି ମିଳିମିଶି କାମକରି ଯାଇଥାଏ ।

ବାସ୍ତବିକ୍ ତୁଳସୀ - ଶାଶୁମା ଭାରତୀ ଦେବୀଙ୍କର ବଡବୋହୂ ନୁହେଁ ତ ଗୋଟିଏ ଝିଅଭଳି ଚଳୁଥିଲା । ତୁଳସୀ ମଧ୍ୟ ଘରର ବଡବୋହୂ ହିସାବରେ - ଶାଶୁ, ଶଶୁର ଙ୍କୁ କଥାଦେଇ ଏକମନ ପ୍ରାଣରେ ଘରକୁ ଅଗ୍ରସର ହେବା ଦିଗରେ ସାହାଯ୍ୟ କରିଥାନ୍ତି ।

**ସୁପ୍ରଭା ଟାଲ୍‌ଡୀ -**

ଭାରତୀ ଦେବୀ ଓ ରାମଚନ୍ଦ୍ର ଙ୍କର ପୁତ୍ରବଧୂ ସୁପ୍ରଭା ଟାଲ୍‌ଡୀ (ନିନି), ମଧ୍ୟମପୁତ୍ର ଆଡଭୋକେଟ୍ ପ୍ରକାଶ ନାୟକ ଙ୍କ ଧର୍ମପତ୍ନୀ । ନିନିଙ୍କ ବାପାଘର ବାଲେଶ୍ୱର ଟାଉନ୍‌ର ମୋତିଗଞ୍ଜରେ । ବାପା - ହରିନାରାୟଣ ଟାଲ୍‌ଡୀ ଥିଲେ - ଅବସରପ୍ରାପ୍ତ

ଉପନିର୍ଦ୍ଦେଶକ କ୍ରୀଡା ସଂପଦ - ଫକୀରମୋହନ ସରକାରୀ କଲେଜ, ବାଲେଶ୍ୱର ରେ । ମା' - ବାସନ୍ତୀ ଟାଲ୍‌ଡୀ, ଗୋଟିଏ ପୁଅ ଓ ଚାରିଜଣ ଝିଅଙ୍କୁ ନେଇ ତାଙ୍କ ପରିବାର । ସୁପ୍ରଭା ଥିଲେ ବାପା-ମା'ଙ୍କର ଗେଲ୍ଲୁଝିଅ । ବାପା ତାଙ୍କୁ ଉଚ୍ଚଶିକ୍ଷା ପ୍ରଦାନ କରିଥିଲେ । ବିଏ, ବି.ଏଡ. ଡିଗ୍ରୀଧାରୀ ଜୀବନର କର୍ମକ୍ଷେତ୍ରରେ ପ୍ରଥମେ ଏକ ବେସରକାରୀ ସ୍କୁଲରେ ଶିକ୍ଷୟିତ୍ରୀ ଭାବରେ କାର୍ଯ୍ୟକରି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷା ସହାୟକ ଭାବରେ ଯୋଗଦାନ ପରେ ବିବାହ କରିଥିଲେ ।

ସୁପ୍ରଭା ଥିଲେ ସଚ୍ଚୋଟ ଓ ସ୍ୱାଭିମାନ ତଥା ଦୟାଳୁ । ତାଙ୍କର ବାପାଘରେ ଝିଅ ଜୀବନରେ ଯାହାଥିଲେ ମଧ୍ୟ ବିବାହ ପରେ ଶାଶୁଘରେ ସେପରି ଭାବରେ ରହିଥିଲେ । ଶାଶୁ, ଶଶୁର, ଦେଢଶୁର ସୁବାଷ, ଯା ତୁଳସୀ, ଝିଆରୀ ତେଜସ୍ୱିନୀ (ଲକି), ସ୍ୱାମୀ ପ୍ରକାଶ, ପୁଅ - ଅଂଶୁମାନ (ରାଜା) ସର୍ବୋପରି ସାନଦିଅର ମାନସ, ଯା ଶିବାନୀ, ପୁତୁରା ଜ୍ୟୋତିଆଦିତ୍ୟ (ଆଦି) ଏବଂ ନଣନ୍ଦ ଜୟନ୍ତୀ, ନଣଦେଇ ମହେନ୍ଦ୍ର, ଭାଣିଜୀ - ରାଜେଶ୍ୱରୀ (ଲିସା), ବ୍ରଜେଶ୍ୱରୀ (ଇସା) ଙ୍କର ସୁଖଦୁଃଖର ସାଥି ।

ସୁପଭ୍ରା - ଶାଶୁ ଓ ଶଶୁର ଙ୍କ ଦେହ ପା ଭଲମନ୍ଦ ବୁଝିବାସହ ସେମାନଙ୍କର ଯତ୍ନ ନେଇଥାନ୍ତି । ପରବର୍ତ୍ତୀ ସମୟରେ ବାଲେଶ୍ୱର ରୁ ଭୁବନ ବ୍ଲକ୍ କୁ ଶିକ୍ଷୟିତ୍ରୀ ଭାବରେ ବଦଳି ହୋଇ ଆସିଥାନ୍ତି । ବର୍ତ୍ତମାନ ଓଡିଶା ସରକାର ଙ୍କ ଶିକ୍ଷା ବିଭାଗର ସରକାରୀ ଶିକ୍ଷୟିତ୍ରୀ ଭାବରେ ମାନ୍ୟତାପ୍ରାପ୍ତ ।

ସ୍ୱାମୀ, ପୁଅ ଙ୍କୁ ନେଇ ପରିବାର କରିବା ସହ ସମଗ୍ର ଶ୍ରୀରାମ ପରିବାର ସଦସ୍ୟ ଭାବରେ ତାଙ୍କର ଅବଦାନ ଅତୁଳନୀୟ ।

**ଶିବାନୀ ସାହୁ -**

ଶିବାନୀ ଭାରତୀ ଦେବୀଙ୍କର କନିଷ୍ଠା ପୁତ୍ରବଧୂ, ଶଶୁର ରାମଚନ୍ଦ୍ର ଙ୍କର ଗେଲ୍ଲୁବୋହୂ ମାନସ ର ଧର୍ମପନ୍ତୀ । ଢେଙ୍କାନାଳ ର ରାସୋଲ ଗାଁର ପୁରୁଷୋତ୍ତମ ସାହୁ ଓ କଳ୍ପନା ସାହୁଙ୍କ ଚାରିଗୋଟି କନ୍ୟାସନ୍ତାନ ମଧ୍ୟରେ ଶିବାନୀ ଥିଲେ - ସବୁଠୁ ସାନ । ପୁରୁଷୋତ୍ତମ ଥିଲେ - ଓଡିଶା ସରକାର ଙ୍କ ପଶୁ ସଂପଦ ବିଭାଗର ଅବସରପ୍ରାପ୍ତ ପଶୁଧନ

ନିରୀକ୍ଷକ । ଶିବାନୀ ଯେତେବେଳେ ଛୋଟପିଲା ଥିଲେ ହାଇସ୍କୁଲରେ ପଢୁଥିବା ସମୟରେ ମା'ଙ୍କୁ ହରାଇଥିଲେ । ବାପା ତାଙ୍କୁ ଉଚ୍ଚଶିକ୍ଷା ପ୍ରଦାନ କରିଥିଲେ । ସେ +୩ ବିଜ୍ଞାନ (ବି.ଏସ୍‌ସି) ସହିତ ସିଟି ତାଲିମପ୍ରାପ୍ତ ଘରୋଇ ଶିକ୍ଷୟତ୍ରୀ । ସ୍ୱାମୀ ଡକ୍ଟର ମାନସ ନାୟକ - ଓଡିଶା ସରକାର ଙ୍କ ଶିକ୍ଷକ, ଜଣେ ଲେଖକ ଓ ଗବେଷକ ।

ଶାଶୁ ଭାରତୀ ଦେବୀ ସାନବୋହୂ - ଶିବାନୀ କୁ ବେଶୀ ଭଲପାଆନ୍ତି । କାରଣ ସେ ଥିଲେ ଘରକାମରେ ସିଦ୍ଧିହସ୍ତା, ଜଣେ ଆମାୟିକ, ନିଃଅହଙ୍କାରୀ ମଣିଷଟିଏ । ବିବାହର କିଛିଦିନ ପରେ ବାପାଙ୍କୁ ହରାଇଥିଲେ ଶିବାନୀ । ନିଜର ଶାଶୁ ଭାରତୀ ଦେବୀ ଓ ଶଶୁର ରାମଚନ୍ଦ୍ର ଙ୍କୁ ନିଜର ବାପା ଓ ମା' ଭଳି ପାଇ ସେ ଖୁବ୍ ଆନନ୍ଦିତ ।

ଭାରତୀ ଦେବୀ ଜଣେ ଶିକ୍ଷିତା ବୋହୂ - ଶିବାନୀ କୁ ପାଇ ଆନନ୍ଦିତ । ଶିବାନୀ ମଧ୍ୟ ଶାଶୁଙ୍କ ମନକଥା ବୁଝି ସବୁ କାର୍ଯ୍ୟ କରିଥାନ୍ତି । ସ୍ୱାମୀ ମାନସ ଓ ଏକମାତ୍ର ପୁଅ ଜ୍ୟୋତିଆଦିତ୍ୟ (ଆଦି) କୁ ନେଇ ତା'ର ପରିବାର ସର୍ବୋପରି ଶ୍ରୀରାମ ପରିବାର ର ଜଣେ ସଦସ୍ୟା ବୋଲି ଶିବାନୀ ଙ୍କ ଗର୍ବ ଓ ଗୌରବ ଭାବରେ କାର୍ଯ୍ୟକରି ଚାଲିଛନ୍ତି ।

ଭାରତୀ ଦେବୀ ଜଣେ ଶାଶୁମା ଭାବରେ ସର୍ବଦା ନିଜର କର୍ତ୍ତବ୍ୟ ସମ୍ପାଦନା କରିଛନ୍ତି - ଜଣେ ସାଧାରଣ ମଣିଷଟିଏ ଭଳି । ସରଳ, ନିରୀହ, ଆମାୟିକ, ନିଃସ୍ୱାର୍ଥପର ବ୍ୟକ୍ତିତ୍ୱର ଅଧିକାରିଣୀ । ଚାରିଗୋଟି ସନ୍ତାନଙ୍କୁ ଜନ୍ମଦେଇ, ଉପଯୁକ୍ତ ଶିକ୍ଷାଦେଇ, ସଠିକ୍ କର୍ମପ୍ରେରଣା ଦେଇ, ଉପଯୁକ୍ତ ପାତ୍ର, ପାତ୍ରୀ ରେ ବିବାହ ସମାପନ କରି, ବୟସର ଅପରାହ୍ଣରେ ଘର ଚଳାଇବାରେ ଶାଶୁ ମା'ର ଭୂମିକା କୁ ପୂର୍ଣ୍ଣାଙ୍ଗୀକରଣ କରିବାରେ ଭାରତୀ ଦେବୀ ଙ୍କ ଭୂମିକା କୁ କଦାପି ଅସ୍ୱୀକାର କରାଯାଇପାରିବ ନାହିଁ ।

ଶାଶୁମା ଭାରତୀ ଦେବୀ - ତାଙ୍କ ଏକମାତ୍ର ଜ୍ୱାଇଁ ତଥା ତିନି ପୁତ୍ରବଧୂ ଙ୍କ ନିକଟରେ ନିଜର କର୍ମଠ ଜୀବନପାଇଁ ସର୍ବଦା ପ୍ରଶଂସନୀୟ । ତାଙ୍କର ପ୍ରେରଣା ଏମାନଙ୍କୁ ଭବିଷ୍ୟତରେ ଜଣେ ଶାଶୁ ଓ ଶଶୁର ଭାବରେ ଦାୟିତ୍ୱ ନିର୍ବାହରେ ପୂର୍ଣ୍ଣମାତ୍ରାରେ ସହଯୋଗ କରିବ - ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।

## ଆଈ ମା' ଭାରତୀ

ଭାରତୀ ଦେବୀ ଜଣେ ସାଧାରଣ ବ୍ୟକ୍ତିଥିଲେ, ମାତ୍ର ନିଜ ପରିବାର ପାଇଁ ଅସାଧାରଣ ଅଧିକାରିଣୀ ହୋଇଥିଲେ । ନିଜର ଜନ୍ମଲଗ୍ନ ପରେ, ବିନା ଶିକ୍ଷା ଜୀବନ, ଜଣେ ଗୃହିଣୀ ଭାବରେ କର୍ମମୟ ଜୀବନ, ଶିଳ୍ପୀ ରାମଚନ୍ଦ୍ର ଙ୍କୁ ବିବାହ ଜୀବନ, ଚାରିଜଣ ସନ୍ତତି ଓ ସନ୍ତାନ କୁ ନେଇ - ଜନ୍ମ, ଶିକ୍ଷା, କର୍ମ ପ୍ରେରଣା, ବିବାହାଦି ଘରସଂସାର କରିବାରେ ପ୍ରମୁଖ ଭୂମିକାରେ ଭାରତୀ ଦେବୀ ଥିଲେ ମଧ୍ୟ ଜଣେ ନିଃଅହଙ୍କାରୀ, ସାଧାରଣ, ଆମାୟିକ, ସତ୍ୟନିଷ୍ଠ ମହିଳା ଭାବରେ ସେ ସ୍ଥାନୀୟ ଅଞ୍ଚଳରେ ଜଣାଶୁଣା ।

ବୟସର ଅପରାହ୍ନରେ ଭାରତୀ ଦେବୀଙ୍କର ଅନ୍ୟଏକ ପରିଚୟ ଆଣି ଦେଇଥିଲା ତାଙ୍କ ଜୀବନରେ, ତାହା ହେଉଛି - ନାତି, ନାତୁଣୀ ଙ୍କ ଗ୍ରହଣରେ ଜୀବନର ଅବଶିଷ୍ଟ ସମୟ ହସଖୁସିରେ ବିତାଇବା । ସେଥିମଧ୍ୟରୁ ସେ ଦୁଇଗୋଟି ସୋପାନରେ - ଗ୍ରାଣ୍ଡମଦର ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି ।

ପ୍ରଥମତଃ - ଏକମାତ୍ର କନ୍ୟା - ଜୟନ୍ତୀର ଦୁଇଝିଅ ରାଜେଶ୍ୱରୀ (ଲିସା) ଓ ବ୍ରଜେଶ୍ୱରୀ (ଇସା) ର ଆଈମା ଭାବରେ ପରିଚିତ, ତାଙ୍କ ଜୀବନକୁ ଆନନ୍ଦିତ କରିଦେଇଛି । ନାତୁଣୀଙ୍କ ଗ୍ରହଣରେ ଆଈମା ଭାରତୀ ଦେବୀ ହସଖୁସିରେ ସମୟ କାଟିଥାନ୍ତି ।

ଦ୍ୱିତୀୟତଃ - ତିନିଜଣ ପୁଅ - ସୁବାଷ, ପ୍ରକାଶ, ମାନସ ଙ୍କ ପିଲାମାନେ - ସୁବାଷ ର କନ୍ୟା - ତେଜସ୍ୱିନୀ (ଲକି), ପ୍ରକାଶ ର ପୁଅ - ଅଂଶୁମାନ (ରାଜା), ମାନସ ର ପୁଅ - ଜ୍ୟୋତିଆଦିତ୍ୟ (ଆଦି) ର ଜେଜେମା ରୂପରେ ଭାରତୀ ଦେବୀଙ୍କ ହସଖୁସିର ସଂସାର ।

### ରାଜେଶ୍ୱରୀ ଲେଙ୍କା (ଲିସା) -

ଭାରତୀ ଦେବୀଙ୍କର ବଡ ନାତୁଣୀ ରାଜେଶ୍ୱରୀ (ଲିସା) । ଲିସା ର ଆଈ ଭାରତୀ ଦେବୀ । ୨୦୦୫ ମସିହା ଡିସେମ୍ବର ମାସରେ ଲିସାର ଜନ୍ମ ହୋଇଥିଲା - କଟକ ବଡ ଡାକ୍ତରଖାନାରେ । ବାପା ମହେନ୍ଦ୍ର ଓ ମା' ଜୟନ୍ତୀ ଙ୍କର ସେ ଦ୍ୱିତୀୟ ସନ୍ତାନ ଭାବରେ (ପ୍ରଥମ ପୁତ୍ର ସନ୍ତାନଟି ଜନ୍ମପରେ ମରିଯାଇଥିଲା) । କାଳକ୍ରମେ ଜନ୍ମର

ପ୍ରଥମ ଛମାସ ଲିସା ମା' ଜୟନ୍ତୀ ସହିତ ନିଜ ଆଈ ଓ ଅଜା ଙ୍କ ଘରେ ରହିଥିଲା । କାରଣ ମା'ଙ୍କ ଅପରେସନ୍ ଦ୍ୱାରା ଲିସା ଜନ୍ମ ହୋଇଥିବାରୁ ଡାକ୍ତରଙ୍କ କଥାନୁସାରେ ଜୟନ୍ତୀ ଛମାସ ଧରି ବାପାଙ୍କ ଘରେ ରେଷ୍ଟ ନେଇଥିଲେ ।

ଲିସା ନିଜଘର ଓଳକଣାରେ ଦୁଇବର୍ଷ ରହିଲା - ନିଜର ବାପା, ମା', ଜେଜେବାପା, ଜେଜେମା ଙ୍କ ଗ୍ରହଣରେ । ତିନିବର୍ଷ ପରେ ଜୟନ୍ତୀ ୩ୟ ସନ୍ତାନ ଗର୍ଭଧାରଣା ସମୟରେ ଆଈମା ଭାରତୀ ଦେବୀ - ଜୟନ୍ତୀ ଓ ନାତୁଣୀ ଲିସା ଙ୍କୁ ଆଣି ଭୁବନ ଘରେ ସେବାଯତ୍ନ ନେଇଥିଲେ । ସେତେବେଳେ ଲିସାର ଜେଜେବାପା ଓ ଜେଜେମା ଅସୁସ୍ଥ ହୋଇ ପଡିଥିଲେ । ପରବର୍ତ୍ତୀ ସମୟରେ ଜୟନ୍ତୀ ଙ୍କ ଦ୍ୱିତୀୟ କନ୍ୟା ସନ୍ତାନ ବ୍ରଜେଶ୍ୱରୀ (ଇସା) ଜନ୍ମ ନେବାରୁ କଟକ ବଡ ଡାକ୍ତରଖାନାରେ ଅପରେସନ୍ ମାଧ୍ୟମରେ ପୁନର୍ବାର - ଜୟନ୍ତୀ ବାପାଙ୍କ ଘରେ ଡାକ୍ତରଙ୍କ ପରାମର୍ଶକ୍ରମେ ଛମାସ ରେଷ୍ଟ୍‌ନେଲେ ଓ ପରେ ନିଜ ଶଶୁର ଘର ଓଳକଣାକୁ ସାନଝିଅ ଇସା କୁ ନେଇ ଚାଲିଗଲେ । ବଡଝିଅ - ଲିସା ଚାରିବର୍ଷ ବୟସରୁ ବାପା, ମା'ଙ୍କୁ ଛାଡି ଅଜାଘରେ - ଅଜା, ଆଈ, ତିନିଜଣ ମାମୁଁ ଙ୍କ ପାଖରେ ବଢିଲା । ସେତେବେଳକୁ ତିନିଜଣ ମାମୁଁ - ସୁବାଷ, ପ୍ରକାଶ, ମାନସ କେହି ବାହା ହୋଇନଥିବାରୁ ଲିସା ଆଈଘରେ ରହି ସମସ୍ତଙ୍କର ସ୍ନେହ ଆଦରରେ ବଢିଥିଲା ଓ ବଡମାମୁଁ ସୁବାଷ ତା'ର ପ୍ରାକ୍ ପ୍ରାଥମିକ ଶିକ୍ଷା - ଭୁବନର ଅଗ୍ରଣୀ ଶିକ୍ଷାନୁଷ୍ଠାନ ବାଜିରାଉତ ସ୍ମୃତି ବିଦ୍ୟା ମନ୍ଦିର ରେ ନାମ ଲେଖାଇଲେ, ମାମୁଁ ସୁବାଷ - ଭାଣିଜୀ ଲିସା କୁ ନେଇ ପ୍ରତିଦିନ ତାଙ୍କ ସାଇକେଲ କିମ୍ବା ମଟର ସାଇକେଲ ରେ ସ୍କୁଲକୁ ନେଉଥିଲେ ଓ ଆଣୁଥିଲେ । ଲିସା ସେଠାରେ ପ୍ରାକ୍ ପ୍ରାଥମିକ - ୨ ବର୍ଷ ଓ ପ୍ରଥମ ରୁ ସପ୍ତମ - ୭ ବର୍ଷ, ଏହିପରି ୯ ବର୍ଷ ପାଠ ପଢିବା ପରେ ଲିସାର ଅଷ୍ଟମ ଶ୍ରେଣୀରେ ନାମଲେଖା ହେଲା - ଭୁବନ ବାଳିକା ହାଇସ୍କୁଲରେ । ତା'ପରେ ବଡମାମୁଁ ସୁବାଷ ର ସ୍ଥାୟୀ ଅଧ୍ୟାପକ - ଢେଙ୍କାନାଳ ରେ ଚାକିରୀ କରିବା ଦ୍ୱାରା - ସାନମାମୁଁ ଶିକ୍ଷକ ମାନସ - ଲିସା ର ସମସ୍ତ ଶିକ୍ଷା ଦାୟିତ୍ୱ ନେଲେ । ସେ ନିଜେ ମଧ୍ୟ ତା'ର ଘରୋଇ ଟିୟୁସନ୍‌ରେ ଲିସାକୁ ଟିୟୁସନ୍ କଲେ । ଲିସା - ଅଷ୍ଟମ, ନବମ ଶ୍ରେଣୀ ପାସ୍‌କରି ବର୍ତ୍ତମାନ ଦଶମ ଶ୍ରେଣୀର ଛାତ୍ରୀ ।

ଆଈ ଭାରତୀ ଦେବୀ - ଲିସା ର ସମସ୍ତ ଦାୟିତ୍ୱ ନେଉଥିଲେ । ମଝିଆଁ ମାମୁଁ ପ୍ରକାଶ - ଲିସା କୁ ଭଲଭଲ ଡ୍ରେସ୍ ଆଣି ଦେଉଥିଲେ । ଅଜା ରାମଚନ୍ଦ୍ର ଲିସା କୁ ଭଲଭଲ ଖାଦ୍ୟ ଆଣି ଦେଉଥିଲେ । ମଝିରେ ମଝିରେ ଭୁବନର ପର୍ବପର୍ବାଣୀରେ ଲିସା ର ବାବା ଓ ମାମା ଆସି ଲିସା କୁ ଦେଖିକରି ଯାଆନ୍ତି ।

ପରବର୍ତ୍ତୀ ସମୟ ଗୁଡିକରେ - ଲିସା ର ତିନିଜଣ ମାମୁଁ - ସୁବାଷ, ପ୍ରକାଶ ଓ ମାନସ ବିବାହ କରିଲେ - ତିନିଜଣ ମାଇଁ - ତୁଳସୀ (ଟିକି), ସୁପ୍ରଭା (ନିନି), ଶିବାନୀ (ମାନି) ସର୍ବୋପରି ସେମାନଙ୍କର ପିଲାମାନେ - ଝିଅ - ତେଜସ୍ୱିନୀ (ଲକି), ଦୁଇପୁଅ - ରାଜା ଓ ଆଦି ସହ ବଡଭଉଣୀ ଲିସା ଖେଳକୁଦ କରି ଆଈ ଭାରତୀ ଦେବୀଙ୍କ ଘରେ ରହିଥାଏ ।

**ବ୍ରଜେଶ୍ୱରୀ ଲେଙ୍କା (ଇସା) -**

ଭାରତୀ ଦେବୀଙ୍କର ଅନ୍ୟଏକ ନାତୁଣୀ - ବ୍ରଜେଶ୍ୱରୀ ଲେଙ୍କା (ଇସା) - ଭାରତୀ ଙ୍କ ଏକମାତ୍ର କନ୍ୟା - ଜୟନ୍ତୀ ଓ ଜ୍ୱାଇଁ - ମହେନ୍ଦ୍ର ଲେଙ୍କା ଙ୍କ ଦୁଇକନ୍ୟା ମଧ୍ୟରେ ସର୍ବକନିଷ୍ଠା କନ୍ୟା । ଇସାର ଜନ୍ମ - କଟକ ବଡ ଡାକ୍ତରଖାନାରେ - ଅପ୍ରେସନ୍ ମାଧ୍ୟମରେ । ଆଈମା ଭାରତୀ ଦେବୀ ତା'ର ଜନ୍ମ ପରେପରେ ଝିଅ - ଜୟନ୍ତୀ ଙ୍କୁ ଡାକ୍ତରଙ୍କ ପରାମର୍ଶକ୍ରମେ ଭୁବନରେ ତାଙ୍କ ଘରେ ଛମାସ ଆଣି ରଖିଥିଲେ, ଜୟନ୍ତୀ ଙ୍କ ରେଷ୍ଟ୍ ଦରକାର ଥିଲା । ପରେପରେ ଜୟନ୍ତୀ ଦୁଇକନ୍ୟାକୁ ଆଧାରକରି ଅପରେସନ୍ ହୋଇ ଓଡିଶା ସରକାର ଙ୍କ ଦୁଇ ସନ୍ତାନ ନୀତିରେ ଫାମିଲି ପ୍ଲାନିଙ୍ଗ୍ ଅପରେସନ୍ ଦ୍ୱାରା ଗ୍ରୀନ୍‌କାର୍ଡ ହୋଲଡର ହେଲେ ।

ଇସା କାଳକ୍ରମେ ବଡହୋଇ - ତାଙ୍କ ଗାଁର ଘରପାଖ - ନୀଳକଣ୍ଠପୁର ପ୍ରାଥମିକ ବିଦ୍ୟାଳୟରେ ପାଠ ପଢିଲା । ବାପା, ମା' ତାକୁ ବହୁତ ଭଲପାଆନ୍ତି । ସେଠାରୁ ଚଳିତବର୍ଷ ପଞ୍ଚମ ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇ ଗାଁ ନିକଟର - ଓଳକଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଷଷ୍ଠ ଶ୍ରେଣୀରେ ଚଳିତବର୍ଷ ନାମ ଲେଖାଉଛି । ଲିସା ମଧ୍ୟ ଛୁଟିରେ ରଜ କିମ୍ବା ଦଶହରା ରେ ଆଈଘର ଭୁବନ ଆସିଥାଏ । ଆଈ ମଧ୍ୟ ବେଳେବେଳେ ତାଙ୍କ ଘର ଓଳକଣା ଯାତ୍ରା

ଦୋଳ ମେଲଣକୁ ଯାଆନ୍ତି । ମାମୁଁମାନେ ମଧ୍ୟ ଇସା କୁ ସାହାଯ୍ୟ କରିଥାନ୍ତି ।

ଦୁଇ ନାତୁଣୀକୁ ଆଈମା ଭାରତୀ ଦେବୀ ନିଜର ବାସ୍‌ଲ୍ୟ ପ୍ରେମରେ ବାନ୍ଧି ରଖିଛନ୍ତି । ସେ ପ୍ରେମ ନାତୁଣୀ ଓ ଆଈର ।

## ଜେଜେମା ଭାରତୀ

ପ୍ରତ୍ୟେକ ନାରୀ ଏ ସମାଜରେ ଚାହିଁଥାନ୍ତି ବିବାହ କରି ଘରସଂସାର କରିବାକୁ । ନିଜର ସମସ୍ତ ଜନ୍ମିତ - ପୁଅ, ଝିଅ ଙ୍କୁ ଉପଯୁକ୍ତ ଶିକ୍ଷା, କର୍ମ ଓ ଉପଯୁକ୍ତ ପାତ୍ର, ପାତ୍ରୀ ଦେଖି ବିବାହ କରାଇ ଭାବିଥାନ୍ତି - ନିଜ ଜୀବନର କାମ ସରିଗଲା ବୋଲି, ହଁ ତାଙ୍କର କାମ ସରିଯାଇଛି ସତ ମାତ୍ର ତାଙ୍କ ଜୀବନରେ ନିଜ ପରିବାର ର ଉତ୍ତରାଧିକାରୀ ଦେଖିବାକୁ ଅର୍ଥାତ୍ ସେମାନଙ୍କର ପୁତ୍ରର ପୁତ୍ର ଜନ୍ମକୁ (ମାନେ ନିଜର ନାତି) ମାନଙ୍କୁ ଦେଖିଥାନ୍ତି । ଅର୍ଥାତ୍ ସେମାନେ ଜେଜେମା ହୋଇଥାନ୍ତି । ପୁତ୍ରର କନ୍ୟାକୁ ମଧ୍ୟ ସେ ନିଜର ଜେଜେମା ର ସୁଖ, ପ୍ରେମ ପ୍ରଦାନ କରିଥାନ୍ତି ।

ଏ କ୍ଷେତ୍ରରୁ - ଭାରତୀ ଦେବୀ ବା ବଞ୍ଚିତ ହେବେ କିପରି - ନିଜ କନ୍ୟାର ଝିଅଦୁଇଟା ପାଖରେ - ଆଇମା ର ଭୂମିକା ନିଭାଇ ପରିଶେଷରେ ନିଜ ତିନିପୁଅ - ସୁବାଷ ର କନ୍ୟା - ତେଜସ୍ୱିନୀ (ଲକି), ପ୍ରକାଶ ର ପୁତ୍ର - ଅଂଶୁମାନ (ରାଜା) ଓ ମାନସ ର ପୁତ୍ର - ଜ୍ୟୋତିଆଦିତ୍ୟ (ଆଦି) - ଏକମାତ୍ର ନାତୁଣୀ ଓ ଦୁଇନାତି ଙ୍କର ଜେଜେମା ଭୂମିକାରେ ଭାରତୀ ଦେବୀ ବର୍ତ୍ତମାନ ସେବକ ।

### ତେଜସ୍ୱିନୀ ନାୟକ (ଲକି) -

ରାମଚନ୍ଦ୍ର ଓ ଭାରତୀ ଦେବୀଙ୍କ ନାତୁଣୀ ଲକି । ବଡପୁଅ ସୁବାଷ ଓ ବୋହୂ ତୁଳସୀ ର ଏକମାତ୍ର କନ୍ୟା - ତେଜସ୍ୱିନୀ । ଐତିହାସିକ କଟକ ସହର ର ଚାଉଳିଆଗଞ୍ଜ ନିବାସୀ ସୁରେନ୍ଦ୍ର ସାହୁ ଓ ସୁଭଦ୍ରା ସାହୁ - ଲକି ର ଅଜା ଓ ଆଈ । ୧୫ ଡିସେମ୍ବର, ୨୦୧୭ ମସିହାରେ ଲକି ର କଟକ ବଡ ଡାକ୍ତରଖାନାରେ ଜନ୍ମ । ମାମା ତୁଳସୀ ଦେବୀଙ୍କ ଅପ୍ରେସନ୍‌ରେ ଲକି ଜନ୍ମ ନେଇଥିବାରୁ - ଜେଜେମା ଡାକ୍ତରଖାନାରେ ଆଠଦିନ ତଥା ଦୀର୍ଘ ଛମାସ ଧରି ନାତୁଣୀ ଓ ବୋହୂ ମା'କୁ ସେବାଯତ୍ନ କରିଥିଲେ ।

ତେଜସ୍ୱିନୀ ମାର୍ଗଶିର ମାସ ଶେଷ ଗୁରୁବାର ଭୋର ୪ଟା ୧୪ରେ ଜନ୍ମ ହୋଇଥିବାରୁ - ବାବା ସୁବାଷ ତା'ର ନାମ ଦେଇଥିଲେ - ଲକି (ଡାକନାମ), ଜେଜେବାପା, ଜେଜେମା, ମାମା, ବାପା, ଦାଦା, ଖୁଡି, ପିଉସୀ, ପିଉସା, ଲିସା, ଇସା ନାନୀ ତଥା

ରାଜାଭାଇ, ସାନଭାଇ ଆଦି ର ସମ୍ପର୍କରେ ଲକି ବଡହେବାରେ ଲାଗିଲା । ଜେଜେମା ଓ ମାମା ର ସେବାରେ ସ୍ୱାସ୍ଥ୍ୟ ବର୍ଦ୍ଧକ ହେଲା ।

ଲକି ଧିରେଧିରେ ଚାଲିବା, କହିବା ଆରମ୍ଭ କରିଦେଲା । ସେ ରଙ୍ଗବେରଙ୍ଗର ପୋଷାକ ପିନ୍ଧିବାକୁ ଭଲପାଏ । ଅଜାଘର କଟକ ସହରକୁ ଗଲେ ଲକି ସେଠାରେ - ଅଜା, ଆଇ, ମାଉସୀ ଓ ମାମୁଁ ର ଗ୍ରହଣରେ ଖେଳକୁଦ କରି ସମୟ ବିତାଇଥାଏ ।

ଲକି ତା'ର ଜେଜେମା ଭାରତୀ ଦେବୀଙ୍କର ନୟନ ପିତୁଳା ।

**ଅଂଶୁମାନ ନାୟକ (ରାଜା) -**

ଭାରତୀ ଦେବୀଙ୍କର ଅନ୍ୟତମ ନାତି ରାଜା (ମଧ୍ୟମପୁଅ ପ୍ରକାଶ ଓ ବୋହୂ ସୁପ୍ରଭା) ର ପୁଅ । କଟକ ବଡ ଡାକ୍ତରଖାନାରେ ତା'ର ଜନ୍ମ । ମା' - ବାଲେଶ୍ୱରସ୍ଥ ସରକାରୀ ଉ.ପ୍ରା. ସ୍କୁଲରେ ଶିକ୍ଷୟତ୍ରୀ ଥିଲେ ଓ ପରେ ଭୁବନକୁ ବଦଳି ହୋଇ ଆସିଲେ । ମାମା ସୁପ୍ରଭା ଯେତେବେଳେ ସ୍କୁଲ ଯାଉଥିଲେ ସେହି ସମୟରେ ରାଜା ର ସଂପୂର୍ଣ୍ଣ ଦାୟିତ୍ୱ - ଜେଜେମା ଭାରତୀ ଦେବୀ ଓ ବଡମାମା ତୁଳସୀ ବୁଝାବୁଝି କରୁଥିଲେ ।

କାଳକ୍ରମେ ରାଜା କଥା କହିବା, ଚାଲିବା କରି ବର୍ତ୍ତମାନ - ଅଙ୍ଗନାୱାଡି କେନ୍ଦ୍ର (ବଡହାଟ)ରେ ପ୍ରାକ୍ ପ୍ରାଥମିକ ଶିକ୍ଷା ଗ୍ରହଣ କରୁଅଛି ।

ରାଜା - ଜେଜେବାପା ରାମଚନ୍ଦ୍ର ଙ୍କ ନୟନ ପିତୁଳା । ସେ ସଦାସର୍ବଦା ଜେଜେଙ୍କୁ ଔଷଧ ଖାଇବା ସମୟରେ ପାଣି ବଢାଇ ଦେଇଥାଏ ।

ରାଜା ମଧ୍ୟ ଅଜାଘର ବାଲେଶ୍ୱର ଟାଉନ୍‌ରେ - ଅଜା, ଆଇ, ମାମୁଁ, ମାଇଁ, ମଉସା, ମାଉସୀ ଙ୍କର ସ୍ନେହ ଆଦର ପାଇଥାଏ ।

ରାଜା ର ଜୀବନ ପରିଧିରେ ଜେଜେମା ଭାରତୀ ଦେବୀଙ୍କର ଭୂମିକା ଅନସ୍ୱୀକାର୍ଯ୍ୟ

**ଜ୍ୟୋତିଆଦିତ୍ୟ ନାୟକ (ଆଦି) -**

ଭାରତୀ ଦେବୀଙ୍କର ନୟନର ମଣି - ଆଦି, ସାନପୁଅ ମାନସ ଓ ଶିବାନୀ ର ପୁଅ । ଢେଙ୍କାନାଳ ସରକାରୀ ଡାକ୍ତରଖାନାରେ ଜନ୍ମ । ଅଜାଘର ଢେଙ୍କାନାଳ ର ରାସୋଳ

ଗାଁରେ । ଆଇ ବହୁତ ପୂର୍ବରୁ ସଂସାରରୁ ଚାଲିଯାଇଥିଲେ, ରାଜା ସଂସାରକୁ ଆସିବା ପୂର୍ବରୁ - ଅଜା ମଧ୍ୟ ସଂସାରରୁ ଚାଲିଯାଇଥିଲେ ।

ତିନିମାଉସୀ, ମଉସା, ଏକମାମୁଁ ଙ୍କ ପରସରେ ରାଜା ବଢିଆସିଛି । ଏଠାରେ ମଧ୍ୟ ଜେଜେବାପା, ଜେଜେମା, ଦୁଇ ବଡବାପା, ବଡମା, ବାବା, ମାମା ସର୍ବୋପରି ବଡନାନୀ ଲିସା, ଲକି ତଥା ଭାଇ ରାଜା ର ପରସରେ ଆଦି ବଡ ହେବାରେ ଲାଗିଛି ।

ଧିରେଧିରେ - ଆଦି କଥା କହିବା, ଚାଲିବା ଦ୍ୱାରା ତା'ର ଦୁଷ୍ଟାମୀ ବଢିଚାଲିଲା । ସଦାସର୍ବଦା ଜେଜେମା ଭାରତୀ ଦେବୀ ତା'ପ୍ରତି ଦୃଷ୍ଟି ରଖିଥାନ୍ତି ।

ଆଦି ଥିଲା - ବାପା, ମାମା ଙ୍କର ଏକଇଲ ବେଲା ବିଶିକେସନ । ସୁଷମ ଖାଦ୍ୟ, ଉପଯୁକ୍ତ ସ୍ୱାସ୍ଥ୍ୟ, ଭଲ ପୋଷାକ ଆଦି କୁ ଦେବାରେ ବାପାଙ୍କ ଭୂମିକା କୁ ଅଣଦେଖା କରାଯାଇପାରିବ ନାହିଁ ।

ଅଧିନ ସୁବାଷ - ମୋର ମାତୃଭାଷା - ଓଡିଆ ସାହିତ୍ୟର ଜଣେ ସେବକ, ସୁଦୀର୍ଘ ସାହିତ୍ୟର ପରମ୍ପରାରେ ଭାରତ ସରକାର ଓଡିଆ ଭାଷାକୁ ଶାସ୍ତ୍ରୀୟ ଭାଷାରେ ମାନ୍ୟତା ପ୍ରଦାନ କରିଅଛନ୍ତି ।

ଓଡିଆ ସାହିତ୍ୟ ଆଜି ଭାରତୀୟ ସାହିତ୍ୟ କାହିଁକି ବିଶ୍ୱସାହିତ୍ୟରେ ମଧ୍ୟ ସୁନାମ ଅର୍ଜନ କରିପାରିଅଛି । ଓଡିଆ ସାହିତ୍ୟିକ ମାନେ ଭାରତୀୟ ସାହିତ୍ୟ ତଥା ବିଶ୍ୱସାହିତ୍ୟର ଅନେକ ପୁସ୍ତକ କୁ ଓଡିଆ ଭାଷାରେ ଅନୁବାଦ କାର୍ଯ୍ୟକରି ବିଶ୍ୱର କୋଣ ଅନୁକୋଣରେ ଥିବା ଓଡିଆପ୍ରେମୀ ଙ୍କ ନିକଟରେ ପହଞ୍ଚାଇ ପାରୁଛନ୍ତି ।

ଓଡିଆ ସାହିତ୍ୟର ବିକାଶ ଧାରାରେ - ଓଡିଆ ଉପନ୍ୟାସ ସାହିତ୍ୟର ଅବଦାନ ଅତୁଳନୀୟ । ମୁଁ ଜଣେ ସାଧାରଣ ସାହିତ୍ୟ ସାଧକ । ଏକ ନାରୀ କେନ୍ଦ୍ରୀକ ଉପନ୍ୟାସ ରଚନା କରିବାରେ ପ୍ରୟାସରେ ଏକ ଦୃଷ୍ଟତା ଅବଲମ୍ବନ କରିଅଛି । ମୋର ଉପନ୍ୟାସ ମୋର ଜନନୀ ଜନ୍ମଦାତ୍ରୀ - ଭାରତୀ ଦେବୀ, ତାଙ୍କର ଜୀବନୀକୁ କିପରି ସେ ଅନ୍ୟମାନଙ୍କ ପାଇଁ ଉତ୍ସର୍ଗୀକୃତ ଜୀବନ ବିତାଇଛନ୍ତି - ସତେଅବା ନାରୀ ସିଏ ନୁହେଁ ନାରାୟଣୀ

ରୂପରେ - ତାହାକୁ ଏ ଅଧିନ ପୁଅ **ସରଚରେ** ଉପନ୍ୟାସଟିରେ ବର୍ଣ୍ଣିତ କରିଅଛି ।

ଓଡିଆ ପାଠକର ସୁଖପାଠ୍ୟ ହୋଇପାରିଲେ ମୋ ଉପନ୍ୟାସ ରଚନାଟିର ସାର୍ଥକତା ରହିବ ବୋଲି ମୋର ଆଶା ଓ ବିଶ୍ୱାସ ।

# ଫଟୋର ଝଲକ ରେ

# ଭାରତୀ ଦେବୀ




ନାୟକ ପରିବାର ରେ ଭାରତୀ ଦେବୀ
ପିଉସୀଶାଶୁ - ଲବଣୀଦେବୀ, ଦେଢଶ୍ବଶୁର, ସ୍ବାମୀ, ଦିଅର,
ଯା ମାନେ, ପୁଅ, ଝିଅ, ପୁତୁରା, ଝିଆରୀ ଓ ନାତୁଣୀ ଗ୍ରହଣରେ ।



ତିନିଭଉଣୀ ଙ୍କ ଗ୍ରହଣରେ ଭାରତୀ ଦେବୀ
ବଡନାନୀ - ସୀତା, ଗୋଡି ଓ ବାସନ୍ତୀ ।



ଶ୍ରୀରାମ ପରିବାର ରେ ଭାରତୀ ଦେବୀ
ସ୍ୱାମୀ, ତିନିପୁଅ ଓ ଏକ ଝିଅ ଙ୍କ ସହିତ ।



ତିନିପୁଅ, ସ୍ୱାମୀ, ନାତୁଣୀ - ଲିସା,
ଝିଅ, ଜ୍ୱାଇଁ ଙ୍କ ଗ୍ରହଣରେ ଭାରତୀ ଦେବୀ ।



ସ୍ୱାମୀ - ରାମଚନ୍ଦ୍ର ଙ୍କ
ଗ୍ରହଣରେ ଭାରତୀ ଦେବୀ ।



ସ୍ୱାମୀ - ରାମଚନ୍ଦ୍ର ଓ ବଡପୁଅ - ସୁବାଷ ଙ୍କ
ଗ୍ରହଣରେ ଭାରତୀ ଦେବୀ ।



ଭାରତୀ ଦେବୀ ଙ୍କ ଝିଅ ଓ ଜ୍ୱାଇଁ ଙ୍କ ସହିତ
ତିନିଜଣ ପୁଅ ।



ଭାରତୀ ଦେବୀ ଙ୍କ ପୁଅ - ସୁବାଷ ଓ
ବୋହୂ - ତୁଳସୀ ।



ଭାରତୀ ଦେବୀ ଙ୍କ ଝିଅ - ଜୟନ୍ତୀ ଓ
ଜ୍ୱାଇଁ - ମହେନ୍ଦ୍ର ବିବାହ ବେଦିରେ ।



ଆଈମା - ଭାରତୀ ଦେବୀ
ତାଙ୍କ ବଡନାତୁଣୀ - ଲିସା କୁ ଏକୋଇଶ ଦିନରେ ଖେଳାଉଛନ୍ତି ।



ଭାରତୀ ଦେବୀ - ବଡପୁଅ ସୁବାଷ ର
ବିବାହ ଉତ୍ସବରେ ।



ଭାରତୀ ଦେବୀ - ମଧ୍ୟମପୁଅ ପ୍ରକାଶ ର
ବିବାହ ଉତ୍ସବରେ ।




ଭାରତୀ ଦେବୀ - ସାନପୁଅ ମାନସ ର
ବିବାହ ଉତ୍ସବରେ ।



ଭାରତୀ ଦେବୀ - ସାନପୁଅ ମାନସ ର ପୁଅ
ନାତି - ଆଦି ର ପ୍ରଥମ ଜନ୍ମବାର୍ଷିକରେ ।



ଭାରତୀ ଦେବୀଙ୍କ ଆଲୋକ ବର୍ତ୍ତିକା ■ ଡକ୍ଟର ସୁବାଷ ନାୟକ

ଡକ୍ଟର ସୁବାଷ ନାୟକଙ୍କ ସାରସ୍ୱତ ଜଗତ ମଧ୍ୟରେ ଏକ ଦୁର୍ଲଭ ସୃଷ୍ଟି 'ଭାରତୀ ଦେବୀ' ଏକ ନାରୀ କୈନ୍ଦ୍ରିକ ଉପନ୍ୟାସ। ନିଜର ଜନ୍ମଦାତ୍ରୀ ମା ଭାରତୀଙ୍କ ଜୀବନୀକୁ ଉପନ୍ୟାସର ରୂପ ଦେବା କିଛି କମ କଥା ନୁହେଁ। ଭାରତୀ ଦେବୀ ନିଜ ପରିବାରର ଭାରକୁ ନିଜ ହାତରେ ନେଇ ସମାଜ ପାଇଁ ଏକ ପ୍ରେରଣାଦାୟୀ ସାଜିଛନ୍ତି। ଏହା ଏ ଉପନ୍ୟାସର ମୂଳ ପିଣ୍ଡ। ନିଜ ମାଙ୍କ ଜୀବନୀକୁ ସାହିତ୍ୟର ରୂପ ଦେବାରେ ସୁପୁତ୍ର ଡକ୍ଟର ନାୟକଙ୍କ ମହତ କାର୍ଯ୍ୟ ସର୍ବଦା ସ୍ମରଣୀୟ ହୋଇ ରହିବ।

- ପ୍ରକାଶକ

ପ୍ରକାଶନ ଆନନ୍ଦଧାରା? 

9 789391 727192